

॥ ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭଃ ॥
॥ ନିର୍ବିଘ୍ନଂ କୁରୁମେ ଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା ॥


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-81 ◆MONDAY ◆14 SEPTEMBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୮୧ ◆ସୋମବାର ◆୧୪ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୬.୬ କୋଟି ବର୍ଷ ତଳର ଡାଇନୋସର ଜୀବାଶ୍ମ ଭିତରେ ପକ୍ଷୀର ଅକ୍ଷତ ପର

**ବୈଜ୍ଞାନିକ ବିସ୍ମିତ**

■ ୱାସିଂଟନ୍, ୧୩।୯ (ଏଜେନ୍ସି): ଡାଇନୋସରର ଜୀବାଶ୍ମୀଭୂତ ମଳ ଭିତରୁ ବୈଜ୍ଞାନିକମାନେ ପାଇଛନ୍ତି ପ୍ରାୟ ୬.୬ କୋଟି ବର୍ଷ ପୁରୁଣା ଏକ ପକ୍ଷୀର ପର। ଏହି ଅସାଧାରଣ ଜୀବାଶ୍ମ ଆବିଷ୍କାର ଡାଇନୋସର ଯୁଗର ଶେଷଭାଗରେ ଘଟିଥିବା ବ୍ୟାପକ ବିଲୁପ୍ତିରେ କାହିଁକି କେତେକ ପକ୍ଷୀ ବଞ୍ଚିଗଲେ, ତାହା ଅନୁଧ୍ୟାନ ନିମନ୍ତେ ବୈଜ୍ଞାନିକମାନଙ୍କୁ ନୂଆ ଦିଶା ଦେଇଛି। କରେଣ୍ଟ ବାୟୋଲୋଜି ପତ୍ରିକାରେ ଏହି ଗବେଷଣାର ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି।

ଆମେରିକାର ମଣ୍ଟାନା ଅଞ୍ଚଳର ହେଲ୍ କ୍ରିକ୍ ଫର୍ମେସନ୍ରୁ ଏହି ଜୀବାଶ୍ମ ମିଳିଛି। ବୈଜ୍ଞାନିକ ଡେଭିଡ୍ ଡିମାର୍ ଜୁନିଅର୍ ମାଛର ଜୀବାଶ୍ମ ଖୋଜୁଥିବା ସମୟରେ ଏକ ଗାଢ଼ ଲାଲ-ବାଦାମୀ ରଙ୍ଗର ପଥର ସଦୃଶ ନମୁନା ଦେଖିଥିଲେ। ଏହାର ଆକାର ପ୍ରାୟ ଗଲ୍ଫ ବଲ୍ର ଅଧା ଥିଲା। ହାତରେ ଥିବା ଲେନ୍ସରେ ଯାଞ୍ଚ କରିବା ବେଳେ ତାହାର ଉପରେ ଏକ କ୍ଷୁଦ୍ର ଜୀବାଶ୍ମ ପର ଦେଖିଥିଲେ। ପରେ ଗବେଷଣାରୁ ଜଣାପଡ଼ିଥିଲା ଯେ ଏହା ଜୀବାଶ୍ମୀଭୂତ ମଳ ବା 'କପ୍ରୋଲାଇଟ୍'। ଗବେଷକମାନେ ନମୁନାର ଖଣିଜ ଗଠନ ଅଧ୍ୟୟନ କରିବା ସହିତ ସିଟି ସ୍କାନ୍ କରିଥିଲେ। ପରଗୁଡ଼ିକ ହେସ୍ପେରୋର୍ନିଥିଫର୍ମ୍ସ ନାମକ ବିଲୁପ୍ତ ଜଳଚର ପକ୍ଷୀ ବର୍ଗର। ଏହି ପକ୍ଷୀ ବିଶେଷ ଉଡ଼ିପାରନ୍ତିନି ନାହିଁ, ମାତ୍ର ପାଣି ଭିତରକୁ ବୁଡି ମାଛ ଶିକାର କରନ୍ତି।

ବୈଜ୍ଞାନିକମାନଙ୍କ ମତରେ ପ୍ରାୟ ୬.୬ କୋଟି ବର୍ଷ ପୂର୍ବେ ଏକ ବିଶାଳ ଧୂମକେତୁ ଧକ୍କାରେ ବହୁ ପରିମାଣର ଧୂଳି ଓ ▶ପୃଷ୍ଠା-୭



### ନୂଆଦିଲ୍ଲୀ ବ୍ରିକ୍ସ ସମ୍ମିଳନୀ ଉଦ୍ଯାପିତ; ବିଶ୍ୱ ନେତାଙ୍କୁ ମୋଦୀଙ୍କ ଆହ୍ୱାନ

# ପ୍ରଯୁକ୍ତି ଓ ବିରଳ ଖଣିଜର ଅସ୍ତ୍ରୀକରଣ ନ ହେଉ

■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀ ଆଜି ଶେଷ ହୋଇଛି। ଏଥିରେ ୨୧ଟି ଦେଶର ନେତା ଯୋଗଦେଇଥିଲେ। ବ୍ରିକ୍ସର ୧୧ ସଭ୍ୟ ରାଷ୍ଟ୍ର ସହିତ ୧୦ଟି

**ଆଉ ଚଳିବନି 'ଜୋର୍ ଯାହାର ମୁଲକ ତାର': ଚୀନ ରାଷ୍ଟ୍ରପତି**

ପାର୍ଟନର ଦେଶର ନେତାମାନେ ମଧ୍ୟ ଭାଗ ନେଇଥିଲେ। ସମ୍ମିଳନୀ ଶେଷ ହେବାପରେ ନେତମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛନ୍ତି।

ସମ୍ମିଳନୀର ଅନ୍ତିମ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜର ଅସ୍ତ୍ରୀକରଣକୁ ନେଇ ବଢୁଥିବା ବିପଦ ସଂପର୍କରେ ଚୋତବନା ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ପ୍ରବୃତ୍ତି ବିଶ୍ୱର ସାମୂହିକ ପ୍ରଗତି ଓ ସମୃଦ୍ଧିରେ ବାଧା ସୃଷ୍ଟି କରିପାରେ।




ବିଶ୍ୱରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥିବାରୁ ଏହାର ମୁକାବିଲା ପାଇଁ ବ୍ରିକ୍ସ ଦେଶଗୁଡ଼ିକୁ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱ ସୁବିୟାନ୍ତୋଙ୍କ ସମେତ ବ୍ରିକ୍ସ ଦେଶଗୁଡ଼ିକର ଶୀର୍ଷ ନେତାମାନେ ଉପସ୍ଥିତ ଥିଲେ। ବ୍ରିକ୍ସରେ 'ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀତ୍ୱ' ଏହି ୪ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଥିବା ମୋଦୀ କହିଥିଲେ। ମହାମାରୀ, ଜଳବାୟୁଜନିତ ବିପର୍ଯ୍ୟୟ ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ଭଳି ଘଟଣାରୁ ସ୍ପଷ୍ଟ ହୋଇଛି ଯେ ଆଜିର ପରସ୍ପର ନିର୍ଭରଶୀଳ ବିଶ୍ୱରେ କୌଣସି ସଙ୍କଟ କେବଳ ଗୋଟିଏ ଅଞ୍ଚଳ ମଧ୍ୟରେ ସୀମିତ ରହେ ନାହିଁ। ଏହି କାରଣରୁ ବ୍ରିକ୍ସ ଗୋଷ୍ଠୀ ମଧ୍ୟରେ ସ୍ଥିରତା ଓ ପ୍ରତିରୋଧକ କ୍ଷମତା ବଢ଼ାଇବା ଉପରେ ଭାରତ ଗୁରୁତ୍ୱ ଦେଇଥିବା ସେ କହିଥିଲେ।

ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ଜିନ୍ପିଙ୍ଗ କହିଥିଲେ ▶ପୃଷ୍ଠା-୭

## ୨୦୨୯ ପୂର୍ବରୁ ସବୁ ଏନ୍ଡିଏ ଶାସିତ ରାଜ୍ୟରେ ୟୁସିସି: ଶାହ

■ ମୁମ୍ବାଇ, ୧୩।୯ (ଏଜେନ୍ସି): ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍ଡିଏ ଶାସିତ ସମସ୍ତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ତେବେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ପ୍ରସ୍ତୁତି ସମ୍ପର୍କରେ ଏବେ ବି ସହଯୋଗୀ ଦଳ ଓ ବିଭିନ୍ନ ଗୋଷ୍ଠୀ ସହ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି। ଏଠାରେ ଆଜି ସାମ୍ବାଦିକମାନଙ୍କ ସହ ଆଲୋଚନା ବୋଳେ ଶ୍ରୀ ଶାହା କହିଛନ୍ତି ଯେ ବିଜେପିର ସଂକଳ୍ପ ଅନୁଯାୟୀ ଏନ୍ଡିଏ ଶାସିତ ସମସ୍ତ ୨୧ଟି ରାଜ୍ୟରେ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ୟୁସିସି ଲାଗୁ କରାଯିବ।



**ଏନ୍ଆର୍ସି ନେଇ ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା ଜାରି**

**ଓଡ଼ିଶାରେ ୟୁସିସିକୁ ବିରୋଧ କରୁଛନ୍ତି ଆଦିବାସୀ ସମ୍ପ୍ରଦାୟ**

କିଛି ରାଜ୍ୟ ଇତିମଧ୍ୟରେ ୟୁସିସି ଲାଗୁ କରି ସାରିଛନ୍ତି ଓ କିଛି ରାଜ୍ୟରେ ଏହି ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।

ବିଜେପିର ୨୦୨୪ ନିର୍ବାଚନ ଇସ୍ତାହାରରେ ୟୁସିସି କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା। ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଭଳି ବ୍ୟକ୍ତିଗତ ଆଇନ ସମ୍ପର୍କିତ ବ୍ୟବସ୍ଥାକୁ ଧର୍ମ ନିର୍ବିଶେଷରେ ସମାନ କରିବା ୟୁସିସିର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଦେଶର ବିଭିନ୍ନ ଆଦିବାସୀ ସମୁଦାୟର ପାରମ୍ପରିକ ଆଇନ, ପ୍ରଥା ଓ ସାଂସ୍କୃତିକ ପରିଚୟକୁ ନେଇ ଉଠୁଥିବା ପ୍ରଶ୍ନ ମଧ୍ୟ ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରୁଛି। ୟୁସିସିରୁ ଅନୁସୂଚିତ ଜନଜାତିଙ୍କୁ ବାଦ୍ ଦିଆଯାଇଥିବାରୁ ସେମାନଙ୍କ ପାରମ୍ପରିକ ପ୍ରଥା ଓ ସାମାଜିକ ପରିଚୟ ସୁରକ୍ଷିତ ରହିବ ବୋଲି କୁହାଯାଇଛି। ତେଣୁ ବିଭିନ୍ନ ରାଜ୍ୟରେ ଆଇନର ପ୍ରୟୋଗ ସମୟରେ ସ୍ଥାନୀୟ ସାମାଜିକ ଓ ଆଦିବାସୀ ପରିସ୍ଥିତିକୁ କିଭଳି ବିଚାର କରାଯିବ, ତାହା ଉପରେ ମଧ୍ୟ ନଜର ରହିବ ବୋଲି ମନେ କରାଯାଉଛି। ଓଡ଼ିଶାରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ୟୁସିସିକୁ ▶ପୃଷ୍ଠା-୭

## ମହଙ୍ଗା ହେବ ବ୍ୟାଙ୍କ ଋଣ !

■ ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଆଗାମୀ ଦିନଗୁଡିକ ଦେଶରେ ଗୃହ ଏବଂ କାର ଋଣ ମହଙ୍ଗା ହୋଇପାରେ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ ଆଗାମୀ ଦିନରେ ତା'ର ରେପୋ ହାର ବା ପ୍ରମୁଖ ସୁଧ ହାରରେ ବୃଦ୍ଧି ଘଟାଇବାର ଯଥେଷ୍ଟ ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ, ଆର୍ବିଆଇ ଅକ୍ଟୋବର ମାସରେ ଏହାର ଋଣ ନୀତି ସମୀକ୍ଷା ସମୟରେ ରେପୋ ହାରରେ ୦.୨୫% ବୃଦ୍ଧି କରିପାରେ। ଏହା ପରେ ଡିସେମ୍ବରରେ ମଧ୍ୟ ବ୍ୟାଙ୍କ ।।ରେପୋ ହାରରେ ଏଭଳି ସମାନ ବୃଦ୍ଧି କରିବାର ସମ୍ଭାବନା ଦେଖାଦେଇଛି। ଏହାର ଅର୍ଥ ହେଉଛି କ୍ରମାଗତ ଭାବେ ଦୁଇ ମାସରେ ରେପୋ ହାର ୦.୫୦% ବୃଦ୍ଧି ହୋଇପାରେ। ଆର୍ବିଆଇର ରେପୋ ହାରର କୌଣସି ପରିବର୍ତ୍ତନ ସିଧାସଳଖ ଋଣଗ୍ରହୀତାଙ୍କ ଉପରେ ପ୍ରଭାବ ପକାଉନଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ସୁଧ ହାର ବଢ଼ାଇ ଦିଅନ୍ତି। ତେଣୁ ଆଗକୁ ଗୃହ ଋଣ, କାର ଋଣ ଏବଂ ଅନ୍ୟାନ୍ୟ ଫ୍ଲୋଟିଂ-ହାର ଋଣ ଉପରେ ସୁଧ ହାର ଏବଂ ଇଏମ୍ଆଇ ବୃଦ୍ଧି ଘଟିପାରେ।

**ଏସ୍ବିଆଇ ରିସର୍ଚ୍ଚ ରିପୋର୍ଟର ଆକଳନ**

**ବଢ଼ିବ ସୁଧହାର, ଇଏମ୍ଆଇ**

ଏସ୍ବିଆଇ ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ, ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ବିଶ୍ୱ ଭୂ-ରାଜନୈତିକ ଉତ୍ତେଜନା ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରୁଛି। ଅଶୋଧିତ ତୈଳ ମୂଲ୍ୟ ସମ୍ପ୍ରତି ପ୍ରତି ବ୍ୟାରେଲ ୧୦୦ ଡଲାର ଅତିକ୍ରମ କରିଛି। ଏକ ରିପୋର୍ଟ ଅନୁଯାୟୀ, ଆଗାମୀ ୧୫ ଦିନ ମଧ୍ୟରେ ମୂଲ୍ୟ ବ୍ୟାରେଲ ପିଛା ୧୨୩ ଡଲାର ପର୍ଯ୍ୟନ୍ତ ଯାଇପାରେ। ଅଗଷ୍ଟ ମାସରେ ଆର୍ବିଆଇ କ୍ରମାଗତ ଭାବେ ଏହାର ୪ର୍ଥ ବୈଠକରେ ରେପୋ ହାର ୫.୨୫% ରେ ବଜାୟ ରଖିଥିଲା। ପରବର୍ତ୍ତୀ ମୁଦ୍ରା ନୀତି କମିଟି ବୈଠକ ଅକ୍ଟୋବର ୫ରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ସୁଧ ହାରରେ ବୃଦ୍ଧି ଭଳି ନିଷ୍ପତ୍ତି ▶ପୃଷ୍ଠା-୭

### ପାଗ ଅନୁକୂଳ; ଫେରିବ ମୌସୁମୀ

## ଜାରି ରହିବ ବର୍ଷା

■ ଭୁବନେଶ୍ୱର, ୧୩।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ମଧ୍ୟପ୍ରଦେଶ ନିକଟରେ ରହିଛି। ଏହାପ୍ରଭାବରେ ଓଡ଼ିଶାରେ ପାଗ ପରିବର୍ତ୍ତନ ଆସିଛି। ତେବେ ଲଘୁଚାପ ଯିବା ସତ୍ତ୍ୱେ ଓଡ଼ିଶା ଉପରେ ଏବେ ବି ବର୍ଷା ସମ୍ଭାବନା ରହିଛି। ମୌସୁମୀ ଟ୍ରଫ୍ଲାଇନ ସକ୍ରିୟ ରହିଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଓଡ଼ିଶାଠାରୁ ଦୂରକୁ ଚାଲିଯାଇଛି। ତେଣୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ କମୁଛି। ତଥାପି ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ପାହାଡ଼ିଆ ଅଞ୍ଚଳର କେତେକ ସ୍ଥାନରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୧୮-୨୩ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ଆଉ ଗୋଟିଏ ▶ପୃଷ୍ଠା-୭

**ତୃତୀୟ ସପ୍ତାହର ଲଘୁଚାପକୁ ନେଇ ନାନା ଆଶଙ୍କା**

## ୟୁଏଇରୁ ଫେରିଲେ ମୁଖ୍ୟମନ୍ତ୍ରୀ

### ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ

■ ଭୁବନେଶ୍ୱର, ୧୩।୯ (ସମିସ): ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ୟୁଏଇ ଗସ୍ତରୁ ଫେରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି।

**ଆମର ସର୍ବାଧିକ ସାମର୍ଥ୍ୟ ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଉପଯୋଗ କରୁଛୁ: ମୋହନ**

**ନିବେଶ ପ୍ରସ୍ତାବ ଓ ଏମ୍ଓୟୁଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ**

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଂ, ୬ଟି ରାଉଣ୍ଡଟେବୁଲ ମିଟିଂ, ୪୬ଟି ୱାନ୍-ଟୁ-ୱାନ୍ ମିଟିଂ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ▶ପୃଷ୍ଠା-୭



### ଓଲଟ ପାଲଟ



ଯଥା ରୀତି ଆମ ଭାରତବର୍ଷରେ
ଚାଲେ ରାଜନୀତି ଭୋଟ,
ସମ ତାଳ ଦେଇ ଓଡିଶା ରାଇଜେ
ଚାଲିଅଛି ସେଇ ନାଟ !
କଲେଜ ପାଇଁ କପଟ,
କଲେଜର ନିର୍ବାଚନ ହେଉନାହିଁ
ଛାତ୍ରଛାତ୍ରୀ ଛଟପଟ !
ଏଥରକ ନିର୍ବାଚନ ନ ହୋଇଲେ
ରାଜ୍ୟକୁ ମହା ସଙ୍କଟ !!

-ଯାଯାବର


**ଉଚ୍ଚଶିକ୍ଷା ବିଭାଗର ନୂଆ ନୀତି**

# ଭୁଲ୍ ଘୋଡ଼ାଇବାକୁ ପୁଣି ଭୁଲ୍

### ୧୭୦ କିଲୋମିଟରରେ ବଦଳିଯାଉଛି ଅଧ୍ୟାପକଙ୍କ ବିଭାଗ

■ ଭୁବନେଶ୍ୱର, ୧୩।୯ (ସମିସ): ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଘଟଣାରେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସୁଛି। ଅଯୋଗ୍ୟ ଅଧ୍ୟାପକଙ୍କ ମଧ୍ୟରୁ ୧୨୦ ଜଣଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ଆଉ କିଛି ଜଣଙ୍କ ବିଷୟ ପରିବର୍ତ୍ତନ କରାଯାଇ ଯୋଗ୍ୟ କରିବାକୁ ପ୍ରୟାସ କରାଯାଇଛି। ଅର୍ଥାତ୍ ରାଜନୀତି ବିଜ୍ଞାନ ପେଡ଼ାଗୋଜୀ ବିଷୟରେ ନିଯୁକ୍ତି ପାଇଥିବା ଅଧ୍ୟାପକଙ୍କୁ ଏଜୁକେସନ୍ ଅଧ୍ୟାପକ ଦର୍ଶାଇ ଏନ୍ସିଟିଇକୁ ରିପୋର୍ଟ ଦିଆଯାଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ପ୍ରକାଶିତ ମେଧା ତାଲିକାରେ ସିରିଏଲ୍ ନମ୍ବର ୪ ଓ ୧୨ ରେ ଶୁଭଶ୍ରୀ ମିଶ୍ର ଓ ପ୍ରବୀଣା ପ୍ରିୟଦର୍ଶିନୀ ବେହେରାଙ୍କୁ ରାଜନୀତି ବିଜ୍ଞାନରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ମିଳିଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ନିଯୁକ୍ତି ଅର୍ଡରରେ ମଧ୍ୟ ସମାନ କଥା ଉଲ୍ଲେଖ କରାଯାଇଥିଲା। ଏହି ଉଭୟ ଅଧ୍ୟାପକ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ଆଇଏଏସ୍ଇ ବା ବିଇଡି କଲେଜରେ କାର୍ଯ୍ୟରତ ଅଛନ୍ତି। ମାତ୍ର ଏନ୍ସିଟିଇ ନିକଟରେ ଦାଖଲ କରିବାକୁ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଉଭୟଙ୍କୁ ଏଜୁକେସନ୍ ବିଷୟର ଅଧ୍ୟାପକ ଭାବେ ଦର୍ଶାଯାଇଛି। ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ଭୂମିକା ପୁଣି ସନ୍ଦେହ ଘେରକୁ ଆସିଛି। କେବଳ ଏତିକି ନୁହେଁ, ବିଜେବି କଲେଜର ଇଣ୍ଟିଗ୍ରେଟେଡ୍ ବିଇଡି ଖୋଲିବାକୁ ସ୍ୱୀକୃତି ପାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ବ୍ୟାପକ ତଞ୍ଚକତା କରିଥିବା ଅଭିଯୋଗ ହୋଇଛି। ଶୁଭଶ୍ରୀ ମିଶ୍ରଙ୍କୁ ବିଜେବି କଲେଜକୁ ଡେପୁଟେସନ୍ କରିବା ସହ ରାଜନୀତି ବିଜ୍ଞାନ ପେଡାଗୋଜୀ ବିଷୟର ଅଧ୍ୟାପିକା ଦର୍ଶାଇ ଏନ୍ସିଟିଇକୁ ତାଲିକା ପଠାଯାଇଥିଲା। ବିଜେବି ▶ପୃଷ୍ଠା-୭



■ ରାଜନୀତି ବିଜ୍ଞାନ ଅଧ୍ୟାପକ ପଢ଼ାଇବେ ଏଜୁକେସନ
■ ଓପିଏସ୍ସିର ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ବିଭାଗର ଅବମାନନା

### ନାବାଳକ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ କ୍ରିୟା

## କଲେଜ ଅଧ୍ୟକ୍ଷ ଗିରଫ

■ ବରଗଡ଼, ୧୩।୯ (ସମିସ): ବରଗଡ଼ ସହର ଉପକଣ୍ଠ ବରଡୋଲସ୍ଥିତ ଏକ ଘରୋଇ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ତଥା ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ସେ ଜଣେ ନାବାଳକ ଛାତ୍ରଙ୍କୁ ଟ୍ୟୁସନ ବାହାନାରେ ହୋଟେଲ ରୁମ୍କୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଛାତ୍ର ଜଣକ ଅଭିଯୁକ୍ତ ଶିକ୍ଷକଙ୍କ ନିକଟରେ ଟ୍ୟୁସନ ପଢୁଥିଲେ। ଏକ କନଫରେନ୍ସରେ ଯୋଗଦେବା ବାହାନାରେ ତାଙ୍କୁ କୋଚିଂ ସେଣ୍ଟରରୁ ବରଗଡ଼କୁ ଅଣାଯାଇ ପରେ ଏକ ହୋଟେଲର ରୁମ୍କୁ ନିଆଯାଇଥିଲା। ପାଠ ପଢ଼ାଇବା ପାଇଁ ରାତିରେ ସେଠାରେ ରହିବାକୁ ପଡ଼ିବ ବୋଲି ପରିବାର ଲୋକଙ୍କୁ କୁହାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ହୋଟେଲ ରୁମ୍ରେ ଥିବା ସମୟରେ ଛାତ୍ର ଜଣକ କୌଶଳକ୍ରମେ ପରିବାର ଲୋକଙ୍କୁ ମେସେଜ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ପରିବାର ଲୋକେ ପୁଲିସକୁ ଖବର ଦେବାରୁ ଟାଉନ ଥାନା ପୁଲିସ ହୋଟେଲରେ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରିଥିଲା। ପରେ ଛାତ୍ରଙ୍କ ବାପାଙ୍କ ଏତଲାକ୍ରମେ ବରଗଡ଼ ଟାଉନ ଥାନା ପୁଲିସ ଦେବଦତ୍ତ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜିଲା କାରାଗାରକୁ ପଠାଯାଇଛି।

# ଗୋଆ ନିର୍ବାଚନ ପାଇଁ ଆପ୍-ଜିଏଫ୍‌ପି ମେଣ୍ଟ

ପଣଜୀ,୧୩।୯ (ଏଜେନ୍ସି): ୨୦୨୭ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍) ଓ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ମେଣ୍ଟ ଗଠନ କରିଛନ୍ତି। ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ 'ଗୋଆ ଫାର୍ଷ୍ଟ' ନାମରେ ଏହି ମେଣ୍ଟ ଘୋଷଣା କରିଛନ୍ତି। ଏହାକୁ ବିଜେପି ଓ କଂଗ୍ରେସ ବାହାରେ ଏକ ବିକଳ୍ପ ରାଜନୈତିକ ମଞ୍ଚ ଭାବେ ଉପସ୍ଥାପନ କରାଯାଉଛି। କେଜ୍ରିୱାଲ କହିଛନ୍ତି, ଗୋଆବାସୀଙ୍କୁ ବିଜେପି ଓ କଂଗ୍ରେସ ବ୍ୟତୀତ ଏକ ବାସ୍ତବ ବିକଳ୍ପ ଦେବା ହେଉଛି ମେଣ୍ଟର ଲକ୍ଷ୍ୟ। ତାଙ୍କ ଅଭିଯୋଗ ଅନୁସାରେ, ନିର୍ବାଚନ ସମୟରେ ଉଭୟ ଦଳ ପରସ୍ପର ବିରୋଧରେ ଲଢୁଥିଲେ ମଧ୍ୟ ପରେ ସରକାର ଗଠନ ପାଇଁ ପରସ୍ପର ସହ ମେଣ୍ଟ କରନ୍ତି। ଗୋଆବାସୀଙ୍କୁ ତୃତୀୟଥର 'ଠକାଯିବା'ରୁ ବଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଗୋଆ ବିଧାନସଭାରେ ମୋଟ ୪୦ଟି ଆସନ ରହିଛି। ଜିଏଫ୍‌ପି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବିଜୟ ସରଦେସାଇ ବର୍ତ୍ତମାନ ଦଳର ଏକମାତ୍ର ବିଧାୟକ। ଅନ୍ୟପକ୍ଷରେ ଆପ୍‌ର ଦୁଇ ବିଧାୟକ ଭେଞ୍ଜି ଭିଗାସ୍ ଓ କ୍ରୁଜ୍ ସିଲ୍‌ଭା ରହିଛନ୍ତି। କେଜ୍ରିୱାଲ ଗୋଆର ବିଜେପି ସରକାରକୁ ମଧ୍ୟ ସମାଲୋଚନା କରିଛନ୍ତି। ସରକାରରେ ବହୁ ପୂର୍ବତନ କଂଗ୍ରେସ ନେତା ଥିବା ଦାବି କରି ସେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ତାଙ୍କର ଏହି ମନ୍ତବ୍ୟ ଉପରେ ବିଜେପି କିମ୍ବା କଂଗ୍ରେସର ପ୍ରତିକ୍ରିୟା ଦିଆଯାଇନାହିଁ। ୨୦୨୭ ମାର୍ଚ୍ଚ ପୂର୍ବରୁ ଗୋଆ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ 'ଗୋଆ ଫାର୍ଷ୍ଟ' ମେଣ୍ଟ ରାଜ୍ୟରେ ବିଜେପି-କଂଗ୍ରେସ ଦ୍ୱିମୁଖୀ ରାଜନୈତିକ ପ୍ରତିଯୋଗିତାର ବାହାରେ ଏକ ତୃତୀୟ ବିକଳ୍ପ ଭାବେ ନିଜକୁ ପ୍ରସ୍ତୁତ କରୁଛି।

**'ଗୋଆ ଫାର୍ଷ୍ଟ' ମଞ୍ଚ ଗଠିତ**

# ମମତା ନନ୍ଦିଗ୍ରାମରୁ ଲଢ଼ିଲେ ପ୍ରାର୍ଥୀ ଦେବେନାହିଁ ବିଦ୍ରୋହୀ

କୋଲକାତା, ୧୩।୯ (ଏଜେନ୍ସି): ପଶ୍ଚିମବଙ୍ଗର ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନରେ ମମତା ବାନାର୍ଜୀ ପ୍ରାର୍ଥୀ ହେଲେ ନିଜ ପ୍ରାର୍ଥୀଙ୍କୁ ପ୍ରତ୍ୟାହାର କରିନେବାକୁ ବିଦ୍ରୋହୀ ଟିଏମ୍‌ସି ନେତା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ଘୋଷଣା କରିଛି। ରତବ୍ରତ କହିଛନ୍ତି, ସେମାନେ ମମତାଙ୍କୁ ପୁଣି ବିଧାନସଭାରେ ଦେଖିବାକୁ ଚାହୁଁଛନ୍ତି। ଏପରିକି ମମତା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଲେ ମଧ୍ୟ ତାଙ୍କ ବିରୋଧରେ ପ୍ରାର୍ଥୀ ଦିଆଯିବ ନାହିଁ ବୋଲି ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ନନ୍ଦିଗ୍ରାମ ମମତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଆସନ। ୨୦୨୧ରେ ଏଠାରୁ ସେ ବର୍ତ୍ତମାନର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାଜିତ ହୋଇଥିଲେ। ପରେ ଶୁଭେନ୍ଦୁ ବିଜେପିରେ ଯୋଗ ଦେଇଥିଲେ। ୨୦୨୬ ନିର୍ବାଚନରେ ଶୁଭେନ୍ଦୁ ନନ୍ଦିଗ୍ରାମ ଓ ଭବାନୀପୁର ଉଭୟ ଆସନରୁ ବିଜୟୀ ହୋଇଥିଲେ। ପରେ ସେ ନନ୍ଦିଗ୍ରାମ ଆସନ ଛାଡ଼ିବାରୁ ଏଠାରେ ଉପନିର୍ବାଚନ ହେଉଛି। ଏହି ଉପନିର୍ବାଚନ ପାଇଁ ବାମମୋର୍ଚ୍ଚା ନନ୍ଦିଗ୍ରାମରୁ ସିପିଆଇ ପ୍ରାର୍ଥୀ ଶାନ୍ତିଗୋପାଳ ଗିରିଙ୍କୁ ମଇଦାନକୁ ଓହ୍ଲାଇଛି। ଟିଏମ୍‌ସି ଓ ବିଜେପି ଏପର୍ଯ୍ୟନ୍ତ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ଏପଟେ ଟିଏମ୍‌ସି ନାମ-ଚିହ୍ନକୁ ନେଇ ମମତା ଓ ରତବ୍ରତ ଗୋଷ୍ଠୀ ମଧ୍ୟରେ ବିବାଦ ଚାଲିଛି। ଦଳର ନାମ, ନିର୍ବାଚନୀ ଚିହ୍ନ ଏବଂ ପାଣ୍ଠି ଉପରେ ଉଭୟ ଗୋଷ୍ଠୀ ଦାବି କରିଛନ୍ତି।

# ହାଇକୋର୍ଟ ବିରୋଧରେ ସୁପ୍ରିମକୋର୍ଟ ଗଲେ ନୋଏଡା ଡିଏମ୍



ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଆହ୍ଲାବାଦ ହାଇକୋର୍ଟଙ୍କ ଭର୍ତ୍ସନାର ସମ୍ମୁଖୀନ ହେବା ପରେ ଗୌତମ ବୁଦ୍ଧ ନଗର (ନୋଏଡା) ଜିଲ୍ଲାପାଳ ତଥା ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପୁତ୍ରୀ ମେଧା ରୂପମ୍ ରବିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଏପ୍ରିଲରେ ହୋଇଥିବା ନୋଏଡାର ଶ୍ରମିକ ଆନ୍ଦୋଳନକୁ ସମର୍ଥନ ମାମଲାରେ ୨୫ ବର୍ଷୀୟା ଛାତ୍ରୀ ଆକୃତି ଚୌଧୁରୀଙ୍କୁ ଗିରଫ କରାଯାଇଥିଲା। ଆନ୍ଦୋଳନକାରୀ ଛାତ୍ରୀଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଅଟକ ରଖାଯାଇଥିଲା। ଏପରି କରିବାକୁ ଜିଲ୍ଲାପାଳ ମେଧା ରୂପମଙ୍କ ଆଦେଶ ରହିଥିବା ଜଣାପଡ଼ିଛି। ପରେ ଆକୃତିଙ୍କ ବିରୋଧରେ ଅଣାଯାଇଥିବା ଏନ୍‌ଏସ୍‌ଏ ଅଟକ ଆଦେଶକୁ ଆହ୍ଲାବାଦ ହାଇକୋର୍ଟ ରଦ୍ଦ କରିଥିଲେ। ଏହି ଅଟକ ଆଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା ଏକ କାହାଣୀ ଉପରେ ଆଧାରିତ ବୋଲି ହାଇକୋର୍ଟ ଦର୍ଶାଇଥିଲେ। ଆକୃତିଙ୍କ ବିରୋଧରେ ଅନ୍ୟ କୌଣସି ଗୁରୁତର ମାମଲା ନଥିଲେ, ତାଙ୍କୁ ତୁରନ୍ତ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ କୋର୍ଟ ମେଧା ରୂପମଙ୍କୁ କଡ଼ା ସମାଲୋଚନା କରିଥିଲେ। ନୋଏଡା ଜିଲ୍ଲାପାଳ ଓ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ଏପରି ଆଚରଣକୁ କୋର୍ଟ ସ୍ୱେଚ୍ଛାଚାରୀ ବୋଲି ଅଭିହିତ କରିଥିଲେ। ସାଧାରଣ ମାମଲାରେ ଜଣେ ଛାତ୍ରୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଭଳି ଗୁରୁତର ଆଇନର ପ୍ରୟୋଗ ଉତ୍ତର ପ୍ରଦେଶକୁ ପ୍ରଶାସନିକ ଏକଛତ୍ରବାଦ ଶାସନ ଆଡ଼କୁ ନେଇଯିବ ବୋଲି ହାଇକୋର୍ଟ ସାବଧାନ କରିଦେଇଥିଲେ। ହାଇକୋର୍ଟ ଏଥିପାଇଁ ଛାତ୍ରୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏବଂ ଉକ୍ତ ରାଶିକୁ ଜିଲ୍ଲାପାଳ ମେଧା ରୂପମ୍‌ଙ୍କ ଦରମାରୁ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲ୍ଲାପାଳ ଏବଂ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କୋର୍ଟଙ୍କ ଅସନ୍ତୋଷ ସେମାନଙ୍କ ଚାକିରି ରେକର୍ଡରେ ଲିପିବଦ୍ଧ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ନିଜ ନିର୍ଦ୍ଦେଶରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଅମଲାତନ୍ତ୍ର ନିଜର ଆନୁଗତ୍ୟ ସମ୍ବିଧାନ ପ୍ରତି ରଖିବା ଉଚିତ, ରାଜନୈତିକ କାର୍ଯ୍ୟନିର୍ବାହୀଙ୍କ ପ୍ରତି ନୁହେଁ।

**ସ୍ୱଦେଶ ଫେରିଲେ ଅତିଥି**

# ବଢ଼ିଲା ଆତିଥ୍ୟ ବିବାଦ


## ନୈଶଭୋଜିକୁ ଗଲେନି ଜିନ୍‌ପିଙ୍ଗ



ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନୈଶଭୋଜି ଆୟୋଜିତ ହୋଇଯାଇଛି। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ସୃଷ୍ଟି ହୋଇଛି। ନୈଶଭୋଜିରେ ସମ୍ପୂର୍ଣ୍ଣ ନିରାମିଷ ଖାଦ୍ୟ ପରିବେଷଣ କରାଯାଇଥିବା ବେଳେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏଥିରେ ଯୋଗ ଦେଇନାହାନ୍ତି। ଜିନପିଙ୍ଗ ଉଭୟ ସମ୍ମିଳନୀ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଭାଗ ନେଇଥିଲେ। ମାତ୍ର ସେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ନୈଶଭୋଜିରୁ ଦୂରେଇ ରହିଥିଲେ। ତାଙ୍କ ଅନୁପସ୍ଥିତିର ସ୍ପଷ୍ଟ କାରଣ ଜଣାପଡ଼ିନଥିବା ବେଳେ ସେ କ୍ଲାନ୍ତ ହୋଇପଡ଼ିଥିବାରୁ ବିଶ୍ରାମ ନେବାପାଇଁ ସେ ହୋଟେଲକୁ ଫେରିଯାଇଥିବା କୁହାଯାଉଛି। ସେହିପରି ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ମଧ୍ୟ ଏଥିରେ ଯୋଗ ଦେଇନଥିଲେ। ସମ୍ମିଳନୀ ପରେ ସେ ସ୍ୱଦେଶ ଫେରିଯାଇଥିଲେ। କିନ୍ତୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସମେତ ଅନ୍ୟ ନେତାମାନେ ନୈଶଭୋଜିରେ ଉପସ୍ଥିତ ଥିଲେ।

## ରାହୁଲଙ୍କ 'ନିରାମିଷ' କଟାକ୍ଷ

### ୮୦ ପ୍ରତିଶତ ଭାରତୀୟ ଆମିଷାଶୀ



ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବ୍ରିକ୍ସ ନେତାମାନଙ୍କ ପାଇଁ ଆୟୋଜିତ ରାତ୍ରିଭୋଜନରେ ନିରାମିଷ ଖାଦ୍ୟ ପରଷା ଯିବାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, ୮୦% ଭାରତୀୟ ଆମିଷାଶୀ ଏବଂ ଭାରତୀୟ ଆମିଷ ଖାଦ୍ୟ ଅତ୍ୟନ୍ତ ସ୍ୱାଦିଷ୍ଟ। କଂଗ୍ରେସ ନେତା ପବନ ଖେଡା ଅଭିଯୋଗ କରିଛନ୍ତି ଯେ ଭାରତରେ ବିଭିନ୍ନ ସମ୍ପ୍ରଦାୟ ଓ ଖାଦ୍ୟ ପ୍ରକାର ରହିଥିବା ବେଳେ ବିଜେପି କେବଳ ନିଜର ଖାଦ୍ୟ ପସନ୍ଦକୁ ବିଦେଶୀ ଅତିଥିଙ୍କ ଉପରେ ଲଦି ଦେଉଛି। ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ଏବଂ କଂଗ୍ରେସ ନେତ୍ରୀ ଶାମା ମହମ୍ମଦ ମଧ୍ୟ ଏହି ମେନୁକୁ ନେଇ କଟାକ୍ଷ କରିଛନ୍ତି।

## ଭାରତୀୟ ସ୍ୱାଦର ବିଶେଷ ମେନ୍ୟୁ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବ୍ରିକ୍ସ ସମ୍ମିଳନୀ ଅବସରରେ ଅତିଥିମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବିଶେଷ ଭୋଜନ ମେନ୍ୟୁରେ ଭାରତୀୟ ପାରମ୍ପରିକ ଖାଦ୍ୟ ସହ ଆଧୁନିକ ରନ୍ଧନଶୈଳୀର ଅନନ୍ୟ ସମନ୍ୱୟ ଦେଖିବାକୁ ମିଳିଛି। ମେନ୍ୟୁରେ ଗୁଜରାଟ, ଉତ୍ତର ଭାରତ, ଦକ୍ଷିଣ ଭାରତ ଓ ହିମାଳୟ ଅଞ୍ଚଳର ଖାଦ୍ୟର ସ୍ୱାଦକୁ ସ୍ଥାନ ଦିଆଯାଇଛି। ଭୋଜନର ଆରମ୍ଭରେ 'ଖାଣ୍ଡଭି ମିଲ୍-ଫେୟୁ' ଓ 'ଖୁମ୍ବ ଗାଲୌଟି' ପରି ବ୍ୟଞ୍ଜନ ରହିଛି। ଖାଣ୍ଡଭିକୁ ଷ୍ଟିମ୍ କରାଯାଇଥିବା ବେସନ ରୋଲ୍ ଭାବେ ପ୍ରସ୍ତୁତ କରି ସୋରିଷ, ନଡ଼ିଆ ଓ ଭୃଷଙ୍ଗ ପତ୍ରରେ ଛୁଙ୍କ ଦିଆଯାଇଛି। ଏହା ସହ କେଶର ଆମ୍ବ, ମାଇକ୍ରୋ-ଗ୍ରିନ୍‌ସ ଓ ଦହିର ଡ୍ରେସିଂ ପରିବେଷଣ କରାଯାଇଛି। ସେହିପରି ଖୁମ୍ବ ଗାଲୌଟିରେ ନରମ ପାନ୍-ଗ୍ରିଲ୍ କରାଯାଇଥିବା ମସରୁମ୍ କବାବ ସହ ପୁଦିନାର ମୋତି ଏବଂ ଶୀରମାଲ୍ ରୁଟିର ସମନ୍ୱୟ ରହିଛି। ମୁଖ୍ୟ ଭୋଜନରେ ପନିର ଲବାବଦାର, ଗୁଚ୍ଛି ମର୍ମିକ୍, କ୍ୟାରଟ୍-ବିନ୍ ପୋରିୟାଲ୍, ଥକ୍କାଲି ବେଲେ ସାରୁ, ମିଲେଟ୍ ପୁଲାଓ ଓ ବିଟ୍‌ରୁଟ୍ ରାଇତା ରହିଛି। ପନିର ଲବାବଦାରରେ ନରମ ପନିର ଖଣ୍ଡକୁ ଶାଲଟ୍ ଓ ଟମାଟୋର ଘନ ଗ୍ରେଭିରେ ପ୍ରସ୍ତୁତ କରାଯାଇଛି। ଅନ୍ୟପକ୍ଷରେ ଗୁଚ୍ଛି ମର୍ମିକ୍‌ରେ ହିମାଳୟର ମୋରେଲ୍ ମସରୁମ୍ ଓ ଆସ୍ପାରାଗସ୍‌କୁ କେଶର, କିସମିସ୍ ଏବଂ ବାଦାମ ସହ ରନ୍ଧାଯାଇଛି। ଗାଜର ଓ ଶିମ୍ବକୁ ଦକ୍ଷିଣ ଭାରତୀୟ ମସଲା ସହ ନଡ଼ିଆ ତେଲରେ ରନ୍ଧାଯାଇ ତାହାରେ ତାଜା କୋରା ନଡ଼ିଆ ଦିଆଯାଇଛି। ଥକ୍କାଲି ବେଲେ ସାରୁ ଏକ ହାଲୁକା ଡାଲି ଝୋଳ, ଯେଉଁଥିରେ ତୁର ଡାଲି ସହ ଟମାଟୋ ଓ କଢ଼ିପତ୍ରର ବ୍ୟବହାର ହୋଇଛି। ଏହା ସହ ମସଲା ଓ ଋତୁକାଳୀନ ସୁଗନ୍ଧିତ ଉପାଦାନରେ ପ୍ରସ୍ତୁତ ବାସୁମତୀ ଚାଉଳ ଓ ମିଲେଟ୍‌ର ମିଲେଟ୍ ପୁଲାଓ ରହିଛି। ମିଠା ପାଇଁ ମେନ୍ୟୁରେ ଦୁଇଟି ବିଶେଷ ବ୍ୟଞ୍ଜନ ରହିଛି। ସେଗୁଡ଼ିକ ହେଲା 'ଓଲ୍ଡ ଦିଲ୍ଲୀ ଫ୍ରୁଟ୍ କ୍ରିମ୍ ୱିଥ୍ ଜାଲେବି' ଏବଂ 'ଶାହତୂତ୍ ଫିର୍ନି'। ଋତୁକାଳୀନ ଫଳ ଓ ହାଲୁକା ଭାବେ ଫେଣ୍ଟାଯାଇଥିବା କ୍ରିମ୍ ସହ ମଚମଚିଆ ଜଲେବିକୁ ମିଶାଇ ପ୍ରଥମ ମିଠା ପ୍ରସ୍ତୁତ କରାଯାଇଛି।

# ଭାଙ୍ଗିବ ମେଘାଳୟ ୟୁଡିପି

## ବିଜେପିକୁ ଯାଇପାରନ୍ତି ୮ ବିଧାୟକ



ଶିଲଂ,୧୩।୯ (ଏଜେନ୍ସି): ମେଘାଳୟରେ ବିଜେପିର ସହଯୋଗୀ ଦଳ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି)ରେ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ଦଳର ୧୨ ଜଣ ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଜେପିରେ ଯୋଗଦେଇପାରନ୍ତି ବୋଲି ମେଘାଳୟର କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ସମ୍ପୃକ୍ତ ବିଧାୟକମାନଙ୍କ ପକ୍ଷରୁ ଏ ନେଇ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା ହୋଇନାହିଁ। ୟୁଡିପି ସଭାପତି ମେଟବାହ ଲିଙ୍ଗଡୋହ କହିଛନ୍ତି ଯେ ଦଳର ସମସ୍ତ ବିଧାୟକ ଏକଜୁଟ ଅଛନ୍ତି। ଶନିବାର ପୂର୍ବତନ ୟୁଡିପି ବିଧାୟକ ଜେମିନୋ ମାୱଥୋହ ବିଜେପିରେ ଯୋଗଦେବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ମାୱଥୋହ ଚଳିତ ବର୍ଷ ମେ'ରେ ୟୁଡିପିରୁ ଇସ୍ତଫା ଦେଇଥିଲେ। ୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ବର୍ତ୍ତମାନ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୩୩, ୟୁଡିପିର ୧୨ ଏବଂ ବିଜେପିର ୨ ଜଣ ବିଧାୟକ ଅଛନ୍ତି। ଏନ୍‌ପିପି ନେତୃତ୍ୱାଧୀନ ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ (ଏମ୍‌ଡିଏ) ସରକାରରେ ଏନ୍‌ପିପି, ୟୁଡିପି ଓ ବିଜେପି ସହଯୋଗୀ ଭାବେ ରହିଛନ୍ତି। ଯଦି ୮ ଜଣ ୟୁଡିପି ବିଧାୟକ ବିଜେପିରେ ଯୋଗଦିଅନ୍ତି, ତେବେ ବିଜେପିର ବିଧାୟକ ସଂଖ୍ୟା ୨ରୁ ବଢ଼ି ୧୦ରେ ପହଞ୍ଚିବ। ଏହାଦ୍ୱାରା ଏନ୍‌ପିପି ପରେ ବିଜେପି ବିଧାନସଭାର ଦ୍ୱିତୀୟ ବୃହତ୍ତମ ଦଳ ହୋଇଯିବ। ରିପୋର୍ଟ ଅନୁସାରେ, ୟୁଡିପିର ତିନି ବିଧାୟକ-କ୍ୟାବିନେଟ୍ ମନ୍ତ୍ରୀ ଲାଖମେନ ରିମ୍ବୁଇ, ବଲାଜିଦ୍ ଖ୍ରିୟେମ ସିନ୍‌ରେମ ଓ ଓଲାନ ସିଂ ସୁଇନ-ଦଳୀୟ ବୈଠକରେ ପରବର୍ତ୍ତୀ ପଦକ୍ଷେପ ବିଜେପିର କିଛି ଦାବି ଗ୍ରହଣ ଉପରେ ନିର୍ଭର କରିବ ବୋଲି କହିଥିବା ଜଣାପଡ଼ିଛି। ତେବେ ସେମାନେ ୟୁଡିପି ନେତୃତ୍ୱ ସହ କୌଣସି ମତଭେଦ ନ ଥିବା ସ୍ପଷ୍ଟ କରିଥିବା ରିପୋର୍ଟରେ କୁହାଯାଇଛି। ସେମାନଙ୍କ କହିବା ଅନୁସାରେ, ଯଦି ଦଳବଦଳ ହୁଏ, ତେବେ ତାହା ନିଜ ନିଜ ନିର୍ବାଚନମଣ୍ଡଳୀ ଓ ରାଜ୍ୟର ସ୍ୱାର୍ଥ ପାଇଁ ହେବ। ବିଜେପିର ବିଧାୟକ ସଂଖ୍ୟା ବଢ଼ିଲେ ସରକାରରେ ଅଧିକ ମନ୍ତ୍ରୀ ପଦ ଦାବି କରାଯିବ ବୋଲି ବିଜେପିର ନେତାମାନେ କହିଛନ୍ତି।

## ଜାଭା ସାଗରରେ ଜାହାଜ ବୁଡ଼ିଗଲା; ୧୪୦ ନିଖୋଜ

ଜାକର୍ତ୍ତା, ୧୩।୯ (ଏଜେନ୍ସି): ଇଣ୍ଡୋନେସିଆର ଜାଭା ସାଗରରେ ୨୪୩ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା 'ଭିର୍ଗ ଟ୍ରାନ୍ସପୋର୍ଟ ୮' ନାମକ ଯାତ୍ରୀବାହୀ ଜାହାଜ ଓଲଟି ପଡ଼ିଛି। ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଉଦ୍ଧାର ଓ ସନ୍ଧାନ ଅଭିଯାନ ଆରମ୍ଭ ହୋଇଛି। ଉଦ୍ଧାରକାରୀ ସଂସ୍ଥା ଅନୁସାରେ, ବିଭିନ୍ନ ଜାହାଜ ସହାୟତାରେ ୧୦୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏବେ ନିଖୋଜ ଥିବା ଅନ୍ୟ ୧୪୦ ଜଣଙ୍କୁ ଖୋଜିବା ପାଇଁ ଅଭିଯାନ ଜାରି ରହିଛି। ଜାହାଜଟି ପୂର୍ବ ଜାଭାର ସୁରାବାୟାରୁ ବୋର୍ନିଓ ଦ୍ୱୀପର ବାଞ୍ଜାରମାସିନ୍ ଅଭିମୁଖେ ଯାଉଥିଲା। ଯାତ୍ରା ସମୟରେ ଜାହାଜର ଯୋଗାଯୋଗ ବ୍ୟବସ୍ଥାରେ ସମସ୍ୟା ହେବା ପରେ ଏହା ସହ ପୁଣି ଯୋଗାଯୋଗ ସମ୍ଭବ ହୋଇନଥିଲା।

# ୯/୧୧ ପୂର୍ବରୁ ଲାଡେନ୍ ଟାର୍ଗେଟ୍‌ରେ ଥିଲା ଭାରତ!

ୱାସିଂଟନ୍,୧୩।୯ (ଏଜେନ୍ସି): ଅଲ୍‌କାଏଦାର ପୂର୍ବତନ ମୁଖ୍ୟ ଓସାମା ବିନ୍ ଲାଡେନ୍ ଆମେରିକା ସହିତ ଭାରତକୁ ମଧ୍ୟ ଆକ୍ରମଣ ପାଇଁ ବିଚାର କରିଥିବା ଆମେରିକାର ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ପକ୍ଷରୁ ପ୍ରକାଶିତ ଦସ୍ତାବିଜରୁ ଜଣାପଡ଼ିଛି।



୨୦୦୧ ମସିହାର ୯/୧୧ ଆତଙ୍କବାଦୀ ଆକ୍ରମଣର ୨୫ତମ ବାର୍ଷିକୀ ପୂର୍ବରୁ ସିଆଇଏ ୭୦ରୁ ଅଧିକ ରାଷ୍ଟ୍ରପତିଙ୍କ ଗୁପ୍ତଚର ସୂଚନା ରିପୋର୍ଟ ପ୍ରକାଶ କରିଛି। ଏଥିରେ ୧୯୯୮ ଅଗଷ୍ଟ ୨୮ର ଏକ ରିପୋର୍ଟରେ ବିନ୍ ଲାଡେନ୍ ଭାରତ ସମେତ ଏକାଧିକ ଦେଶରେ ଆକ୍ରମଣ କରିବାକୁ ଚାହୁଁଥିବା ଉଲ୍ଲେଖ ରହିଛି। ରିପୋର୍ଟରେ ଭାରତ ବ୍ୟତୀତ ପାକିସ୍ତାନ, ଇଜିପ୍ଟ, କୁଏତ, ସାଉଦି ଆରବ, ୟେମେନ୍, ଉଗାଣ୍ଡା ଏବଂ ସମ୍ଭାବ୍ୟ ଭାବେ ନାଇଜେରିଆର ନାମ ରହିଛି। ତେବେ ଦସ୍ତାବିଜର କିଛି ଅଂଶ ଗୋପନୀୟ ରଖାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦସ୍ତାବିଜରେ ଭାରତର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଟାର୍ଗେଟ୍, ଆକ୍ରମଣର ତାରିଖ କିମ୍ବା ଆକ୍ରମଣର ବିସ୍ତୃତ ଯୋଜନା ସମ୍ପର୍କରେ ତଥ୍ୟ ନାହିଁ। ଗୁପ୍ତଚର ସୂଚନାର ଉତ୍ସ ମଧ୍ୟ ଗୋପନ ରଖାଯାଇଛି। ସିଆଇଏର ପ୍ରକାଶିତ ଦସ୍ତାବିଜଗୁଡ଼ିକରୁ ୧୯୯୮ରୁ ୨୦୦୧ ମଧ୍ୟରେ ଆମେରିକାର ରାଷ୍ଟ୍ରପତିମାନଙ୍କୁ ଅଲ୍‌କାଏଦା ଓ ବିନ୍ ଲାଡେନ୍‌ଙ୍କ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ବାରମ୍ବାର ସତର୍କ କରାଯାଇଥିବା ଜଣାପଡ଼ିଛି। ୨୦୦୧ ସେପ୍ଟେମ୍ବର ୧୧ରେ ଅଲ୍‌କାଏଦାର ୧୯ ଜଣ ଆତଙ୍କବାଦୀ ୪ଟି ଯାତ୍ରୀବାହୀ ବିମାନ ଅପହରଣ କରିଥିଲେ। ଏଥିରୁ ଦୁଇଟି ବିମାନ ନ୍ୟୁୟର୍କର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରର ଟ୍ୱିନ୍ ଟାୱାରରେ ଧକ୍କା ଦେଇଥିଲା। ତୃତୀୟ ବିମାନ ପେଣ୍ଟାଗନ୍‌ରେ ଏବଂ ଚତୁର୍ଥ ବିମାନ ପେନ୍‌ସିଲଭାନିଆର ଏକ କ୍ଷେତରେ ଖସିପଡ଼ିଥିଲା।

## ୧୫ ବିଶ୍ୱ ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ୧୫ ଜଣ ନେତାଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ରୁଷ ରାଷ୍ଟ୍ରପତି ପୁତିନ୍, ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍, ଆବୁଧାବି ରାଜକୁମାର ମହମ୍ମଦ ବିନ୍ ଜାୟଦ, ମିଶର ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ, ଇଣ୍ଡୋନେସିଆ ରାଷ୍ଟ୍ରପତି ସୁବିୟାଣ୍ଟୋ, ଫିଲିପାଇନ୍ସ ରାଷ୍ଟ୍ରପତି ମାର୍କସ, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଆଲୁପୋ, କାଜକସ୍ତାନ ରାଷ୍ଟ୍ରପତି ଏବଂ ଇଥୋପିଆ ରାଷ୍ଟ୍ରପତି ପ୍ରମୁଖ। ମିଶର ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସିଙ୍କ ସହ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଭାରତ ଓ ମିଶର ମଧ୍ୟରେ ଦୀର୍ଘଦିନରୁ ରହିଆସିଥିବା ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି।

## ରାହୁଲ, ପ୍ରିୟଙ୍କାଙ୍କ ସହ ମାଲେସିଆ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରବିବାର ନୂଆଦିଲ୍ଲୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମଙ୍କୁ ଭେଟିଛନ୍ତି। ଜଳଖିଆ ସମୟରେ ହୋଇଥିବା ଏହି ସାକ୍ଷାତ୍‌କାରରେ ଭାରତ-ମାଲେସିଆ ସମ୍ପର୍କ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଏହି ସାକ୍ଷାତ୍‌କାରରେ ଉପସ୍ଥିତ ଥିଲେ। ଅନୱାର ଇବ୍ରାହିମ ୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀରେ ମାଲେସିଆର ପ୍ରତିନିଧି ଭାବେ ଭାରତ ଆସିଛନ୍ତି। ମାଲେସିଆ ବ୍ରିକ୍ସର ଏକ ସହଯୋଗୀ ଦେଶ ହେବା ସହ ଦକ୍ଷିଣ-ପୂର୍ବ ଏସିଆ ଦେଶ ସଂଘ (ଆସିଆନ୍) ମଧ୍ୟରେ ଭାରତର ଏକ ପ୍ରମୁଖ ସହଯୋଗୀ ରାଷ୍ଟ୍ର ଭାବେ ଗୁରୁତ୍ୱ ବହନ କରେ। ରାହୁଲ ଓ ପ୍ରିୟଙ୍କାଙ୍କ ସହ ଅନୱାରଙ୍କ ଜଳଖିଆ ବୈଠକର ଫଟୋ କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଛି।

# ହିମାଳୟ ପାଇଁ ବିପଦ ଆଣୁଛି ହ୍ରଦ, ହିମସ୍ଖଳନ, ବନ୍ୟା

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଯୋଗୁଁ ହିମାଳୟର ହିମନଦ ଅର୍ଥାତ ଗ୍ଲେସିଅରଗୁଡିକ ଦ୍ରୁତ ଭାବେ ତରଳୁଛି, ହିମନଦୀୟ ହ୍ରଦ ବଢୁଛି ଏବଂ ଭୂସ୍ଖଳନ, ହିମସ୍ଖଳନ ଓ ବନ୍ୟା ଭଳି ବିପଦ ବଢୁଛି। ଏଭଳି ସମୟରେ ଭାରତର ଗୁରୁତ୍ୱପୂର୍ଣ୍ଣ ହିମନଦ ଓ ହିମସ୍ଖଳନ ଗବେଷଣା ସଂସ୍ଥାଗୁଡ଼ିକ ବନ୍ଦ କିମ୍ବା ମିଶ୍ରଣ କରାଯିବାକୁ ନେଇ ବୈଜ୍ଞାନିକ ମହଲରେ ଚିନ୍ତା ପ୍ରକାଶ ପାଇଛି। ପୃଥିବୀର 'ତୃତୀୟ ଧ୍ରୁବ' ଭାବେ ପରିଚିତ ହିମାଳୟ ଏସିଆର ଅନେକ ପ୍ରମୁଖ ନଦୀର ଉତ୍ସ। କୋଟି କୋଟି ଲୋକଙ୍କ ଜୀବନ ଓ ଜଳ ନିରାପତ୍ତା ହିମାଳୟର ବରଫ ଓ ହିମ ଉପରେ ନିର୍ଭରଶୀଳ। ମାତ୍ର ତାପମାତ୍ରା ବୃଦ୍ଧି ସହ ଏହି ଅଞ୍ଚଳରେ ବରଫପାତର ଧାରା ବଦଳୁଥିବାରୁ ହିମନଦ ସଙ୍କୁଚିତ ହେଉଛି। ଭାରତୀୟ ଅନ୍ତରିକ୍ଷ ଗବେଷଣା ସଂସ୍ଥାର ତଥ୍ୟ ଅନୁସାରେ, ୧୯୮୪ ପରଠାରୁ ଦେଶର ହିମାଳୟ ଅଞ୍ଚଳରେ ଅନେକ ହିମନଦୀୟ ହ୍ରଦର ଆକାର ବଢ଼ିଛି। ୨୦୧୬-୧୭ରେ ଚିହ୍ନଟ ୨,୪୩୧ଟି ବଡ଼ ହିମନଦୀୟ ହ୍ରଦ ମଧ୍ୟରୁ ୬୭୬ଟି ଉଲ୍ଲେଖନୀୟ ଭାବେ ବିସ୍ତାରିତ ହୋଇଛି। ସେଥିରୁ ୧୩୦ଟି ଭାରତରେ ରହିଛି। ଏହି ୬୭୬ଟି ହ୍ରଦ ମଧ୍ୟରୁ ୬୦୧ଟିର ଆକାର ଗତ ଚାରି ଦଶନ୍ଧିରେ ଦୁଇଗୁଣରୁ ଅଧିକ ହୋଇଛି। ହିମନଦୀୟ ହ୍ରଦର ପ୍ରାକୃତିକ ବନ୍ଧ ଭାଙ୍ଗିଗଲେ ହଠାତ୍ ବିପୁଳ ଜଳରାଶି ତଳକୁ ଆସି 'ଗ୍ଲେସିଆଲ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍' ବା ଜିଏଲଓଏଫ୍ ସୃଷ୍ଟି ହୋଇପାରେ। ୨୦୨୧ର ଚମୋଲି ବିପର୍ଯ୍ୟୟ, ୨୦୨୩ର ସିକ୍କିମ ଦକ୍ଷିଣ ଲୋହନାକ୍ ହ୍ରଦ ବିପର୍ଯ୍ୟୟ ଓ ସମ୍ପ୍ରତି ନେପାଳର ଭୟାବହ ହିମନଦ ସମ୍ପର୍କିତ ବିପର୍ଯ୍ୟୟ ଏହି ବିପଦର ଗମ୍ଭୀରତା ଦର୍ଶାଇଛି। ଏପରି ପରିସ୍ଥିତିରେ ୨୦୦୯ରେ ସ୍ଥାପିତ ଭାରତର ଏକମାତ୍ର ଗ୍ଲେସିଓଲୋଜି କେନ୍ଦ୍ରକୁ ୨୦୨୦ରେ ବନ୍ଦ କରି ୱାଡିଆ ଇନଷ୍ଟିଚ୍ୟୁଟ୍‌ରେ ମିଶାଇ ଦିଆଯାଇଥିଲା। ସେହିପରି ମନାଲିସ୍ଥିତ ସ୍ନୋ ଆଣ୍ଡ ଆଭାଲାଞ୍ଚ ଷ୍ଟଡି ଏଷ୍ଟାବ୍ଲିସମେଣ୍ଟକୁ ମଧ୍ୟ ୨୦୨୦ରେ ଡିଆରଡିଓ ଅନ୍ୟ ଏକ ସଂସ୍ଥା ସହ ମିଶାଇଥିଲା। ବୈଜ୍ଞାନିକମାନଙ୍କ ମତରେ, ହିମାଳୟରେ ବିପଦ ବଢୁଥିବା ବେଳେ ସ୍ୱତନ୍ତ୍ର ଗବେଷଣା କ୍ଷମତା ହ୍ରାସ କରିବା ପରିବର୍ତ୍ତ ଏହାକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ। ବରିଷ୍ଠ ହିମନଦ ବିଜ୍ଞାନୀ ଡି.ପି. ଧୋବାଲଙ୍କ ମତରେ, ହିମନଦ ବିଜ୍ଞାନ ପାଇଁ ଜାତୀୟସ୍ତରର ଏକ ସ୍ୱତନ୍ତ୍ର କେନ୍ଦ୍ର ଆବଶ୍ୟକ। ହିମନଦ, ଜଳବାୟୁ, ଭୂବିଜ୍ଞାନ, ଜଳବିଜ୍ଞାନ, ଭୂକମ୍ପ ବିଜ୍ଞାନ ଓ ଉପଗ୍ରହ ତଥ୍ୟ ଭଳି ବିଭିନ୍ନ କ୍ଷେତ୍ରର ସମନ୍ୱିତ ଗବେଷଣା ମାଧ୍ୟମରେ ହିଁ ହିମାଳୟର ବଦଳୁଥିବା ସ୍ଥିତିକୁ ବୁଝିହେବ। ବୈଜ୍ଞାନିକମାନେ ଭାରତ, ନେପାଳ, ଭୁଟାନ ଓ ଅନ୍ୟ ହିମାଳୟୀ ଦେଶଗୁଡ଼ିକ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଓ ମିଳିତ ଗବେଷଣା ବଢ଼ାଇବାକୁ ମଧ୍ୟ ମତ ଦେଇଛନ୍ତି। ହିମାଳୟର ବରଫ ଓ ହିମରୁ ଉତ୍ପନ୍ନ ଜଳ ଉପରେ ଅର୍ବୁଦ ଲୋକ ନିର୍ଭର କରୁଥିବା ବେଳେ, ଦ୍ରୁତ ପରିବର୍ତ୍ତିତ ହେଉଥିବା ଏହି ପରିବେଶ ଏବେ ସେମାନଙ୍କ ପାଇଁ ବିପଦର କାରଣ ମଧ୍ୟ ହେଉଛି। ତେଣୁ ଆଗାମୀ ବିପର୍ଯ୍ୟୟ ପୂର୍ବରୁ ହିମାଳୟକୁ ବୁଝିବା ପାଇଁ ବୈଜ୍ଞାନିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବେ ଅତ୍ୟନ୍ତ ଜରୁରୀ।



## ଏବିଭିପି ଓ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କ ମଧ୍ୟରେ ଛକାପଞ୍ଝା ଜାରି

# ଅନିଶ୍ଚିତତାରେ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୧୩।୯ (ସମିସ): ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ସରକାରକୁ ଆସିବାର ୨ ବର୍ଷ ପରେ ମଧ୍ୟ ନିର୍ବାଚନ କରାଇବାରେ ଅସମର୍ଥ ହୋଇଛି। ବିଭିନ୍ନ ଛାତ୍ର ସଂଗଠନ ନିର୍ବାଚନ ଦାବିରେ ଆନ୍ଦୋଳନ ଡାକରା ଦେଉଥିବାବେଳେ ଚଳିତ ବର୍ଷ ମଧ୍ୟ ନିର୍ବାଚନ ହେବ ନା ନାହିଁ, ସେନେଇ ସରକାର କୌଣସି ସ୍ପଷ୍ଟିକରଣ ରଖୁନାହାନ୍ତି। ଏପରି ସ୍ଥିତିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କ ମଧ୍ୟରେ ଛକାପଞ୍ଝା ସରକାରୀ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବିଜେବି ଓ ରାଜଧାନୀ କଲେଜରେ ପରସ୍ପର ମଧ୍ୟରେ ହାତାହାତି ହୋଇ ମାମଲା ଥାନା ପର୍ଯ୍ୟନ୍ତ ପହଞ୍ଚିଥିବାବେଳେ ସାରା ରାଜ୍ୟରେ ସମାନ ସ୍ଥିତି ଲାଗି ରହିଛି।

ରାଜ୍ୟର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରେ ଉଭୟ ସଂଗଠନ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ହଷ୍ଟେଲ୍ ଆବଣ୍ଟନ ଓ ବିକ୍ରି ଘଟଣାରେ ହାତାହାତି ହେବା ସହ ବନ୍ଧୁକ ମୁନରେ ଧମକାଉଥିବା ଏବିଭିପି ଥାନାରେ ଅଭିଯୋଗ କରିଛି। ଏପରିକି ବିଜେପି ଯୁବମୋର୍ଚ୍ଚାର ଜଣେ ସମ୍ପାଦକଙ୍କ ନାମରେ ଏତଲା ମଧ୍ୟ ଦେଇଛି। ଅନୁରୂପ ଭାବେ ଯୁବମୋର୍ଚ୍ଚା ସଦସ୍ୟମାନେ ମଧ୍ୟ ଏବିଭିପି ସଦସ୍ୟଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରୁଛନ୍ତି। ରାଜଧାନୀରେ ଆଉ ଏକ ପ୍ରତିଷ୍ଠିତ ବିଜେବି କଲେଜରେ ମଧ୍ୟ ସମାନ ପରିସ୍ଥିତି। ଏବିଭିପି ଓ ଯୁବମୋର୍ଚ୍ଚା ମଧ୍ୟରେ ଗଣ୍ଡଗୋଳ କାରଣରୁ 'ବିଜେବି ଷ୍ଟୁଡେଣ୍ଟ ଭଏସ୍' ନାମରେ ସଂଗଠନ ସଜାଡ଼ିବାକୁ ପ୍ରୟାସ ହେଉଛି। ଏବିଭିପି ବ୍ୟାନରରେ କୌଣସି କାର୍ଯ୍ୟକ୍ରମ ନ କରିବା ପାଇଁ ଏକପ୍ରକାର ବୁଝାମଣା ହେବା ପରେ ପରିସ୍ଥିତି ସାମାନ୍ୟ ସୁଧୁରିଛି। ସେହିପରି ରାଜଧାନୀ କଲେଜରେ ମଧ୍ୟ ଛକାପଞ୍ଝା ଲାଗି ରହିଛି। ବିଧାୟକଙ୍କ ଜଣେ ଖାସ୍ ଅନୁଗତ ସଂଗଠନ କରୁଥିବାବେଳେ ଏବିଭିପି ଏହାକୁ ବିରୋଧ କରୁଛି। ଏପରିକି ଏବିଭିପିର ହେଲ୍ପଡେକ୍ସ ପୋଡ଼ିବା ଘଟଣାରେ ଯୁବମୋର୍ଚ୍ଚା ସଦସ୍ୟଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନ ରହିଥିବା ଅଭିଯୋଗ ହୋଇଛି। ଶାସକ ଦଳର ସମର୍ଥକ ଥିବା ଏହି ଦୁଇ ଗୋଷ୍ଠୀଙ୍କ ଭିତରେ ଟଣାଓଟରା ସରକାରଙ୍କ ପାଇଁ ଅଡୁଆ ବଢ଼ାଇଛି। ଛାତ୍ରସଂସଦ

- ହାରିବା ଭୟରୁ ନିର୍ବାଚନ ଟାଳିବାକୁ ପ୍ରୟାସ: ଛାତ୍ର କଂଗ୍ରେସ
- ତୁରନ୍ତ ତାରିଖ ଘୋଷଣା ନହେଲେ ଆନ୍ଦୋଳନ: ଏବିଭିପି
- ଶିକ୍ଷା ବିରୋଧି ନୀତି ପ୍ରତିବାଦରେ ୨୫ ରେ ଆନ୍ଦୋଳନ: ଏଆଇଏସ୍ଏଫ୍

ନିର୍ବାଚନ ହେଲେ ଗୋଡ଼ ଟଣାଟଣି ମଧ୍ୟରେ ପରାଜୟ ବରଣ କରିବାର ଆଶଙ୍କା ଘାରୁଛି। ଏଣୁ ସରକାର ବିଭିନ୍ନ ଆଳ କରି କିମ୍ବା କୌଣସି ପ୍ରତିକ୍ରିୟା ନ ରଖି ନିର୍ବାଚନ ଟାଳିବାକୁ ଉଚିତ୍ ମଣୁଥିବା ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ପ୍ରଥମ ବର୍ଷ ବିଭିନ୍ନ ମନ୍ତ୍ରୀ ଓ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇ ନକରିବାରୁ ଛାତ୍ର ଆନ୍ଦୋଳନ ତେଜିଥିଲା। ଏହାର ପରବର୍ଷ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ନରଖି କେବଳ ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନିଆଯିବ କହି ଉଚ୍ଚଶିକ୍ଷା ମନ୍ତ୍ରୀ ନିର୍ବାଚନ କଥାକୁ ଏଡ଼ାଇ ଯାଇଥିଲେ। ଏହା ଅତ୍ୟନ୍ତ ଫଳପ୍ରଦ ହୋଇଥିଲା ବୋଲି ଆଲୋଚନା ହେବା ସହ ଚଳିତ ବର୍ଷ ମଧ୍ୟ ଏହି ଫର୍ମୁଲାରେ ନିର୍ବାଚନ ଏଡ଼ାଇବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି।

ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଏବିଭିପି, ବିସିଜେଡ଼ି, ଛାତ୍ର କଂଗ୍ରେସ, ଏଆଇଏସ୍ଏଫ୍ ଓ ଏଆଇଡିଏସ୍ଓ ବାରମ୍ବାର ଦାବି କରୁଛନ୍ତି। ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ସରକାରଙ୍କୁ ନିର୍ବାଚନ ହାରିବାର ଭୟ ଥିବାରୁ ନିର୍ବାଚନ ଟାଳିବାକୁ ଶ୍ରେୟସ୍କର ମଣୁଛନ୍ତି। ଏହାର ପ୍ରତିବାଦରେ ଓ ନିର୍ବାଚନ ଦାବିରେ ପ୍ରତିଟି ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରି ବ୍ୟାପକ ଆନ୍ଦୋଳନ କରାଯିବ। ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଯବାବ ମାଗିବା ପାଇଁ ସେମାନେ ପ୍ରସ୍ତୁତି ସାରିଥିବା ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ନିର୍ବାଚନ ନ କରି ସରକାର ନେତୃତ୍ୱର ଭୃଣହତ୍ୟା କରୁଛନ୍ତି। ଆଗକୁ ନେତୃତ୍ୱ ସଂକଟ ଦେଖାଯିବା ସହ ପିଲାଙ୍କ ସ୍ୱରକୁ ସବୁଦିନ ପାଇଁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ସମସ୍ତ ଛାତ୍ର ଓ ଶିକ୍ଷା ବିରୋଧୀ ନୀତି ପ୍ରତିବାଦରେ ଆସନ୍ତା ୨୫ ରେ ଭୁବନେଶ୍ୱର ଚାଲ ଡ଼ାକରା ଦିଆଯାଇଛି। ଏହାପରେ ସମସ୍ତ ଶିକ୍ଷାନୁଷ୍ଠାନରେ ବ୍ୟାପକ ଆନ୍ଦୋଳନ କରାଯିବ। ଏବିଭିପିର ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ଦାବିରେ ସେମାନେ ପ୍ରତି କ୍ୟାମ୍ପସ୍‌ରୁ କୁଳପତି ଓ ଅଧ୍ୟକ୍ଷଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି। ସରକାର ତୁରନ୍ତ ନିର୍ବାଚନ ତାରିଖ ଘୋଷଣା କରିବା ସହ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ଉଚ୍ଚ ସ୍ତରୀୟ କମିଟି ଗଠନ କରନ୍ତୁ। ଅନ୍ୟଥା ବିଦ୍ୟାର୍ଥୀ ପରିଷଦ ଆନ୍ଦୋଳନକୁ ଓହ୍ଲାଇବ।

# ଘରୋଇ ମାଲିକାନାରେ ରାଜ୍ୟର ୯୦% ଖଣି

ଭୁବନେଶ୍ୱର, ୧୩।୯ (ସମିସ): ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ନିୟନ୍ତ୍ରଣ) ଆଇନ, ୧୯୫୭ରେ ୨୦୨୬ରେ ହୋଇଥିବା ସଂଶୋଧନକୁ ନେଇ ଓଡ଼ିଶାର ଖଣି ରାଜସ୍ୱ ଓ ରାଜ୍ୟର କର ଅଧିକାର ଉପରେ ନୂଆ ତର୍କ ଆରମ୍ଭ ହୋଇଛି। ରାଜ୍ୟରେ ଏହି ସଂଶୋଧନ ଯୋଗୁଁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱରେ ବଡ଼ ଧରଣର ପ୍ରଭାବ ପଡ଼ିପାରେ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ବିଶେଷ ଭାବରେ ରାଜ୍ୟ ପାଇବାକୁ ଥିବା ୧.୨ଲକ୍ଷ କୋଟି ଟଙ୍କାର ବକେୟା ରାଶି ସହ ବାର୍ଷିକ ହାରାହାରି ୧୨ ହଜାର କୋଟି ଟଙ୍କାର ଟିକସ ହରାଇବା ନିଶ୍ଚିତ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ରାଜ୍ୟରେ କାର୍ଯ୍ୟକ୍ଷମ ଖଣିଗୁଡ଼ିକର ୯୦% ଘରୋଇ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ରାଜ୍ୟ ହାତରୁ ଟିକସ ଲଗାଇବାର କ୍ଷମତା ସଂକୁଚିତ କରାଯିବା ଦ୍ୱାରା ରାଜ୍ୟ ହରାଇବାକୁଥିବା ଅର୍ଥରାଶି ସିଧାସଳଖ ନିର୍ଦ୍ଦିଷ୍ଟ ଆଙ୍ଗୁଳିଗଣତି ଖଣି ପଟ୍ଟାଦାର ଓ ବ୍ୟକ୍ତିବିଶେଷଙ୍କୁ ଫାଇଦା ଦେବା ନିଶ୍ଚିତ ବୋଲି ମନେ କରାଯାଉଛି।

ଓଡ଼ିଶାରେ ବର୍ତ୍ତମାନ ୭୫ରୁ ଊର୍ଦ୍ଧ୍ୱ ଲୁହାପଥର ଖଣି କାର୍ଯ୍ୟକ୍ଷମ ରହିଛି। ଅନୁରୂପ ଭାବରେ ୨୫ କ୍ରୋମାଇଟ, ୪୫ ମାଙ୍ଗାନିଜ, ୩୦ କୋଇଲା, ୧୦ ବକ୍ସାଇଟ୍ ଖଣିରୁ ଖଣିଜ ସମ୍ପଦ ଉତ୍ତୋଳନ ହେଉଛି। ଏହାବ୍ୟତୀତ ଡ଼ୋଲୋମାଇଟ୍, ଗ୍ରାଫାଇଟ୍, ଗ୍ରାନାଇଟ୍ ଆଦି ଅନ୍ୟାନ୍ୟ ଖଣି ସହ ଶହଶହ ଲଘୁ ଖଣିଜ ଖଣି ରହିଛି। ଏହି ଖଣିଗୁଡ଼ିକ ମଧ୍ୟରୁ ୯୦ ପ୍ରତିଶତ ଘରୋଇ ମାଲିକାନାରେ ଥିବାବେଳେ ୧୦ ପ୍ରତିଶତ ଖଣି ରାଷ୍ଟ୍ରାୟତ୍ତ ସଂସ୍ଥା ପରିଚାଳନା କରୁଛି। ତେଣୁ ରାଜ୍ୟର ରାଜସ୍ୱ ହାନି ସିଧାସଳଖ ଘରୋଇ ସଂସ୍ଥାଗୁଡ଼ିକୁ ସମୃଦ୍ଧ କରିବ ଓ ରାଜ୍ୟ ସରକାରଙ୍କ ଟିକସ କ୍ଷମତା ସଂକୋଚନ ଦ୍ୱାରା ଖଣି ମାଲିକମାନଙ୍କୁ ଲାଭବାନ କରିବ।

ସଂଶୋଧନରେ ଏମ୍ଏମ୍ଡିଆର୍ ଆଇନର ଧାରା ୨ରେ 'ମିନେରାଲ ବିୟରିଂ ଲ୍ୟାଣ୍ଡ' ବା ଖଣିଜ ଧାରଣ କରୁଥିବା ଜମିକୁ ମଧ୍ୟ କେନ୍ଦ୍ରୀୟ ନିୟନ୍ତ୍ରଣ ପରିସରକୁ ଆଣାଯାଇଛି। ନୂଆ ଧାରା ୯ଡି ଅନୁଯାୟୀ, ଖଣିଜ ଅଧିକାର କିମ୍ବା ଖଣିଜ ଧାରଣ କରୁଥିବା ଜମି ଉପରେ ରାଜ୍ୟ ସରକାର କୌଣସି ଟିକସ, ସେସ୍ କିମ୍ବା ଅନ୍ୟ ଲେଭି ଲାଗୁ କରିପାରିବେ ନାହିଁ, ଯଦିଓ କେନ୍ଦ୍ର ସରକାର ନିର୍ଦ୍ଧାରଣ କରୁଥିବା ସର୍ତ୍ତ ଓ ସୀମା ଅନୁସାରେ ଏପରି ଲେଭି ଲାଗୁ କରିବାର ବ୍ୟବସ୍ଥା ରହିପାରିବ। ବିଡ଼ମ୍ବନା ହେଉଛି ସଂଶୋଧିତ ଆଇନ ଅନୁଯାୟୀ, ସଂଶୋଧନ ଲାଗୁ ହେବା ପୂର୍ବରୁ ରାଜ୍ୟ ଦ୍ୱାରା ଆଦାୟ କିମ୍ବା ଆଦାୟ କରାଯାଇନଥିବା ଏପରି ଲେଭିକୁ ଅବୈଧ ଘୋଷଣ କରାଯାଇଛି। ଧାରା ୧୩ରେ ମଧ୍ୟ ସଂଶୋଧନ କରି ଏହି ଲେଭି ଲାଗୁ କରିବା ସମ୍ପର୍କିତ ସର୍ତ୍ତ ଓ ସୀମା ନିର୍ଦ୍ଧାରଣ ପାଇଁ କେନ୍ଦ୍ରକୁ ନିୟମ ପ୍ରଣୟନ କ୍ଷମତା ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଝାଡ଼ଖଣ୍ଡ ସରକାର ତ୍ୱରିତ ପଦକ୍ଷେପ ସ୍ୱରୂପ ନିଜ ରାଜ୍ୟରେ ଟିକସ ବ୍ୟବସ୍ଥା ଲାଗୁ କରିଥିଲେ ଓ ଏ ବାବଦରେ ରାଜ୍ୟ କିଛି ପରିମାଣରେ ରାଜସ୍ୱ ପାଇଥିଲା। ମାତ୍ର ଓଡ଼ିଶା ସରକାର ଟିକସ ଲଗାଇଲେ ନାହିଁ କିମ୍ବା ବକେୟା ପାଇଁ ଦାବି କଲେ ନାହିଁ। ଓଡ଼ିଶାର ଆଡ଼ଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟରେ ବକେୟା

**ଏମ୍ଏମ୍ଡିଆର୍ ଆଇନ ସଂଶୋଧନ ଫଳରେ ରାଜ୍ୟ ହରାଇବ ରାଜସ୍ୱ;ଲାଭ ପାଇବେ କମ୍ପାନୀ**

ଅର୍ଥ ସଂକ୍ରାନ୍ତ ଯୁକ୍ତି ବେଳେ ରାଜ୍ୟ ପାଇଁ ଏହି ଅର୍ଥର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ କହିଥିଲେ। ମାତ୍ର ଏହା ସତ୍ତ୍ୱେ ରାଜ୍ୟ ସରକାରଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରୁଥିବା ସମୟରେ ଶାସକ ବିଜେପିର କିଛି ନେତା ଏହାଦ୍ୱାରା ରାଜ୍ୟର ଲାଭ ହେବ ବୋଲି ବିତଣ୍ଡା ଯୁକ୍ତି ବାଢ଼ୁଛନ୍ତି। ଖଣି ମାଲିକଙ୍କ ଉପରୁ ଟିକସ ବ୍ୟବସ୍ଥା ହଟାଇଦେବା ଦ୍ୱାରା ରାଜ୍ୟର କିପରି ଲାଭ ହେବ ତାହା ସମସ୍ତଙ୍କ ପାଇଁ ଅବୋଧ ମନେ ହେଉଛି।

ପିଆରଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ଅନୁଯାୟୀ, ଖଣିଜ ଧାରଣ କରୁଥିବା ଜମି ଉପରେ ରାଜ୍ୟର କର ଲାଗୁ କରିବା କ୍ଷମତା ସମ୍ପର୍କରେ ୨୦୨୪ର ସୁପ୍ରିମକୋର୍ଟ ରାୟର ପ୍ରଭାବ ରହିଛି। ମାତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଦୁଇ ବର୍ଷ ପରେ ଆଇନ ପ୍ରଣୟନ କରି ରାଜ୍ୟର ଲକ୍ଷାଧିକ କୋଟି ଟଙ୍କା ରାଜସ୍ୱ ବାଟ ବନ୍ଦ କରିବା ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ କେବଳ ପ୍ରଚାରସର୍ବସ୍ୱ: ବିଜେଡି

ଭୁବନେଶ୍ୱର,୧୩।୯ (ସମିସ): ଓଡ଼ିଶାରେ ପୁଞ୍ଜିନିବେଶ ନେଇ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ଜୋରଦାର ପ୍ରଚାର ପ୍ରସାର ହେଉଛି। ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ଖର୍ଚ୍ଚ ଅନୁଯାୟୀ ଓଡ଼ିଶାକୁ ସମପରିମାଣରେ ପୁଞ୍ଜି ଆସିବକି ନାହିଁ, ସେନେଇ ପ୍ରଶ୍ନ କରିଛି ବିଜେଡି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ବିଜେପି ସରକାରଙ୍କୁ ଏନେଇ କଡ଼ା ସମାଲୋଚନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ ସମ୍ପୂର୍ଣ୍ଣ କରି ଓଡ଼ିଶାକୁ ଫେରିଛନ୍ତି। ଓଡ଼ିଶାରେ ଅନେକ ପୁଞ୍ଜି ନିବେଶ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଜୋରଦାର ହେଉଛି। ଦୈନିକ ଖବରକାଗଜମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ଜରିଆରେ ପ୍ରଥମ ପୃଷ୍ଠା ମଣ୍ଡନ କରି ପ୍ରଚାର ପ୍ରସାର ହେଉଥିବା ବେଳେ ବିଜେଡି ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନ ବାବଦରେ ରାଜ୍ୟ ସରକାର କ'ଣ ପାଇଁ ଚୁପ୍ ରହିଛନ୍ତି। ଆଦାନୀ ଗ୍ରୁପ୍ ଓ ଆଇଏଚଏସ ସହିତ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତରେ ଯାଇଥିଲେ। ତାହା ପୂର୍ବରୁ ଉତ୍କର୍ଷ ଓଡ଼ିଶା-୨୦୨୫ରେ ଏମ୍ଓୟୁ ସ୍ୱାକ୍ଷରିତ ହେବାର ଅଂଶବିଶେଷ। ତେବେ ଉକ୍ତ ଦୁଇଟି ଏମ୍ଓୟୁ ସ୍ୱାକ୍ଷର କରିବା ମଧ୍ୟରେ ସାମଞ୍ଜସ୍ୟ କଣ ରହିଛି। ଭାରତର ଗୋଟିଏ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦେଶ ବାହାରକୁ ଯିବାର କାରଣ କ'ଣ ବୋଲି ବିଜେଡି



- ସିଙ୍ଗାପୁର ଗସ୍ତର ଫଳ ଶୂନ୍ୟ ଥିଲା ବେଳେ ୟୁଏଇ ଗସ୍ତକୁ ନେଇ ସଂଶୟ
- ମିଛ ବିଜ୍ଞାପନ କରି ରାଜକୋଷର ଅର୍ଥ ଅପବ୍ୟୟ କରନ୍ତୁ ନାହିଁ
- ଅଢ଼େଇ ବର୍ଷର ବିଜେପି ଶାସନରେ ଗ୍ରାଉଣ୍ଡରେ ପୁଞ୍ଜିନିବେଶ ଶୂନ୍

ପ୍ରଶ୍ନ କରିଛି। ଚୁକ୍ତିରେ କ'ଣ ନୂଆ ଓ କ'ଣ ସବୁ ପୁରୁଣା ତଥ୍ୟ ରହିଛି, ତାହାକୁ ସର୍ବସାଧାରଣରେ ବିବୃତ୍ତି ପ୍ରଦାନ କରିବାର ଆବଶ୍ୟକତା ରହିଛି। ରାଜ୍ୟରେ ବିଜେପି ସରକାର ଗଠନ ହେବାର ୨ବର୍ଷ ୬ମାସ ହେଲାଣି। ରାଜ୍ୟ ସରକାର ୨୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓଡ଼ିଶା ପାଇଁ ଆଣିଛନ୍ତି ବୋଲି ବାରମ୍ବାର କହିଛନ୍ତି। ପୁଞ୍ଜି ନିବେଶ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ଆଗରେ ରହିଛି ବୋଲି ବିଜେପି ସରକାର ବାରମ୍ବାର ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ଗ୍ରାଉଣ୍ଡରେ ପୁଞ୍ଜିନିବେଶ ଶୂନ୍ୟ ରହିଛି। କେବଳ ୩ ଲକ୍ଷ କୋଟି ଟଙ୍କାର ଇନ୍ଭେଷ୍ଟ ଆସିଛି। ରାଜ୍ୟରେ ପ୍ରାୟ ୫୦ଟି କ୍ଷୁଦ୍ର, ମଧ୍ୟମଧରଣର ଉଦ୍ୟୋଗ ଆଦି ନିଜର ପ୍ରାରମ୍ଭିକ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି; କିନ୍ତୁ ତାହା ବିଶେଷ ଅଗ୍ରଗତି ହୋଇନାହିଁ। ଫଳରେ ଓଡ଼ିଶାରେ ଚାକିରି ସୁଯୋଗ ସୃଷ୍ଟି ହୋଇପାରିନଥିବା ବେଳେ ବେକାର ଯୁବକଯୁବତୀମାନେ ଦାଦନ ଖଟିବାକୁ ଯାଉଛନ୍ତି। ଯଦି ପୁଞ୍ଜିନିବେଶ ରହିଛି, ସେ ପରିମାଣର ନିଯୁକ୍ତି ସୁଯୋଗ କାହିଁକି ନାହିଁ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ଡବଲ ଇଞ୍ଜିନ ସରକାର ଏଥିରେ ବିଫଳ ହୋଇଥିବା ବେଳେ କେବଳ ଘୋଷଣା ଓ ବଡ଼ ବଡ଼ କଥା କହିବାରେ ସୀମିତ ରହିଛି; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଶୂନ୍ୟ ରହିଛନ୍ତି। ରାଜ୍ୟ ସରକାର କଥା ନ ଲୁଚାଇ ପୁଞ୍ଜିନିବେଶର ସମ୍ପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରନ୍ତୁ। ବିଜ୍ଞାପନ ଜରିଆରେ ରାଜକୋଷର ଅର୍ଥର ଅପବ୍ୟୟ କରନ୍ତୁ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

# ଫଟୋ ସେସନ୍ ପାଇଁ ଆବୁଧାବି-ଦୁବାଇ ଗସ୍ତ: କଂଗ୍ରେସ

ଭୁବନେଶ୍ୱର,୧୩।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରୁ ଫେରି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରଠାରେ ରଖିଥିବା ଦାବିକୁ ପିସିସି ସଭାପତି ଭକ୍ତ ଚରଣ ଦାସ ସମାଲୋଚନା କରିଛନ୍ତି। ନିବେଶ

- ମୁଖ୍ୟମନ୍ତ୍ରୀଙ୍କ ଦାବି ଅତ୍ୟଧିକ ଅତିରଞ୍ଜିତ ଓ ଅସାର
- ନିବେଶ ସଫଳତାର ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର

ପ୍ରସ୍ତାବରେ ୨.୪୩ ଲକ୍ଷ କୋଟି ଟଙ୍କା ସୁରକ୍ଷିତ କରିବା ଏବଂ ୬ ରୁ ୯ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ "ଅତ୍ୟଧିକ ଅତିରଞ୍ଜିତ ଏବଂ ସମ୍ପୂର୍ଣ୍ଣ ଅସାର' ବୋଲି ଅଭିହିତ ସହ ଆବୁଧାବି ଏବଂ ଦୁବାଇର ସମଗ୍ର ପାଞ୍ଚ ଦିନିଆ ଗସ୍ତ ଓଡ଼ିଶାର ଯୁବକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ ଏକ ବ୍ୟୟବହୁଳ ଫଟୋ ସେସନ୍ ଥିଲା ବୋଲି ଭକ୍ତ କହିଛନ୍ତି

ଅତୀତର ବୁଝାମଣାପତ୍ର (ଏମଓୟୁ)ର ବାସ୍ତବତା ଉପରେ ଶ୍ରୀ ଦାସ ପ୍ରଶ୍ନ ଉଠାଇବା ସହିତ ସତ୍‌ସାହସ ଥିଲେ ଆନ୍ତର୍ଜାତୀୟ ବୁଝାମଣାପତ୍ରର ପ୍ରକୃତ ସଫଳତା ହାର ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି କରିଛନ୍ତି। ଏହାସହିତ ୯ ଲକ୍ଷ ଚାକିରିର ଭ୍ରମ ସୃଷ୍ଟି କରାଯାଉଛି ବୋଲି କହି ଏହା କେବଳ କାଗଜପତ୍ର ଏବଂ କର୍ପୋରେଟ



ପ୍ରେସ ରିଲିଜରେ ସୀମିତ ବୋଲି ଭକ୍ତ କହିଛନ୍ତି। ସ୍ଥାନୀୟ ଏମଏସଏମଇକୁ ଅବହେଳା କରି ରାଜ୍ୟ ସରକାର ଜନସାଧାରଣଙ୍କ ପଇସା ଏଭଳି ବ୍ୟୟବହୁଳ ଆନ୍ତର୍ଜାତୀୟ ଗସ୍ତରେ ଖର୍ଚ୍ଚ କରୁଛନ୍ତି। ମାତ୍ର ସ୍ଥାନୀୟ ଏମଏସଏମଇ ଏବଂ ଘରୋଇ ଶିଳ୍ପଗୁଡ଼ିକ ରାଜ୍ୟ ସହାୟତାର ଅଭାବ, ଅତ୍ୟଧିକ ବିଦ୍ୟୁତ ଶୁଳ୍କ ଏବଂ ନିୟାମକ ପ୍ରତିବନ୍ଧକ ଯୋଗୁଁ ବନ୍ଦ ହୋଇଯାଉଛି ବୋଲି କହିଛନ୍ତି। ୟୁଏଇରେ ଘୋଷଣା କରାଯାଇଥିବା ୨.୪୩ ଲକ୍ଷ କୋଟି ଟଙ୍କାର ଅଧିକାଂଶ ନିବେଶ ପ୍ରସ୍ତାବ ଅତ୍ୟଧିକ ଜଟିଳ ପୁଞ୍ଜି-ପ୍ରଧାନ କ୍ଷେତ୍ର (ଧାତୁ, ଗ୍ରୀନ ହାଇଡ୍ରୋଜେନ ଏବଂ ଭିତ୍ତିଭୂମି) କୁ ଲକ୍ଷ୍ୟ କରି କରାଯାଇଛି। ଏହି କ୍ଷେତ୍ରଗୁଡ଼ିକ କେବଳ ବଡ଼ ଆକଳନ ସୃଷ୍ଟି କରନ୍ତି, କିନ୍ତୁ ବିନିଯୋଗ ହୋଇଥିବା କୋଟି ପିଛା ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହାର ଅତ୍ୟନ୍ତ କମ୍ ଥାଏ ବୋଲି ଭକ୍ତ କହିଛନ୍ତି।

ଯୁବକମାନଙ୍କୁ ଶିଳ୍ପ-ଉପଯୋଗୀ କରିବା ବାହାନାରେ "ଦକ୍ଷତା ବିକାଶ' କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଟଙ୍କାର ସରକାରୀ ପାଣ୍ଠି ଖର୍ଚ୍ଚ କରାଯାଉଛି। କିନ୍ତୁ, ସ୍ଥାନୀୟ ଶିଳ୍ପ ନିଯୁକ୍ତି କେବଳ ସ୍ୱଳ୍ପ ଦରମାର ଚୁକ୍ତିଭିତ୍ତିକ ଚାକିରି ମଧ୍ୟରେ ସୀମିତ ଥିବାରୁ, ଓଡ଼ିଶା ଦେଶର ଅନ୍ୟତମ ବୃହତ୍ତମ ପ୍ରବାସୀ ଶ୍ରମିକ ସୃଷ୍ଟିକାରୀ ରାଜ୍ୟ ହୋଇ ରହିଛି। ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥବ୍ୟବସ୍ଥା ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଏକ ସମ୍ପୂର୍ଣ୍ଣ ଗାଣିତିକ ଭ୍ରମ ବୋଲି ଭକ୍ତ କହିଛନ୍ତି।

## ଜେଡବ୍ଲୁ ମାରିଅଟ୍ ହୋଟେଲ ଭୁଶୁଡ଼ିବା ପ୍ରସଙ୍ଗ

# ଡିଏନ୍ ହୋମ୍ସ ନିର୍ଦ୍ଦେଶକଙ୍କ ନାଁରେ ଯୁବ କଂଗ୍ରେସର ଏତଲା




ଭୁବନେଶ୍ୱର,୧୩।୯ (ସମିସ): ଡେଲ୍‌ଟା ଛକ ସ୍ଥିତ ନିର୍ମାଣାଧୀନ ଜେଡବ୍ଲୁ ମାରିଅଟ୍ ହୋଟେଲ ଭୁଶୁଡ଼ିବା ପ୍ରସଙ୍ଗ ଥାନାରେ ପହଞ୍ଚିଛି। ଏହି ଘଟଣାରେ ଡିଏନ ହୋମ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଜଗଦିଶ ପ୍ରସାଦ ନାୟକ ଏବଂ ତତ୍‌କାଳୀନ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୁୟାଁଙ୍କ ନାଁରେ ଯୁବ କଂଗ୍ରେସ ଥାନାରେ ଏତଲା ଦେଇଛି। ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ ଏହି ବହୁତଳ ଅଟ୍ଟାଳିକା ନିର୍ମାଣଧିନ ଥିବା ବେଳେ ଭୁଶୁଡ଼ି ପଡ଼ିଲା। ଏହି ହୋଟେଲ ନିର୍ମାଣ ଏବଂ ଏହି ହୋଟେଲର ମାଲିକାନାରେ ଡିଏନ ହୋମସ ଅଂଶୀଦାର ରହିଛି। ଯେହେତୁ ନିର୍ମାଣ ଅତି ନିମ୍ନମାନର ଥିଲା ତେଣୁ ତାହା ନିର୍ମାଣଧିନ ଥିବାବେଳେ ଭୁଶୁଡ଼ିପଡ଼ିଲା। ମାତ୍ର ପ୍ରଶାସନ ପକ୍ଷରୁ ଡିଏନ ହୋମସକୁ ସୁରକ୍ଷା ଦିଆଯାଉଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

ତେଣୁ ପୁଲିସ ଏହି ଘଟଣାରେ ହସ୍ତକ୍ଷେପ କରି ବିଲ୍ଡିଂ ଭୁଶୁଡ଼ିବାର ପ୍ରକୃତ କାରଣ, ଏହାର ନିର୍ମାଣଗତ ତ୍ରୁଟି, ନିମ୍ନମାନର କାର୍ଯ୍ୟ, ନିମ୍ନମାନର ସାମଗ୍ରୀ ଏବଂ ଡିଜାଇନରେ ତ୍ରୁଟିର ତଦନ୍ତ କରୁ ବୋଲି ଦାବି ହୋଇଛି। ଏହାସହିତ ଡିଏନ ହୋମ୍ସର ଭୂମିକା, ଦାୟିତ୍ୱ ଏବଂ ନିର୍ମାଣ କାର୍ଯ୍ୟକାରୀ କରୁଥିବା ସଂସ୍ଥାର ତ୍ରୁଟିର ତଦନ୍ତ ସହ ଆର୍କିଟେକ୍ଟ, ଷ୍ଟ୍ରକଚରାଲ ଇଂଜିନିୟର, କଣ୍ଟ୍ରାକ୍ଟର, ସବ କଣ୍ଟ୍ରାକ୍ଟର, ପ୍ରୋଜେକ୍ଟ ମ୍ୟାନେଜର ଏବଂ ଦାୟିତ୍ୱରେ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ଭୂମିକାର ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ଏହି ବିଲ୍ଡିଂ ଅନୁମୋଦିତ ବିଲ୍ଡିଂ ପ୍ଲାନ ଏବଂ ଅନୁମୋଦିତ ଷ୍ଟ୍ରକଚରାଲ ଡିଜାଇନ ଅନୁଯାୟୀ କଡ଼ାକଡ଼ି ଭାବେ ନିର୍ମାଣ ହୋଇଥିଲା କି ନାହିଁ ତାହା ତଦନ୍ତ କରିବାର ଆଶ୍ୟକତା ରହିଛି। ଏହାସହିତ ଆବଶ୍ୟକିୟ ବିଲ୍ଡିଂ ଅନୁମତି ଏବଂ ଷ୍ଟ୍ରକଚରାଲ ସେଫ୍ଟି ସାର୍ଟିଫିକେଟ ହାଲସ କରାଯାଇଥିଲା କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

ଏଥିରେ ଓଡ଼ିଶା ବିଲ୍ଡିଂ ଓ ବିକାଶ ନିୟମାବଳୀ ଆଇନର ଉଲ୍ଲଙ୍ଘନ ହୋଇଛିକି ନାହିଁ ଯାଞ୍ଚ କରିବା ସହ କୋଠା ସମ୍ବଧିୟ ରେକର୍ଡ ସବୁକୁ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି। ତ୍ରୁଟିପୂର୍ଣ୍ଣ ନିର୍ମାଣ, ନିମ୍ନମାନର ସାମଗ୍ରୀର ବ୍ୟବହାର, ମିଥ୍ୟା ପ୍ରମାଣୀକରଣ ପ୍ରଭୃତିରେ ସଂପୃକ୍ତ ସମସ୍ତଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ଏହାସହିତ ଏହି ଘଟଣା ପାଇଁ ତୁରନ୍ତ ଜଗଦିଶ ପ୍ରସାଦ ନାୟକ ଏବଂ ଗୌରୀ ଶଙ୍କର ଭୁୟାଁଙ୍କୁ ଗିରଫ କରିବାକୁ ଦାବି ହୋଇଥିବା ବେଳେ ଯେହେତୁ ଏହା ଜନସୁରକ୍ଷା ସହିତ ଜଡ଼ିତ, ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏଭଳି ବିଲ୍ଡିଂ ପାଖରେ ବହୁ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ଖଣ୍ଡଗିରି ଥାନାରେ ସୁଦିପ ସାମଲ, ସୁରଜ ରାଉତ, ଚିତ୍ତରଞ୍ଜନ ନାୟକ, ବିଶ୍ୱଜିତ ସ୍ୱାଇଁ, ଏମଡି ମନୁୱର, ସନ୍ଦିପ ରାଉତରାୟ, ନିଆଜୁଲ ଇସଲାମ ପ୍ରମୁଖ ଉପସ୍ଥିତ ରହି ଏତଲା ଦେଇଛନ୍ତି।

# କୁଖ୍ୟାତ ଅପରାଧୀ ଇର୍ଫାନ୍‌କୁ ଏନ୍‌କାଉଣ୍ଟର

ସମ୍ବଲପୁର, ୧୩।୯ (ସମିସ): କୁଖ୍ୟାତ ଅପରାଧୀକୁ ସମ୍ବଲପୁର ପୁଲିସ ଏନ୍‌କାଉଣ୍ଟର କରିଛି। ବାମ ଗୋଡ଼ରେ ଗୁଳି ବାଜି ଆହତ ଅପରାଧୀ। ସଦର ଥାନା ଅଧୀନସ୍ଥ ସୁଡୁଙ୍ଗା ଜଙ୍ଗଲ ନିକଟ କେନାଲ ରୋଡ୍‌ରେ ରବିବାର ଭୋର୍ ସମୟରେ ପୁଲିସ ଓ ଅପରାଧୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ପୁଲିସର ପାଲଟା ଗୁଳିଚାଳନାରେ ସୁନାପାଲି ଅଞ୍ଚଳର କୁଖ୍ୟାତ ଅପରାଧୀ ମହମ୍ମଦ ଇର୍ଫାନ ବାମ ଗୋଡ଼ରେ ଗୁଳିବାଜି ଆହତ ହୋଇଛି। ପୁଲିସ ଘଟଣାସ୍ଥଳରୁ ତାର ଦୁଇଜଣ ସହଯୋଗୀଙ୍କୁ କାବୁ କରିବାରେ ସଫଳ ହୋଇଥିବାବେଳେ ଏକ ବନ୍ଧୁକ,



- ବାମ ଗୋଡ଼ରେ ବାଜିଲା ଗୁଳି
- ୨ ସହଯୋଗୀ ଅଟକ
- ବିଭିନ୍ନ ଥାନାରେ ଅଭିଯୁକ୍ତ ନାମରେ ରହିଛି ୨୪ ମାମଲା

ଜୀବନ୍ତ ଗୁଳି ଓ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ରବିବାର ପ୍ରାୟ ଭୋର ୫ଟା ୪୫ ମିନିଟ ସମୟରେ ସଦର ଥାନା ପୁଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ କଳା ରଙ୍ଗର ମୋଟରସାଇକେଲ (ଓଡି୧୫ ଏବି୩୬୭୪) ଯୋଗେ ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ସୁଡୁଙ୍ଗା ଜଙ୍ଗଲ ନିକଟସ୍ଥ କେନାଲ ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଗାଡ଼ିକୁ ଅଟକାଇ ଦୁଇଜଣ ସହଯୋଗୀଙ୍କୁ କାବୁ କରିନେଇଥିବା ବେଳେ ମହମ୍ମଦ ଇରଫାନ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲା। ଖସିଯିବା ବେଳେ ସେ ପୁଲିସ ଟିମ୍‌କୁ ଲକ୍ଷ୍ୟ କରି ୩ ରାଉଣ୍ଡ ଗୁଳି ଚଳାଇଥିଲା। ପୁଲିସ କର୍ମଚାରୀମାନେ ନିଜ ଜୀବନ ବଞ୍ଚାଇବା ପାଇଁ ୨ ରାଉଣ୍ଡ ପାଲଟା ଗୁଳି ଚଳାଇଥିଲେ। ଏଥିରେ ଏକ ଗୁଳି ଇରଫାନର ବାମ ଗୋଡ଼ରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲା ଏବଂ ପୁଲିସ ତାକୁ କାବୁ କରିଥିଲା। ଘଟଣାସ୍ଥଳରୁ ପୁଲିସ ଗୋଟିଏ ପିସ୍ତଲ, କିଛି ଜୀବନ୍ତ ଗୁଳି ଏବଂ ୩ଟି ଖାଲି କାର୍ଟ୍ରିଜ୍ ଉଦ୍ଧାର କରିଛି। ଏହାସହିତ ଅପରାଧରେ ବ୍ୟବହୃତ ହୋଇଥିବା କଳା ରଙ୍ଗର ପଲସର ମୋଟରସାଇକେଲକୁ ମଧ୍ୟ ଜବତ କରାଯାଇଛି। ଗୁଳିମାଡ଼ରେ ଆହତ ଇରଫାନକୁ ତୁରନ୍ତ ଉଦ୍ଧାର କରାଯାଇ ବୁର୍ଲାସ୍ଥିତ ଭୀମସାର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେଠାରେ ତାର ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ପୁଲିସ ରେକର୍ଡ ଅନୁଯାୟୀ, ଅଭିଯୁକ୍ତ ମହମ୍ମଦ ଇରଫାନ ଜଣେ ପେସାଦାର ଅପରାଧୀ। ତାର ନାମରେ ପୂର୍ବରୁ ଡକାୟତି, ରାହାଜାନି, ଆଲୁମିନିୟମ ତାର ଚୋରି, ଘରଭଙ୍ଗା ଚୋରି ଏବଂ ନିଶା କାରବାର ଭଳି ୨୪ରୁ ଅଧିକ ସଙ୍ଗୀନ ମାମଲା ବିଭିନ୍ନ ଥାନାରେ ରହିଛି। ଅଟକଥିବା ଅନ୍ୟ ଦୁଇ ସହଯୋଗୀଙ୍କୁ ପୁଲିସ ଅଧିକ ପଚରାଉଚରା କରୁଛି ଏବଂ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

# କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ପୁଲିସ ତଦନ୍ତ ଆରମ୍ଭ

## ଗୁରୁତର ଶ୍ରମିକଙ୍କ ବିଷୟରେ ମୁହଁ ଖୋଲୁନାହାଁନ୍ତି ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟ କର୍ତ୍ତୃପକ୍ଷ

ରାଉରକେଲା/ଭୁବନେଶ୍ୱର,୧୩।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଥାନା ଅଧୀନ କମଣ୍ଡସ୍ଥିତ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟର ଏସ୍ଏମ୍ଏସ୍-୨ ଫର୍ଣ୍ଣେସରେ ଶନିବାର ପୂର୍ବାହ୍ନରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ କରିଛି କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ। ରାଉରକେଲା କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ବିଭୁ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଦୁର୍ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଥ୍ୟ ସଂଗ୍ରହ କରିଥିଲେ। ଦୁର୍ଘଟଣା କିପରି ଘଟିଲା, ଇଣ୍ଡକ୍ସନ ଫର୍ଣ୍ଣେସରୁ ଉତ୍ତପ୍ତ ତରଳ ଲୌହ ସାମଗ୍ରୀ ପରିବହନ ବେଳେ କିପରି ତଳକୁ ଖସିଲା, କେଉଁଠି ବୈଷୟିକ ତୃଟି ରହିଥିଲା, ଶ୍ରମିକମାନଙ୍କ ପାଇଁ କାର୍ଯ୍ୟସ୍ଥଳରେ ଆବଶ୍ୟ ସୁରକ୍ଷା ବ୍ୟବସ୍ଥା ରହିଥିଲା କି ନାହିଁ, ଯଦି ରୁଙ୍ଗଟା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ତେବେ ଏତେ ଶ୍ରମିକ କିପରି ପୋଡ଼ିଗଲେ ଇତ୍ୟାଦି ଅନେକ ବିଷୟରେ କାରଖାନା ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶକ ଶ୍ରୀ ରାଉତ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିବା ସୂଚନା ମିଳିଛି।

ସେପଟେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି ରୁଙ୍ଗଟା ପ୍ଲାଣ୍ଟର ଏସ୍ଏମ୍ଏସ୍-୨ ବିଭାଗରେ ଗତକାଲି ଘଟିଥିବା ଦୁର୍ଘଟଣାର ସରଜମିନ ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଡିଏସ୍‌ପିସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ତେବେ ଦୁର୍ଘଟଣା ହେବାର ଇତିମଧ୍ୟରେ ୨୪ ଘଣ୍ଟା ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଏ ନେଇ କୌଣସି ତଥ୍ୟ ସାର୍ବଜନୀନ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଗୁରୁତର ଶ୍ରମିକଙ୍କ ବିଷୟରେ ଏବେ ବି ମୁହଁ ଖୋଲୁନାହାନ୍ତି ରୁଙ୍ଗଟା କର୍ତ୍ତୃପକ୍ଷ। ଆହତମାନଙ୍କର ଫଟୋ ଏବଂ ଦୁର୍ଘଟଣାସ୍ଥଳର ଭିଡିଓ ଦେଖିଲା ପରେ ଅନୁମାନ କରି ହେଉଛି ଯେ ପ୍ରକୃତରେ ଦୁର୍ଘଟଣାର ତୀବ୍ରତା କେତେ ଭୟଙ୍କର ଥିଲା, ଉତ୍ତପ୍ତ ପାଣି ମିଶ୍ରିତ ତରଳ ଲୌହ ଆଘାତରେ ବାସ୍ତବରେ କେତେ ଶ୍ରମିକ ଆହତ ହୋଇଥିଲେ, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି ସେ ବିଷୟରେ କେହିବି ତଥ୍ୟ ଦେଉ ନ ଥିବା କାରଖାନା କର୍ତ୍ତୃପକ୍ଷ ଏହି ଘଟଣାକୁ ଚପାଇ ଦେବା ପାଇଁ ପ୍ରଶାସନ ଉପରେ ଚାପ ପ୍ରୟୋଗ କରୁଥିବା ଶୁଣିବାକୁ ମିଳୁଛି।

ସୂଚନାଯୋଗ୍ୟ ଗତବର୍ଷ ମଧ୍ୟ ରୁଙ୍ଗଟା ପ୍ଲାଣ୍ଟରେ ଅନୁରୂପ ଭୟଙ୍କର ଦୁର୍ଘଟଣା ଘଟି ୪ ଜଣ ଶ୍ରମିକ ଜିଅନ୍ତା ଜଳି ପାଉଁଶ ହୋଇ ଯାଇଥିଲେ। ଏହାଛଡ଼ା ବର୍ଷ ତମାମ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟିବାରେ ଲାଗିଥିବା କୁହାଯାଇଛି। ବାରମ୍ବାର ଦୁର୍ଘଟଣା ଘଟିବା ଏବଂ ଦୁର୍ଘଟଣାରେ ଏକାଧିକ ଶ୍ରମିକଙ୍କ ମୃତାହତ ହେବା ଘଟଣାରୁ ସ୍ପଷ୍ଟ ଅନୁମେୟ ଯେ କାରଖାନା ଭିତରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଶ୍ରମିକ କର୍ମଚାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ନ କରି ସେମାନଙ୍କ ଜୀବନକୁ ବାଜି ଲଗାଇ କାରଖାନା କର୍ତ୍ତୃପକ୍ଷ ସାମଗ୍ରୀ ଉତ୍ପାଦନ କରୁଛନ୍ତି ବୋଲି ଅଭିଯୋଗ ହେଉଛି। କେବଳ ସେତିକି ନୁହେଁ; ଅଧିକାଂଶ ଶ୍ରମିକ, କର୍ମଚାରୀ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ପରି ବାହାର ରାଜ୍ୟରୁ ଅଣାଯାଇ କାର୍ଯ୍ୟରେ ନିୟୋଜିତ କରାଯାଉଛି, କାରଣ କୌଣସି ଦୁର୍ଘଟଣା ବେଳେ ଉତ୍ତେଜନା ହେବନାହିଁ। ଗତକାଲି ପୂର୍ବାହ୍ନରେ ଘଟିଥିବା ବିସ୍ଫୋରଣ ଗୁରୁତର ଆହତ ୫ ଜଣ ଶ୍ରମିକ ଗୁରୁତର ଆହତମାନଙ୍କୁ କେଉଁ ହସ୍ପିଟାଲରେ ଚିକିତ୍ସା କରାଯାଉଛି ସେ ବିଷୟରେ ବି ସମସ୍ତଙ୍କୁ ଅନ୍ଧାରରେ ରଖାଯାଇଛି। ଶନିବାର ଦୁର୍ଘଟଣା ପରେ କାରଖାନାର ମୁଖ୍ୟ ଫାଟକକୁ ବନ୍ଦ କରି ଦିଆଯାଇଥିଲା। କାରଖାନା ଭିତରକୁ କୌଣସି ଲୋକଙ୍କ ପ୍ରବେଶ ଏବଂ କାରଖାନା ଭିତରୁ କୌଣସି କର୍ମଚାରୀଙ୍କ ବାହାରକୁ ଯିବା ଉପରେ କଟକଣା ଲଗାଯାଇଥିବା କୁହାଯାଇଛି।

# ଜିଏମ୍‌ୟୁରେ ମୃତ୍ତିକା ଶିଳ୍ପକୁ ନେଇ ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୧୩।୯ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନରେ 'ଓଡ଼ିଶାର ମୃତ୍ତିକା ଶିଳ୍ପ ଓ ଧାତୁ ନିର୍ମାଣ ପ୍ରଯୁକ୍ତି ବିଦ୍ୟାର ନୃତାତ୍ତ୍ୱିକ ଓ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣ'ରେ ଭାରତୀୟ ଜ୍ଞାନ ପରମ୍ପରାକୁ ଅବଦାନ ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଓଁକାରନାଥ ମହାନ୍ତି ଯୋଗଦେଇ ଓଡ଼ିଶାର ନିଜସ୍ୱ ଜ୍ଞାନ ଦ୍ୱାରା କିଭଳି ମୃତ୍ତିକା କଳାର ନିର୍ମାଣ ଓ ଧାତୁବିଜ୍ଞାନ ପ୍ରୟୋଗରେ ସଭ୍ୟତାର ଉତ୍‌ଥାନ ଓ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ହେଉଛି ସେନେଇ ବିସ୍ତୃତଭାବେ ଆଲୋଚନା କରିଥିଲେ। ବନାରସ ବିଶ୍ୱବିଦ୍ୟାଳୟର ପ୍ରତ୍ନତାତ୍ତ୍ୱିକ ବିଭାଗ ପ୍ରଫେସର ପ୍ରଭାକର ଉପାଧ୍ୟାୟ ମୁଖ୍ୟବକ୍ତା ଭାବରେ ଭାରତବର୍ଷର ବିଭିନ୍ନ କୋଣଅନୁକୋଣରେ ପ୍ରାଚୀନଧାତୁ ନିର୍ମାଣ ଓ ପ୍ରଯୁକ୍ତିବିଦ୍ୟାର କିଭଳି ସମୟୋପଯୋଗି ଓ ମାନବକଲ୍ୟାଣ ସାଧନ ହୋଇପାରୁଥିଲା, ଯାହାର ପ୍ରତ୍ନତାତ୍ତ୍ୱିକ ଓ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଭିନ୍ନ ଖନନ ଓ ବର୍ତ୍ତମାନ କେତେକ ଅଞ୍ଚଳରେ ଦେଖାଯାଉଥିବା ପାରମ୍ପରିକ ଜ୍ଞାନ ମାଧ୍ୟମରେ ନିର୍ମାଣର ପ୍ରଯୁକ୍ତିବିଦ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ, ନୂଆଦିଲ୍ଲୀର ଅଧ୍ୟକ୍ଷ ଡ. ଅଶୋକ ପଟେଲ ଓଡ଼ିଶାରେ ରହିଥିବା ପ୍ରାଚୀନ ସଭ୍ୟତା ଓ ଧାତୁର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। ଦୁଇଦିନିଆ ସମ୍ମିଳନୀର



ମୁଖ୍ୟ ଆବାହକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଆଞ୍ଚଳିକସ୍ତରରେ ପ୍ରଯୁକ୍ତି ବିଦ୍ୟା ଓ ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ସଂଯୋଜକ ଡ. ପରମତାପ ପ୍ରଧାନ ପରିଚାଳନା କରିଥିବାବେଳେ ଇତିହାସ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ସମ୍ମିଳନୀରେ ୩୦ରୁ ଊର୍ଦ୍ଧ୍ୱ ଗବେଷକ ଯୋଗ ଦେଇଥିଲେ।

# ନୂଆଁଖାଇ ପୂର୍ବରୁ ସଫେଇ କର୍ମଚାରୀଙ୍କୁ ମିଳିଲା ଦରମା

## ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଲେ ଧନ୍ୟବାଦ

**ସମ୍ବଲପୁର, ୧୩।୯ (ସମିସ):** ନୂଆଁଖାଇ ପୂର୍ବରୁ ଦରମା ମିଳିବାରୁ ସମ୍ବଲପୁର ମହାନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ। ଦରମା ପ୍ରଦାନ ନେଇ ସମସ୍ୟାରେ ହସ୍ତକ୍ଷେପ କରି ସହଯୋଗ କରିଥିବାରୁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛି ସମ୍ବଲପୁର ସଫେଇ କର୍ମଚାରୀ ସଂଘ। ଏନେଇ ଆଜି ମୁଦିପଡ଼ାରେ ସଂଘ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଥିଲା। ସଂଘର ସଭାପତି ଅଜୁ ତାଣ୍ଡିଆ ଏବଂ ସମ୍ପାଦକ ଦୁଷ୍ମନ୍ତ ବେହେରା ନେତୃତ୍ୱରେ ଆୟୋଜିତ ବୈଠକରେ ବହୁ ସଂଖ୍ୟକ ସଫେଇ କର୍ମଚାରୀ ଯୋଗଦେଇ ସାଂସଦଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ୍ତ ସୂଚନା ଅନୁସାରେ, ସମ୍ବଲପୁର ଏସ୍.ଏମ୍.ସିରେ ୮୨୦ ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସଫେଇ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏସ୍‌ଏମ୍‌ସିର ସଫେଇ କାର୍ଯ୍ୟ 'ପ୍ରତ୍ୟୁଷ' ନାମକ ଏକ ଠିକା ସଂସ୍ଥା ନେଇଥିବା ବେଳେ ଏହା ଅଧୀନରେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ନୂଆଁଖାଇ ପର୍ବ ନିକଟତର ହେଉଥିବା ବେଳେ ଦରମା ମିଳିନଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏନେଇ ସଂଘର ପ୍ରତିନିଧିମାନେ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ସଫେଇ କର୍ମଚାରୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସାଂସଦ ଦରମା ପ୍ରଦାନ ବ୍ୟବସ୍ଥା ନେଇ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ସତୀଶ ବିଶି ଓ ଭୋଳା ଶଙ୍କର ମହନ୍ତମଙ୍କୁ ଦାୟିତ୍ୱ ଦେଇଥିଲେ। ପରେ ସେମାନେ ଏସ୍‌ଏମ୍‌ସି କମିଶନର ଓ ଠିକା ସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତାହାସହ ନିଜେ ସାଂସଦ ମଧ୍ୟ ଠିକା ସଂସ୍ଥାକୁ ଶୀଘ୍ର କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଉ ବୋଲି କହିଥିଲେ। ବୈଠକରେ ସଂଘର ପ୍ରଦୀପ ତାଣ୍ଡିଆ, ବିଶ୍ୱଜିତ ଗଣ୍ଡ, ଯୁବରାଜ ବେହେରା, ବିଜୁ ତାଣ୍ଡିଆ, ରାଜକୁମାରୀ ସିଂ, ରୀନା ବନଛୋର, ଗୀତା କଂସାଙ୍କ ସମେତ ସଂଘର ବହୁ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ।

# ବେଆଇନ ବାଲି ଚୋରାଚାଲାଣ; ୨ କୋର୍ଟ ଚାଲାଣ

**ନାକଟିଦେଉଳ, ୧୩।୯ (ସମିସ) :** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରେ ବାଲି ଚୋରାଚାଲାଣ ହେଉଥିବା ବେଳେ ୨ଟି ଟ୍ରାକ୍ଟର ଜବତ ହୋଇଛି। ଶନିବାର ଦିନ ରାତି ୧୦ଟା ସମୟରେ ପେଣ୍ଡବାହାଲ ନିକଟସ୍ଥ ଚମ୍ପାଳୀ ପୋଲ ନିକଟରୁ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ନାକଟିଦେଉଳ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଗାଡ଼ିକୁ ଜବତ କରିବା ସହ ୨ ଜଣ ଡ୍ରାଇଭରଙ୍କୁ ଅଟକ ରଖିଥିଲା। ଡ୍ରାଇଭର ୨ଜଣ ହେଲେ ମାରୱାଡ଼ିମୁଣ୍ଡା ଗ୍ରାମର ନାରାୟଣ ମୁଣ୍ଡା (୩୨) ଓ ପେଣ୍ଡବାହାଲ ଗ୍ରାମର ଲମ୍ବୋଦର ପ୍ରଧାନ (୨୯)। ଆଜି ନାକଟିଦେଉଳ ପୁଲିସ ଡ୍ରାଇଭର ୨ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ଗୋଡ଼ଭଗାରେ ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ସହ ମାଗଣା ସ୍ୱାସ୍ଥ୍ୟ ମେଳା

**ସମ୍ବଲପୁର, ୧୩।୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଗୋଡ଼ଭଗା ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଲାୟନ୍ସ କ୍ଲବ୍ ପକ୍ଷରୁ ରବିବାର ରକ୍ତଦାନ ଶିବିର ସହ ମାଗଣା



ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ୪୨ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିବା ବେଳେ ୮୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ତଥା ଲାୟନ୍ସ ଡ. ଚିତ୍ତରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ମେଳା ଆୟୋଜିତ ହୋଇଥିଲା। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨ ଜଣଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡ ଏବଂ ୮୪ ଜଣଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା କାର୍ଡ ନବୀକରଣ କରାଯାଇଥିଲା। ନବୀକରଣ ହୋଇଥିବା କାର୍ଡଗୁଡ଼ିକୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମହାନନ୍ଦ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ସହ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ମାଗଣା ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲାୟନ୍ସ କ୍ଲବ୍‌ର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଅସୁସ୍ଥତାର ଲକ୍ଷଣ ଦେଖାଦେଲେ ନିଜେ ଔଷଧ ନ ଖାଇ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ଆୟୋଜକ ଡା. ଚିତ୍ତରଞ୍ଜନ ଜେନା ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟ ମେଳାରେ ଡା. ସ୍ୱାଗତ ପ୍ରଧାନ, ଡା. ପ୍ରଶାନ୍ତ ଗୋୟଲ, ଡା. ଶୁଭାଞ୍ଜଳି ନାଏକ, ଡା. ସତୀଶ ଜି, ଡା. ଚିର୍ଣ୍ଣୟ ମେହେର, ଡା. ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିବା ବେଳେ ମଧୁସ୍ମିତା ମହାନ୍ତି, ଶୋଭିତ ଦାଶ, ଆଶୁତୋଷ ମହାପାତ୍ର, ରଜତ କୁମାର ବେହେରା ପ୍ରମୁଖ ରକ୍ତଚାପ, ମଧୁମେହ, ରକ୍ତ ଶିକୁଳି, ରକ୍ତ ହୀନତା ଆଦି ବିଭିନ୍ନ ପରୀକ୍ଷା କରିଥିଲେ। ସେହିପରି ଭିମସାରର ଡା. କେ.କେ. ଖୁଆଶ, ଦେବାଶିଷ ମିଶ୍ର, ଅଗ୍ନି ମହାନନ୍ଦ, ଗଣେଶ ପ୍ରଧାନ, ପାଇନୁ ଭୋଇ ରକ୍ତ ସଂଗ୍ରହ କରିଥିଲେ। କ୍ଲବର ସଭାପତି ପ୍ରଦୀପ କୁମାର କର୍ଣ୍ଣ ସଭାପତିତ୍ୱ କରିଥିବା ବେଳେ ଶେଷରେ ସମ୍ପାଦକ ସୁବର୍ଣ୍ଣ ମେହେର ଧନ୍ୟବାଦ ଦେଇଥିଲେ।

# ମା' ପାଟଣେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆ ଧାନ

**ସମ୍ବଲପୁର, ୧୩।୯ (ସମିସ) :** ନୂଆଁଖାଇ ପାଇଁ ମା' ପାଟଣେଶ୍ୱରୀ ମନ୍ଦିରରେ ପହଞ୍ଚିଛି ନୂଆ ଧାନ। ସମ୍ବଲପୁର ଉପକଣ୍ଠସ୍ଥ ନକ୍ସାପାଲି ଅଞ୍ଚଳରୁ ମା'ଙ୍କ ନବାନ୍ନ ଲାଗି ହେତୁ ସରିଆ ଧାନ ଆସିଯାଇଛି। ଏହି ଅବସରରେ ପୂଜକ, ସେବକ ତଥା ପାଟଣେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ନୂଆ ଧାନରେ ନୂଆଁଖାଇରେ ମା'ଙ୍କ ପାଇଁ ପୂଜକ ମାନଙ୍କ ଦ୍ୱାରା ନବାନ୍ନ ପ୍ରସ୍ତୁତ କରାଯିବ। ଆସନ୍ତା ୧୫ ତାରିଖ ସକାଳ ୯ ଟା ୫୬



ମିନିଟ୍ ମଧ୍ୟରେ ମା'ଙ୍କ ପାଖରେ ନବାନ୍ନ ଲାଗି କରାଯିବ ବୋଲି ଜଣାପଡ଼ିଛି। ଏହାପରେ ସମସ୍ତେ ମିଶି ଏକାସାଙ୍ଗରେ ନବାନ୍ନ ଭକ୍ଷଣ କରିବେ। ସନ୍ଧ୍ୟାରେ ନକ୍ସାପାଲିରୁ ଭାରତୀ ବେହେରା, ଦିଲ୍ଲୀପ କୁମାର ସାନବଡ଼, ଝରଣା ମଞ୍ଜରୀ ସାନବଡ଼, ଦୀନେଶ କୁମାର ସାନବଡ଼, ପଦ୍ମିନୀ ସାନବଡ଼ ପ୍ରମୁଖ ଧାନ ନେଇ ଆସି ମନ୍ଦିର ପୂଜକ ରମେଶ ପୁରୋହିତ ଓ ଦଧିବାମନ ପଣ୍ଡାଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଯୁଯୁମୁରା ଦୁର୍ଗାପୂଜା କମିଟି ସଭାପତି ବରୁଣ

**ସମ୍ବଲପୁର, ୧୩।୯ (ସମିସ):** ଯୁଯୁମୁରା ଦୁର୍ଗାପୂଜା କମିଟିର ଏକ ସଭା ସଭାପତି ବରୁଣ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେଅନୁଷ୍ଠିତହୋଇଛି।ସଭାରେସର୍ବସମ୍ମତି କ୍ରମେ ୨୦୨୬ ପାଇଁ ପୂଜା କମିଟି ଗଠନ କରାଯାଇ ବରୁଣ କୁମାର ଦେହୁରୀଙ୍କୁ ପୁଣି ସଭାପତି ରୂପେ ମନୋନୀତ କରାଯାଇଛି।ସେହିପରି ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ଉପସଭାପତି, ସୁରେନ୍ଦ୍ର ବାଗଙ୍କୁ ସମ୍ପାଦକ, ଜଗନ୍ନାଥ ଆମାତଙ୍କୁ ସହ ସମ୍ପାଦକ ଓ ସରୋଜ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ପଦପାଇଁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପରିଚାଳନା କମିଟିରେ ସୁରେଶ୍ୱର ପ୍ରଧାନ, ଲକ୍ଷ୍ମୀକାନ୍ତ ଦେହୁରୀ, ନବୀନ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ସୁବାସ ବେହେରା, ଅଜିତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ବିଶ୍ୱାଳ, ଦୀପକ ମାଝୀ, ତ୍ରିଲୋଚନ ସାହୁ, ଧନେଶ୍ୱର ସେଠ, ଶିଶିର ଅମାତ, ବିପିନ ଅମାତ, ବିରଞ୍ଚି ସାହୁ, ଭିକାରୀରାଜ ବାଗ, ସିଦ୍ଧେଶ୍ୱର ଦଲେଇ ଓ ହେମନ୍ତ କୁମ୍ଭାରଙ୍କୁ ମନୋନୀତ କରାଯାଇଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସାମାଜିକ ବନୀକରଣ ଅଭିଯାନର ଶୁଭାରମ୍ଭ



**ସମ୍ବଲପୁର, ୧୩।୯ (ସମିସ):** ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ପାଇଁ ଏକ ସାମୁହିକ ପଦକ୍ଷେପ ଅନ୍ତର୍ଗତ ସ୍ଥାନୀୟ ଭୁରସିପାଲି ଓ ଲାଉମାଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ମୁଖ୍ୟ ରବି ନିୱାସ, ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା, ଜଙ୍ଗଲ ବିଭାଗର ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ରହି ଉତ୍ସାହ ସହିତ ବୃକ୍ଷରୋପଣ କରିଥିଲେ। ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ଏବଂ ଗ୍ରାମୀଣ ଅଞ୍ଚଳରେ ସବୁଜିମା ବୃଦ୍ଧି ଉଦ୍ଦେଶ୍ୟରେ ଏହି ବନୀକରଣ କାର୍ଯ୍ୟକ୍ରମ କରାଯାଉଛି ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ

**ଜମନକିରା, ୧୩।୯ (ସମିସ) :** ଜମନକିରା ଡିଗ୍ରୀ ମହାବିଦ୍ୟାଳୟରେସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବରେ ସମ୍ବଲପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ରେ ଓଡ଼ିଆ ବିଭାଗ ସହକାରୀ ପ୍ରଫେଶର ଯୋଗେଶ ଭୋଇ ଯୋଗ ଦେଇ ଗଙ୍ଗାଧରଙ୍କ ରଚନା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ତୃପ୍ତି ମିଶ୍ର ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ଏବଂ ଅଧ୍ୟାପିକା ଅରୁଣା ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ମନମୋହନ ଜୟବିକାଶ ବାଘ, ସିଦ୍ଧାନ୍ତ ସାହୁ, ସୁରଥ ସାହୁ, ମିନିକେତନ ସାହୁ ଅଧ୍ୟାପିକା ସାଇନା ଭୋଇ, ସୁପର୍ଣ୍ଣା ରାଣୀ ପଟ୍ଟନାୟକ, କୁଣ୍ଡଳୀ ମହାନନ୍ଦ, ସୁଲକ୍ଷଣା ପଟେଲ, ଚେତନା ଗର୍ଡିଆ, ବର୍ଣ୍ଣାଲୀ ଦେହୁରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ୫୦୦ ବୋତଲ କଫସିରପ୍ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧୩।୯ (ସମିସ) :** ବୁର୍ଲା ଥାନା ପୁଲିସ ମହାତାବନଗର ଅଞ୍ଚଳରେ ଚଢ଼ଉ କରି ଦୁଇଟି ପ୍ଲାଷ୍ଟିକ୍ ବସ୍ତାରେ ଚାଲାଣ କରୁଥିବା ୫୦୦ ବୋତଲ କଫସିରପ୍ ଜବତ କରିବାସହ ଅଭିଯୁକ୍ତ ନରେଶ ବନଛୋରକୁ ଗିରଫ କରିଛି। ଏନେଇ ବୁର୍ଲା ଥାନାରେ ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରିବାସହ ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଏସ୍‌ଆଇ ଏବଂ କର୍ମଚାରୀମାନେ କର୍ମଚାରୀମାନେ ରାତ୍ରିକାଳୀନ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ, ସେତେବେଳେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ବୁର୍ଲାର ମହତାବନଗରସ୍ଥିତ ଫାୟାରିଂ ରେଞ୍ଜ୍ ଫିଲ୍ଡ ଓ ଖ୍ରୀଷ୍ଟିଆନ୍ ଶ୍ମଶାନ ନିକଟରେ ଚଢ଼ଉ କରାଯାଇ ବୁର୍ଲା ଥାନା ଗାନ୍ଧୀପଡ଼ାର ନରେଶ ବନଛୋର (୫୦) ଙ୍କୁ ଅଟକ ରଖାଯାଇଥିଲା। ତାଙ୍କଠାରୁ ଦୁଇଟି ପ୍ଲାଷ୍ଟିକ୍ ବସ୍ତା, ଯେଉଁଥିରେ ପ୍ରତ୍ୟେକରେ ୨୫୦ଟି ଲେଖାଏଁ ୱିନସିରେକ୍ସ କଫସିରପ୍ ବୋତଲ, ମୋଟ ୫୦୦ଟି କଫସିରପ୍ ବୋତଲ ଜବତ କରାଯାଇଛି। ପଚରାଉଚୁରା ବେଳେ ସେ ପ୍ରଚୁର ପରିମାଣର କୋଡିନ୍ ଯୁକ୍ତ କଫସିରପ୍ ପରିବହନ ସମ୍ବନ୍ଧୀୟ କୌଣସି



ଲାଇସେନ୍ସ କିମ୍ବା ଅନୁମତି ପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ବୁର୍ଲା ଥାନା ପୁଲିସ କେସ୍ ନଂ.୩୮୫/୨୦୨୬ ଦଫା ୨୧(ଖ) / ୨୯ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି। ଆଜି ଅଭିଯୁକ୍ତ ନରେଶ ବନଛୋରଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

# ଜାତୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌ରେ ସମ୍ବଲପୁରର ସଫଳତା

**ସମ୍ବଲପୁର, ୧୩।୯ (ସମିସ) :** ୪୬ତମ ନ୍ୟାସନାଲ୍ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌୨୦୨୬ରେ ଓଡ଼ିଶା ୩୪ଟି ପଦକ ହାସଲ କରିଥିବାବେଳେ, ସମ୍ବଲପୁରର ଖେଳାଳିମାନେ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ ପଦକ ହାସଲ କରି ସମ୍ବଲପୁର ତଥା ଓଡ଼ିଶାକୁ ଗର୍ବ ଓ ଗୌରବ ଆଣିଛନ୍ତି। ଦିଲ୍ଲୀର ପିତମ୍‌ପୁରାସ୍ଥିତ ଦିଲ୍ଲୀ ହାଟ୍‌ଠାରେ ସେପ୍ଟେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ଚାମ୍ପିୟନଶିପ୍‌ରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୫୮୦ ଜଣ



ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ସମ୍ବଲପୁରର ସିଦ୍ଧି ପୋଡ଼ ୫୨ କେଜି ବର୍ଗରେ, ଦ୍ରୌପଦୀ ଧାରୁଆ ୬୩ କେଜି ବର୍ଗରେ, ଡଲି ପୂଜାରୀ ୭୬ କେଜି ବର୍ଗରେ, ଦୃଷ୍ଟିରାଜ ବହିଦାର ୯୩ କେଜି ବର୍ଗରେ, ଚାନ୍ଦିନୀ ଶର୍ମା ୮୪+ କେଜି ବର୍ଗରେ, ସୁନିତା ନାଏକ ୮୪ କେଜି ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ, ଦିବ୍ୟା ବାଗ ୧୨୦+ କେଜି ବର୍ଗରେ ଏବଂ ସୋମନାଥ ପଟ୍ଟନାୟକ ୧୨୦ କେଜି ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳାଳିମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପ ଯୁବପିଢ଼ି ପାଇଁ ପ୍ରେରଣା ପାଲଟିଛି। ସମ୍ବଲପୁର ପାୱାରଲିଫ୍ଟିଂ ଏସୋସିଏସନ୍‌ର ସଭାପତି ସୁଧୀର ବହିଦାର ଓ ବରିଷ୍ଠ ସଦସ୍ୟ ବାବଲୁ ପଟ୍ଟନାୟକ, ସମସ୍ତ ସ୍ୱର୍ଣ୍ଣ ପଦକ ବିଜେତା ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ହୀରାକୁଦ ଆଉ ୪ ଗେଟ୍ ଖୋଲିଲା

**ସମ୍ବଲପୁର, ୧୩।୯ (ସମିସ) :** ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ ରହିଥିବାବେଳେ ଆଜି ପର୍ଯ୍ୟାୟକ୍ରମେ ନଦୀବନ୍ଧର ଆଉ ୪ଟି ଗେଟ୍ ଖୋଲା ଯାଇଛି। ଆଜି ସକାଳ ୬ଟା ୫୦ ମିନିଟ ଓ ୧୧ଟା ୨୦ ମିନିଟ ସମୟରେ ଦୁଇଟି ଲେଖାଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ନଦୀବନ୍ଧର ୫ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ସେପ୍ଟେମ୍ବର ୧୧ ତାରିଖରେ ତୃତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରବିବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୭୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୮.୨୮ ମିମି ବର୍ଷା ରେକର୍ଡ କରାଯାଇଛି। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୬, ୮୧୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୧, ୯୨୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୧, ୦୪୪ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୬୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୬୦, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧, ୬୬, ୮୨୯ କ୍ୟୁସେକ୍, ଖଇରମାଳଠାରେ ୨, ୧୯, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୭୯, ୭୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧, ୮୧, ୨୯୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା 'ନୂଆଁଖାଇ' ଶୀର୍ଷକ କବିତାବାଦୀ



**ସମ୍ବଲପୁର, ୧୩।୯ (ସମିସ) :** ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ରବିବାର ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥିବା ଦୀପଘର ସମ୍ମୁଖରେ ନୂଆଁଖାଇ ଶୀର୍ଷକ ସମ୍ବଲପୁରୀ କବିତାବାଦୀ ଆୟୋଜିତ ହୋଇଯାଇଛି। ସଂଘର ସମ୍ପାଦକ ରାମଦାସ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଂଘର ଉପଦେଷ୍ଟା ଡଃ ଶ୍ୟାମ ସୁନ୍ଦର ଧର ପରିଚାଳନା କରିଥିଲେ। ଏଥିରେ ଉଭୟ ପୁରୁଷ ଏବଂ ମହିଳା ମିଶି ୧୫ ଜଣ କବି ଭାଗ ନେଇଥିଲେ। ଡଃ ସତ୍ୟନାରାୟଣ ଠାକୁର, ଡଃ ସିଦ୍ଧାର୍ଥ ପଣ୍ଡା ଏବଂ ଜୟକୃଷ୍ଣ ବେହେରା କବିତାବାଦୀର ବିଚାରକ ଥିଲେ। କବିତାବାଦୀରେ ରାମକୃଷ୍ଣ ରଥ ପ୍ରଥମ, ତପସ୍ୱିନୀ ନେପାକ ଦ୍ୱିତୀୟ ଏବଂ ଅନୁପମା ବିଶ୍ୱାଳ ଓ ବିଚିତ୍ରା ବାଗ ଯୁଗ୍ମତୃତୀୟ ହେଇଥିବାବେଳେ ଅଂଶିକା ପଣ୍ଡାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯିବ। ସଭାରେ କେରେମ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ ସମ୍ପାଦକ ଭୋପାଲ ବଘେଲ ଧନ୍ୟବାଦ ଦେଇଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ ଶଙ୍କର ମହାକୁଡ଼, ଦେବେନ ରାୟ, ଶୁଭମ ରାଏ, ପଞ୍ଚାନନ ସିଂ ରାୟ, ବବଲୁ ଷଣ୍ଢ, ପ୍ରିୟାଂଶୁ ରାୟ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା କ୍ରୀଡ଼ାବିତ୍‌ଙ୍କୁ ସାଇକଲ ପ୍ରଦାନ

**ସମ୍ବଲପୁର, ୧୩।୯ (ସମିସ) :** ସାତ ଜଣ ମହିଳା କବାଡ଼ି କ୍ରୀଡ଼ାବିତ୍‌ଙ୍କୁ ସାଇକେଲ ପ୍ରଦାନ କରିଛି ସମ୍ବଲପୁର ଜିଲ୍ଲା କବାଡ଼ି ସଂଘ। ସ୍ଥାନୀୟ ଗଙ୍ଗାଧର ମଣ୍ଡପ ପଡ଼ିଆରେ ଅନୁଷ୍ଠିତ ଏକ ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା



ଅବସରରେ ଜିଲ୍ଲା କବାଡ଼ି ସଂଘ ସଭାପତି ସିଦ୍ଧାର୍ଥ ସାହା ଏହି ସାଇକେଲ ପ୍ରଦାନ କରିଛନ୍ତି। କବାଡ଼ି ଖେଳିବାକୁ ଏହି ପଡ଼ିଆକୁ ଆସିବାପାଇଁ ଦୂର ହେଉଥିବାରୁ ଏହି ପ୍ରତିଭାବାନ୍ ମହିଳା କ୍ରୀଡ଼ାବିତ ମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କ୍ରୀଡ଼ାବିତ୍ ମାନଙ୍କ କବାଡ଼ି ଖେଳପ୍ରତି ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ଜିଲ୍ଲା କବାଡ଼ି ସଂଘ ସେମାନଙ୍କୁ ସାଇକେଲ ଯୋଗାଇଦେବା ନିଷ୍ପତ୍ତି ଗ୍ରହଣ କରିଥିଲେ। ଖେଳିବାକୁ ଅଭ୍ୟାସକରି ଆସିବା ସହ ପାଠପଢ଼ି ଯିବା ପାଇଁ ମଧ୍ୟ ସୁବିଧା ହେବ ବୋଲି ଏହି କ୍ରୀଡ଼ାବିତ ମାନେ ପ୍ରକାଶ କରିଥିଲେ। ଜିଲ୍ଲା କବାଡ଼ି ସଙ୍ଘ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପଠାରେ ଆୟୋଜିତ ସ୍କୁଲସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ବୁଢ଼ାରଜା ହାଇସ୍କୁଲ ବିଜୟୀ ହୋଇଥିଲା। ଫାଇନାଲରେ ବୁଢ଼ାରଜା ହାଇସ୍କୁଲଠାରୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା ହାଇସ୍କୁଲ ପରାଜିତ ହୋଇ ରନର୍ସଅପ୍ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଉପସଭାପତି ସୁଧୀର ବହିଦାର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ବଲପୁର ଜିଲ୍ଲା କବାଡି ସଙ୍ଘ କ୍ରମାଗତ ଭାବେ କବାଡ଼ି ଖେଳ ଓ ଖେଳାଳୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ପ୍ରସ୍ତୁତ ରହିଛି ବୋଲି ସଭାପତି ଶ୍ରୀ ସାହା ଉପସ୍ଥିତ କ୍ରୀଡାବିତ୍ ମାନଙ୍କୁ କହିଥିଲେ। ପ୍ରତିଯୋଗିତାର ଆୟୋଜନ ଓ ପରିଚାଳନା କ୍ରୀଡାବିତ ଉମା ପାଣିଗ୍ରାହୀ, ରାଜା ବରାଳ ପ୍ରମୁଖ କରିଥିଲେ।

# 'ହାଣ୍ଡିଶାଳରେ ଅଛି ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି'

**ସମ୍ବଲପୁର, ୧୩।୯ (ସମିସ)**

ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ଦ୍ୱାବିଂଶତୀତମ ରବିବାସରୀୟ କାର୍ଯ୍ୟକ୍ରମରେ 'ଆମ ହାଣ୍ଡିଶାଳ, ଆମରି ସ୍ୱାସ୍ଥ୍ୟ' ସମ୍ପର୍କରେ ଆଲୋଚନା କରି ଆୟୁର୍ବେଦ ବିଶେଷଜ୍ଞ ଡାକ୍ତର ରାଜାରାମ ଷଡ଼ଙ୍ଗୀ ମା'ଙ୍କ ହାତରନ୍ଧା ଖାଦ୍ୟର କୌଣସି ବିକଳ୍ପ ନାହିଁ ବୋଲି କହିଥିଲେ। ବଜାରରେ ମିଳୁଥିବା ଫାଷ୍ଟଫୁଡ୍ ଓ ପେକେଜ୍‌ଡ ଖାଦ୍ୟଦ୍ୱାରା ବିଭିନ୍ନ ଅସାଧ୍ୟ ରୋଗ ସୃଷ୍ଟି ହେଉଛି ବୋଲି ଶିକ୍ଷାର୍ଥୀଙ୍କୁ ସତର୍କ କରାଇଥିଲେ। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୪୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରାର୍ଥନା ପରେ 'ଜୀବନ କୌଶଳ ଶିକ୍ଷା' ଅନ୍ତର୍ଗତ ଆଲୋଚ୍ୟ ବିଷୟ 'କର୍ତ୍ତବ୍ୟ ଓ ଦାୟିତ୍ୱବୋଧ' ସମ୍ପର୍କରେ ଆଲୋଚନା କରି ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଡ. ଗିରିଧାରୀ ହୋତା ଦୈନନ୍ଦିନ ଜୀବନରୁ ବିଭିନ୍ନ ଉଦାହରଣ ଦେଇ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଦ୍ୱାରା ଜୀବନ ଶୃଙ୍ଖଳିତ



ହୋଇଥାଏ ବୋଲି ବୁଝାଇଥିଲେ। ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା 'ଆନ୍ତର୍ଜାତୀୟ ଓଜନ ଦିବସ' ପାଳନ ଅବସରରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ସତ୍ୟ ନାରାୟଣ ନନ୍ଦ ଉପସ୍ଥିତ ରହି ପଲିଥିନ୍ ବର୍ଜନକୁ ଉତ୍ସାହିତ କରିବା ପାଇଁ ସମସ୍ତଙ୍କୁ କପଡ଼ା ବ୍ୟାଗ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ-ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ ପରିଚାଳନା କରିଥିବାବେଳେ, ପୃଥ୍ୱୀରାଜ ମିଶ୍ର ସହଯୋଗ କରିଥିଲେ।

# ଗଣେଶ ପୂଜା ଓ ନୂଆଖାଇ ଅବସରରେ ସ୍ୱଚ୍ଛତା ଅଭିଯାନ




**କର୍ଲାମୁଣ୍ଡା, ୧୩।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ନୂଆଖାଇ ପର୍ବ ଅବସରରେ ପୌରକେଲା ଗ୍ରାମର ମା ସୁନାମୁଖୀ ଯୁବ ସଂଗଠନ ପକ୍ଷରୁ ରବିବାର ଏକ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମର ପରିବେଶକୁ ସ୍ୱଚ୍ଛ, ସୁନ୍ଦର ଓ ପରିଷ୍କାର ରଖିବା ସହ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯୁବ ସଂଗଠନର ସମସ୍ତ ସଦସ୍ୟ ଗ୍ରାମ ପରିଭ୍ରମଣ କରିଥିଲେ। ଗ୍ରାମର ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର-ପରିଚ୍ଛନ୍ନ ରଖିବା ପାଇଁ ସେମାନେ ବିଭିନ୍ନ ଜନସଚେତନତାମୂଳକ ନାରା ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏଥିସହ ରାସ୍ତାକଡ଼ରେ ଆବଶ୍ୟକ ସ୍ଥାନରେ ବ୍ଲିଚିଙ୍ଗ ପାଉଡର ପକାଇ ପରିବେଶକୁ ପରିଷ୍କାର ଓ ସ୍ୱଚ୍ଛ କରିଥଲେ। ପୌରକେଲା ପଞ୍ଚାୟତ ଛକଠାରୁ ଶିବମନ୍ଦିର ଓ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସଫେଇ କରିବା ସହ ରାସ୍ତାପାର୍ଶ୍ୱରେ ଜମିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଯୁବ ସଂଗଠନର ଏଭଳି ଜନକଲ୍ୟାଣମୂଳକ କାର୍ଯ୍ୟକୁ ଦେଖି ପଞ୍ଚାୟତର ସରପଞ୍ଚ ଯଶୋସ୍ୱିନୀ ଧରୁଆ, ଆଶାକର୍ମୀ ସନ୍ତରା ରଣା ଏବଂ ଗ୍ରାମର ବବୃବାହନ ଭୋଇ, ଟିକେମନ ଭୋଇ ଓ ବୈବସୂତ ସୁନା ସଂଗଠନର ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ଯୁବ ସଂଗଠନର ଅଧ୍ୟକ୍ଷ ଲକ୍ଷପତି ରଣା, ଉପାଧ୍ୟକ୍ଷ ଲୋକନାଥ ଦଣ୍ଡସେନା, ସଚିବ ତରୁଣସେନ ସାହୁ, ଯୁଗ୍ମ ସଚିବ ପ୍ରଭଞ୍ଜନ ଦାସ, କୋଷାଧ୍ୟକ୍ଷ ଯୁଗସନ ରଣା, ଉପକୋଷାଧ୍ୟକ୍ଷ ଜଗମୋହନ ଭୋଇ, ଗଣମାଧ୍ୟମ ସଂଯୋଜକ ସୁବ୍ରତ କୁମାର ରଣା ଓ ଜନସମ୍ପର୍କ ସଂଯୋଜକ ଭୋଳାରଣାଙ୍କ ସମେତ କୋର କମିଟି ସଦସ୍ୟ ଧନେଶ୍ୱର ଭୋଇ, ପ୍ରଦୀପ କୁମାର ବେହେରା, ହଂଶଧ୍ୱଜ ଦଣ୍ଡସେନା, ଲୋଚନ ପାତ୍ର, ଲମ୍ବୋଦର ନାଏକ ଓ ଯୁବ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇ ଶ୍ରମଦାନ କରିଥିଲେ।

# ଦମ୍ପତିଙ୍କୁ ଆକ୍ରମଣ କରି ଲୁଟିନେଲେ ୪ ଭରି ସୁନା

**ଧର୍ମଗଡ଼, ୧୩।୯ (ସମିସ)**

କଳାହାଣ୍ଡି ଜିଲ୍ଲା କେଗାଁ ଥାନା ବୋର୍ଡା ଫାଣ୍ଡି ଅଧୀନ ମାନିତ୍ରୁଆ ଗ୍ରାମରେ ଗୁରୁବାର ରାତିରେ ଲୁଟ୍ ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତମାନେ ଗ୍ରାମର ରାଜୀବ ରଣା ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ପ୍ରାୟ ୪ ଭରି ଓଜନର ସୁନା ଅଳଙ୍କାର ଲୁଟିନେଇଛନ୍ତି। ଏ ନେଇ ଅଭିଯୋଗ ପରେ କେଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ପ୍ରାୟ ୩ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଘରେ ପଶିଥିଲେ। ସେମାନେ ରାଜୀବ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଛୁରିରେ ଆକ୍ରମଣକରି ଘରୁ ସୁନା ଅଳଙ୍କାର ଲୁଟି ନେଇଥିଲେ। ପରିବାର ପକ୍ଷରୁ ପ୍ରାୟ ୪ ଭରି ସୁନା ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଘଟଣା ସମୟରେ ଘରେ ରାଜୀବ ଓ ତାଙ୍କ ସ୍ତ୍ରୀ ସହ ପୁଅ, ବୋହୂ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୀତାଞ୍ଜଳିଙ୍କ ଗୋଟିଏ ହାତ ଭାଙ୍ଗି ଯାଇଥିବାବେଳେ ରାଜିବଙ୍କୁ ମୁହଁରେ ଆଘାତ ଲାଗିଛି। ଉଭୟ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ଦୁଇ ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ନ ଥିବା ପରିବାର ପକ୍ଷରୁ କୁହାଯାଇଛି।





## ମାନବିକତା ଦେଖାଇଲେ ବ୍ଲକ୍ ଅଧ୍ୟକ୍ଷ

# ଦୁର୍ଘଟଣାଗ୍ରସ୍ତଙ୍କୁ ନିଜ ଗାଡ଼ିରେ ନେଲେ ଡାକ୍ତରଖାନା

**ଧର୍ମଗଡ଼/ଗୋଲାମୁଣ୍ଡା, ୧୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ବିନ୍ଦୁମୀନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଏକ ମହାନକାର୍ଯ୍ୟ ସାମ୍ନାକୁ ଆସିଛି। ସେ ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନା ନେଇ ଜୀବନ ବଞ୍ଚାଇଛନ୍ତି। ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲା ରାଜା ଖଡ଼ିଆଳ ଅଞ୍ଚଳର ଗଗନ ବନ୍‌ଛୋର (୪୩) କଳାହାଣ୍ଡି ଜିଲ୍ଲାର ଏକ ରାଇସ ମିଲ୍‌ରେ କାମ କରନ୍ତି। ପବିତ୍ର ନୂଆଁଖାଇ ପର୍ବ ପାଇଁ ସେ ନିଜର ପାଉଣା ଧରି ଏବଂ ଘରପାଇଁ ପର୍ବପର୍ବାଣୀ ଜିନିଷପତ୍ର କିଣି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମାତ୍ର ଗୋଲାମୁଣ୍ଡା ଥାନା ଅଧୀନ ଦଶପୁର ଫାଣ୍ଡି ଅଧୀନସ୍ଥ ଫୁଣ୍ଡା ଛକ ନିକଟରେ ସେ ହଠାତ୍ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଗାଡ଼ି ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଯାନବାହନର ବନ୍ଦୋବସ୍ତ ହୋଇପାରି ନଥିଲା। ଯୁବକ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯାଉଥିଲେ। ସେ ଭିଡ଼ ଦେଖି ଗାଡ଼ି ଅଟକାଇ ଗୁରୁତର ଯୁବକଙ୍କୁ ନିଜ ଗାଡ଼ିରେ ବସାଇ ଗୋଲାମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଯୁବକଙ୍କର ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ। ତେବେ ଡାକ୍ତରଖାନାରେ ଚିକିତ୍ସା ସମୟରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବେଡ୍‌ଗୁଡ଼ିକରେ ବେଡ୍‌ଶିଟ୍ ନଥିବା ଦେଖି ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ତାଗିଦ୍ କରିବା ସହ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ।



# ମଦରେ ଭାସୁଛି କାଉଡୋଲା ଡଙ୍ଗରୀପଡ଼ା

**କୋକସରା, ୧୩।୯ (ସମିସ):** କୋକସରା ବ୍ଲକ ଆମପାଣି ଥାନା ଅଧୀନ କାଉଡୋଲା ଡଙ୍ଗରୀପଡ଼ାରେ ବେଆଇନ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପଡ଼ାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଓ ଶିଶୁ ମନ୍ଦିର ନିକଟରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ହେବ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି କରି ଆସୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟଲୋକଙ୍କ ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ସେଠାରେ ସ୍ୱତନ୍ତ୍ର ଭାବେ ଦୋକାନ ନିର୍ମାଣ କରି ଦେଶୀ ମଦ ଭାଟି ଓ ବିଦେଶୀ ମଦ ଦୋକାନରୁ ମଦ ଆଣି ବ୍ୟାପକ ମାତ୍ରାରେ ବିକ୍ରି କରୁଛନ୍ତି। ଉକ୍ତ ସ୍ଥାନରେ ପ୍ରତିଦିନ କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ବେଳେ ପାଖରେ ମଦ୍ୟପଙ୍କ ଭିଡ଼ ଜମୁଛି। ଏହି ପରିସ୍ଥିତି ଶିଶୁମାନଙ୍କ ମାନସିକତା ଉପରେ କୁପ୍ରଭାବ ପକାଇବା ସହ ସେମାନଙ୍କ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ସେହିପରି ନିକଟସ୍ଥ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ମଧ୍ୟ ଏଭଳି ପରିବେଶ ଯୋଗୁଁ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏହି ବ୍ୟକ୍ତି ଜଣକ ଆଇନକୁ ଖାତିର ନକରି ନିର୍ଭୟରେ ମଦ କାରବାର ଚାଳାଇ ଆସୁଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ଶିଶୁମାନଙ୍କୁ ସୁରକ୍ଷା ଯାଗାଇବା ଏବଂ ଅଞ୍ଚଳରେ ଏକ ଶାନ୍ତପୂର୍ଣ୍ଣ ଓ ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ତୁରନ୍ତ ଏହି ବେଆଇନ ମଦ ବିକ୍ରି ଉପରେ ରୋକ ଲଗାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

**ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ହେଉଛି ଦାବି**

# କୀଟ କାମୁଡ଼ାର ଉପଚାର ସମ୍ବନ୍ଧୀୟ ସଚେତନତା ଶିବିର

**କେସିଙ୍ଗା, ୧୩।୯ (ସମିସ):** ଏସ୍‌ବିଆଇ ଏବଂ ରାମକୀ ଫାଉଣ୍ଡେସନ ପକ୍ଷରୁ ଶନିବାର କେସିଙ୍ଗା ବ୍ଲକ ଚିଚର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବର୍ଷାଦିନରେ କୀଟ ପୋକ କାମୁଡ଼ାରେ ହେଉଥିବା ରୋଗ ଓ ତାହାର ଉପଚାର ସମ୍ବନ୍ଧୀୟ ବିଷୟରେ ଏକ ସଚେତନତା ଶିବିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ରାମକୀ ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ କିପରି କୀଟପୋକ କାମୁଡ଼ାରୁ ନିଜକୁ ସୁରକ୍ଷିତ ରଖିବେ ଓ କିପରି ଉପଚାର କରିବେ ଉକ୍ତ ବିଷୟ ଉପରେ ବୁଝାଇଥିଲେ। ରାମକୀ ଫାଉଣ୍ଡେସନର ଜିଲ୍ଲା ପିସି, ଫାର୍ମାସିଷ୍ଟ ଜୋସ୍ନାରାଣୀ ବେହେରା, ଏସଏନ୍ ପଙ୍କଜିନୀ ରଣା, ଏଲଟି ନୀତୁ ନାଏକ, ନିରଞ୍ଜନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟତ୍ରୀ ତପସ୍ୱନି ସାହୁ ଓ ଲକ୍ଷ୍ମୀଧର ବାଇ ଧନ୍ୟବାଦ ଦେଇଥିଲେ।

# ପରଲୋକରେ ରେଖପୁର ଗୌନ୍ତିଆ ଟଙ୍କଧର ଭୋଇ

**ଭବାନୀପାଟଣା, ୧୩।୯ (ସମିସ) :** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧୀନ ରେଖପୁର ଗାଁର ଗୌନ୍ତିଆ ଟଙ୍କଧର ଭୋଇଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗୀରେ ପୀଡିତ ଥିଲେ। ଶନିବାର ରାତି ୯ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବାବେଳେ ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାତି ଲୋହିତ, ରଞ୍ଜିତ, ଡିଙ୍ଗର ଓ ପୁତ୍ର ଷଡ଼ାନନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଭୋଇ ଦୀର୍ଘ ତିନି ଦଶନ୍ଧି ଧରି ନର୍ଲା ବ୍ଲକ ଯାଦବ ସମିତିର ସଭାପତି ଭାବେ କାର୍ଯ୍ୟ କରିଥିଲେ। କଳା ସଂସ୍କୃତିର ପୃଷ୍ଠପୋଷକ ଭାବେ ତାଙ୍କର ଯଥେଷ୍ଟ ସୁନାମ ଥିଲା। ରେଖପୁର ରାଧାକୃଷ୍ଣ ମନ୍ଦିର ନିର୍ମାଣରେ ମଧ୍ୟ ତାଙ୍କର ଅତୁଳନୀୟ ଯୋଗଦାନ ରହିଥିଲା। ତେବେ ଗୌନ୍ତିଆ ସ୍ୱର୍ଗତ ଭୋଇଙ୍କ ବିୟୋଗରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା, ଉତ୍କଳ ଯାଦବ ମହାସଭା, ନର୍ଲା ବ୍ଲକ ଯାଦବ ସମିତି ସମେତ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।



# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେସିଙ୍ଗା, ୧୩।୯ (ସମିସ):** କେସିଙ୍ଗା ବ୍ଲକ ଅଧୀନସ୍ଥ କଣ୍ଟପଡ଼ା କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ କୈଳାଶ ଚନ୍ଦ୍ର ବିଶିଙ୍କୁ କଣ୍ଟପଡ଼ା କ୍ଲଷ୍ଟର ଓ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଅଛି। ଏହି ସଭାରେ ସିଆରସିସି ଗୋବିନ୍ଦ ବାଗ ପରିଚାଳନା କରିଥିବା ବେଳେ କଣ୍ଟେଶିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ନିମନ୍ତ୍ରଣ ଅତିଥି ଭାବେ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର କୁମାର ଦୋରା ଓ ସାଧାରଣ ସମ୍ପାଦକ ତପନ କୁମାର ଦାଶ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ପଞ୍ଚାନନ ନାଗ, ରାଜେଶ୍ୱରୀ ସେନାପତି ଉପସ୍ଥିତ ଥିଲେ। ଏହି ସଭାରେ ପ୍ରାୟ ୩୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ରାଜେଶ୍ୱରୀ ସେନାପତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନୂଆଖାଇରେ ରାସନ ସାମଗ୍ରୀ ଓ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

**ଖଡ଼ିଆଳ, ୧୩।୯ (ସମିସ):** ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ନୂଆଖାଇ ଅବସରରେ ଖଡ଼ିଆଳ କଂଗ୍ରେସ ସେବାଦଳ ପକ୍ଷରୁ ଖଡ଼ିଆଳ ବ୍ଲକ କିରିକିଟା ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ କପରଗଡ଼ ଗ୍ରାମରେ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କୁ କପଡ଼ା ଓ ରାସନ ସାମଗ୍ରୀ ବଣ୍ଟନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ କପରଗଡ଼ ଗ୍ରାମ ଆଜି ମଧ୍ୟ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗ୍ରାମବାସୀ ରାସ୍ତା, ସ୍ୱାସ୍ଥ୍ୟସେବା, ବିଜୁଳି ଓ ପାନୀୟଜଳ ଭଳି ମୌଳିକ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏହି ଅବସରରେ କଂଗ୍ରେସ ସେବାଦଳର କର୍ମକର୍ତ୍ତା ଓ ସ୍ଥାନୀୟ ନେତାମାନେ ରବିବାର ଦୁର୍ଗମ ପାହାଡ଼ ଚଢି ଗ୍ରାମବାସୀଙ୍କ ସହ ନୂଆଖାଇର ଖୁସି ବାଣ୍ଟିଥିଲେ। ଏହି ଅବସରରେ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# ଏକଲବ୍ୟ ବିଦ୍ୟାଳୟରେ ଆଦର୍ଶ ଯୁବକ ଗ୍ରାମସଭା

**ଲାଞ୍ଜିଗଡ଼, ୧୩।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଧଅଁରାଭଟା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଆନୁକୂଲ୍ୟରେ ଏକ ଆଦର୍ଶ ଯୁବକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝୀ ଓ ପରିଚାଳନା କମିଟି ସଭାପତି ହରିହର କୁମାର ଯୋଗ ଦେଇଥିଲେ। ଗ୍ରାମସଭାର ପ୍ରକୃତ ପରିବେଶ ଓ ପ୍ରକ୍ରିୟାକୁ ଛାତ୍ରଛାତ୍ରୀମାନେ ଜୀବନ୍ତ ଭାବେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଶଶି ଶେଖର କୁମାରଙ୍କ ନେତୃତ୍ୱରେ ସଂଳାପ ଓ ଅଭିନୟ ପ୍ରସ୍ତୁତ କରାଯାଇଥିଲା। ଇକୱାଲ ହୁସେନ ସଂଳାପ ପ୍ରସ୍ତୁତିରେ ସହଯୋଗ କରିଥିବା ବେଳେ ସୋମା ଶାହା ଓ ମଧୁମିତା ପ୍ରଧାନ ଅଭିନୟ ଅଭ୍ୟାସରେ ମାର୍ଗଦର୍ଶନ ଦେଇଥିଲେ। ଶିବାନୀ ଶର୍ମା ମଞ୍ଚ ସଜ୍ଜାର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମର ଫଟୋ ଓ ଭିଡିଓ ସଂରକ୍ଷଣ ଦାୟିତ୍ୱ କିଶୋର ଘଡ଼େଇ ଓ ଲୋକନାଥ ପାତ୍ର ତୁଲାଇଥିଲେ। ଏହାସହ ସୁଦୀପ ପରମାଣିକ, ରୋହିତ ଲୁହା, ଅଭିନବ କୁମାର, ଅଭିଷେକ ଆନନ୍ଦ, ଶ୍ୱେତା ଶାହା, ସୁନିତା ଠାକୁର, ସୁଧାଂଶୁ ରଣା, ଦୀପକ କୁମାର ସାମଲ ଓ ଶେଷଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗ୍ରାମସଭାରେ ଦ୍ୱାଦଶ ଦ୍ୱିତୀୟ ବର୍ଷ ବିଜ୍ଞାନ ବିଭାଗର ଛାତ୍ରୀ ବେବି ବେହେରା ସରପଞ୍ଚ ଭୂମିକାରେ ଏବଂ ଦ୍ୱାଦଶ ଦ୍ୱିତୀୟ ବର୍ଷ ଭୂଗୋଳ ବିଭାଗର ଜଣେ ଛାତ୍ରୀ ସଚିବ ଭୂମିକାରେ ଅଭିନୟ କରିଥିଲେ। ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ଅଭିନୟ, ଆତ୍ମବିଶ୍ୱାସ ଓ ସଂଳାପ ଉପସ୍ଥିତ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଅଧ୍ୟକ୍ଷ ଦେବଦତ୍ତ ସାହୁ ଛାତ୍ରଛାତ୍ରୀଙ୍କ ନିଖୁଣ ଅଭିନୟ ଓ ଉତ୍ସାହର ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ, ଦାୟିତ୍ୱବୋଧ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ।



# ନୂଆଖାଇ ଅବସରରେ 'ଅମୃତ ମାତୃ ପିତୃ ସେବା' କାର୍ଯ୍ୟକ୍ରମ




**ଜୁନାଗଡ଼, ୧୩।୯ (ସମିସ):** ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡ଼ା ଓ ହାବସପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଓ ଉପବଜାର ପ୍ରାଙ୍ଗଣରେ ଇନ୍ଦ୍ରାବତୀ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼, ମିନଗୁର ଆନୁକୂଲ୍ୟରେ ପବିତ୍ର ଗଣପର୍ବ ନୂଆଖାଇ ଅବସରରେ 'ଅମୃତ ମାତୃ ପିତୃ ସେବା' କାର୍ଯ୍ୟକ୍ରମ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ଓ କାରୁଣ୍ଡ ସେବା ସଂଗଠନ ସହଯୋଗରେ ଅନୁଷ୍ଠିତ ହେଇଯାଇଛି। ସ୍ୱାମୀ ଚନ୍ଦ୍ରଶେଖର ଚୈତନ୍ୟ ମହାରାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସଭାପତି ଭାବେ ବିଶିଷ୍ଟ ସମାଜସେବୀ ପୁରୁଷୋତ୍ତମ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସ୍ୱାମୀ ଶରଣ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ଉଦ୍ଧବ ଚରଣ ସାହୁ, ଯୁବ ଉଦ୍ୟୋଗପତି ବିଜୟ କୁମାର ଅଗ୍ରୱାଲ, ଯୁବ ସଂଗଠକ ପ୍ରଭାତ କୁମାର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଭୋଇ, ସଞ୍ଜୀବ କୁମାର ଠାକୁର, ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ମହିଳା ଉଦ୍ୟୋଗୀ ସ୍ୱାତିମୟୀ ତ୍ରିପାଠୀ, ଚନ୍ଦ୍ରଭାନୁ କୈବର୍ତ୍ତ, ସାମ୍ବାଦିକ ସୁନ୍ଦର ମୋହନ ଛତ୍ରିଆ, ଯୁବ ସଂଗଠକ ଅଂଶୁମାନ ଯୋଷୀ, ଶିକ୍ଷାବିତ ବସନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଲଳିତ କୁମାର ବିଶି ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ବେଦ ପ୍ରକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ ସମ୍ପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଣ୍ଡରାଗୁଡ଼ା, କଣ୍ଡରିପଦର, ଗୁରୁଜୀ ଗୁଡ଼ା, ମହୁଲପଡ଼ା, ହାବସପୁର, କରଚଲା, କଛିମଡୋଲା, ଅର୍ନ୍ତର୍ଲା, ଅମ୍ବାଦୋଲା ଆଦି ଗ୍ରାମର ଶତାଧିକ ଅସହାୟ ବୃଦ୍ଧ ବୃଦ୍ଧା, ବିଧବା, ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ନୂତନ ଶାଢ଼ୀ, ଧୋତି, ଗାମୁଛା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଭେନ୍ଦ୍ର ବାଗ, ମଦନ ପଟେଲ, ଚୈତନ୍ୟ ମାଝୀ, ତୁଷାର ରଞ୍ଜନ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ଦାମୋଦର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୩ରୁ ସାହାଣୀ କପ୍ ଅନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍

**ଖଡ଼ିଆଳ, ୧୩।୯ (ସମିସ)**

ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ଆନୁକୂଲ୍ୟରେ ନୂଆପଡ଼ା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୬୫ତମ ସିନିୟର ପୁରୁଷ ଅନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ 'ସାହାଣୀ କପ୍-୨୦୨୬-୨୭'ର ଜୋନ୍‌ସ୍ତରୀୟ ଫିକ୍ସଚର୍ ଘୋଷଣା ହୋଇଛି। ଏହି ଖେଳ ୨୩ ସେପ୍ଟେମ୍ବରରୁ ୩୦ ପର୍ଯ୍ୟନ୍ତ ନୂଆପଡ଼ା ଓ ଖଡ଼ିଆଳରେ ଏହି ଜୋନ୍‌ର ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବ। ଏନେଇ ଖଡ଼ିଆଳ ବ୍ଲକ ସମ୍ମିଳନୀକକ୍ଷରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଜୋନ୍‌ରେ ଅଂଶଗ୍ରହଣ କରୁଥିବା ୮ଟି ଜିଲ୍ଲାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ' ରେ ସମ୍ବଲପୁର, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ରହିଛନ୍ତି। ଏହି ଗ୍ରୁପ୍‌ର ସମସ୍ତ ମ୍ୟାଚ୍ ନୂଆପଡ଼ା ମିନି ଷ୍ଟାଡିୟମ୍‌ରେ ଖେଳାଯିବ। ସେହିପରି ଗ୍ରୁପ୍ 'ବି' ରେ କୋରାପୁଟ, କନ୍ଧମାଳ, ନୂଆପଡ଼ା ଓ ମାଲକାନଗିରି ରହିଛନ୍ତି। ଏହି ଗ୍ରୁପ୍‌ର ସମସ୍ତ ମ୍ୟାଚ୍ ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ ହେବ। ଘୋଷିତ ଫିକ୍ସଚର୍ ଅନୁଯାୟୀ, ୨୩ ସେପ୍ଟେମ୍ବରରେ ନୂଆପଡ଼ାରେ ସମ୍ବଲପୁର-ନବରଙ୍ଗପୁର ଏବଂ ରାୟଗଡ଼ା-କଳାହାଣ୍ଡି ମଧ୍ୟରେ ମ୍ୟାଚ୍ ହେବ। ୨୪ ସେପ୍ଟେମ୍ବରରେ ଖଡ଼ିଆଳରେ କୋରାପୁଟ-କନ୍ଧମାଳ ଏବଂ ନୂଆପଡ଼ା-ମାଲକାନଗିରି ମଧ୍ୟରେ ମୁକାବିଲା ହେବ। ଏହାପରେ ୨୫ ସେପ୍ଟେମ୍ବରରେ ନୂଆପଡ଼ାରେ ନବରଙ୍ଗପୁର-ରାୟଗଡ଼ା ଏବଂ କଳାହାଣ୍ଡି-ସମ୍ବଲପୁର, ୨୬ ସେପ୍ଟେମ୍ବରରେ ଖଡ଼ିଆଳରେ କନ୍ଧମାଳ-ନୂଆପଡ଼ା ଏବଂ ମାଲକାନଗିରି-କୋରାପୁଟ ମୁହାଁମୁହିଁ ହେବେ। ସେହିପରି ୨୭ ସେପ୍ଟେମ୍ବରରେ ନୂଆପଡ଼ାରେ ସମ୍ବଲପୁର-ରାୟଗଡ଼ା ଏବଂ କଳାହାଣ୍ଡି-ନବରଙ୍ଗପୁର ଏବଂ ୨୮ ସେପ୍ଟେମ୍ବରରେ ଖଡ଼ିଆଳରେ କନ୍ଧମାଳ-ମାଲକାନଗିରି ଓ ନୂଆପଡ଼ା-କୋରାପୁଟ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଜୋନ୍ ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୩୦ ତାରିଖ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ। ଏଥିରେ ଗ୍ରୁପ୍ 'ଏ'ର ବିଜେତା ଓ ଗ୍ରୁପ୍ 'ବି'ର ବିଜେତା ମୁହାଁମୁହିଁ ହେବେ। ଏହି ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସମେତ ଜିଲ୍ଲା ଫୁଟବଲ୍ ସଂଘ ସଭାପତି ଭୈରବ ସାହୁ, ଉପ ସଭାପତି ସୁଧୀର ମିଶ୍ର, ସମ୍ପାଦକ ପ୍ରକାଶ ସାହୁ, ଫୁଟବଲ୍ ମହାକୁମ୍ଭ ସଭାପତି ସନ୍ତୋଷ ପଟ୍ଟନାୟକ, ସମ୍ପାଦକ ଜିତେନ୍ଦ୍ରନାଥ ପଟ୍ଟନାୟକ, ବିଶ୍ୱଜିତ୍ ପାଢ଼ୀ, ଅକ୍ଷୟ ନନ୍ଦ, ଗୋବର୍ଦ୍ଧନ ସୁନା ଓ ଗିରିଧାରୀ ବିଭାର ସମେତ ଆୟୋଜକ କମିଟି ସଦସ୍ୟ, ରେଫରି ଓ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



# ପୋଖରୀବନ୍ଧରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୧୩।୯ (ସମିସି):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ଦୁର୍ଗା ମଣ୍ଡପଠାରେ ଆଗାମୀ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବକଟପୁର ଗୌନ୍ତିଆ ବିକ୍ରମାଦିତ୍ୟ ବାରିକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପୋଖରୀବନ୍ଧ ଦୁର୍ଗାପୂଜା ଚତୁର୍ଥବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ଉପସ୍ଥିତ ସମସ୍ତ ସଦସ୍ୟ ଆୟୋଜକ ତଥା ସଭାପତି ଡ.ରମେଶ ଚନ୍ଦ୍ର ସାହୁଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଆଗାମୀ ପୂଜା କିଭଳି ଅଧିକ ଆକର୍ଷଣୀୟ ହୋଇପାରିବ ସେ ନେଇ ବିଶେଷ ଆଲୋଚନା ହୋଇଥିଲା। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ସନାତନ ବିଶି, ସାଧାରଣ ସମ୍ପାଦକ ଭବାନୀଶଙ୍କର ବାଣୁଆ, ପୋଖରୀବନ୍ଧ ଗ୍ରାମ ଗୌନ୍ତିଆ କୁଳମଣୀ ବାଣୁଆ, ଉପ-ସଭାପତି କର୍ଣ୍ଣ ମାଝୀ, କୋଷାଧ୍ୟକ୍ଷ ଶଙ୍କର ପ୍ରଧାନୀ, ଉପଦେଷ୍ଟା ପିତାମ୍ବର ବିଶି, ଉଗ୍ରସେନ ବାଗ, ବରିଷ୍ଠ ସଦସ୍ୟ ଭଗବାନ ରାଉତ, ସଦାଶିବ ମାଝୀ, ନିଲୁ ସାହୁ, ସୌମ୍ୟରଞ୍ଜନ ବେହେରା, ମିଲୁ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆୟୋଜକ ଡ. ସାହୁ ସମସ୍ତ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରିବା ସହ ଚଳିତବର୍ଷ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଏକ ରଙ୍ଗର ଶାଢ଼ୀ ପରିଧାନ କରିବା ସହ ଅଞ୍ଚଳବାସୀଙ୍କ ମନୋରଞ୍ଜନ ନିମନ୍ତେ ଅପେରା ସହ ସ୍ଥାନୀୟ ପ୍ରତିଭାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ଗୌନ୍ତିଆ କୁଳମଣୀ ବାଣୁଆ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।



# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମ ନିଏ।
-ୱିଲିୟମ ସେକ୍ସପିୟର

ସକାଳ
THE SAKALA

## ଘରୋଇକରଣ ପଥେ ଇସ୍ରୋ!

ଜ୍ଞାନବିଜ୍ଞାନରେ ଭାରତୀୟ ଜୟଯାତ୍ରାର ପ୍ରତୀକ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ)ର ସାର୍ବଭୌମତ୍ୱ ଏବେ ସଙ୍କଟରେ। ଗତ କିଛିମାସ ଧରି ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦାୟିତ୍ୱରେ ଥିବା ଅଧିକାରୀମାନେ ଇସ୍ତଫା ଦେବାର ଅବିରତ ଧାରା ଆରମ୍ଭ ହୋଇସାରିଛି। ଦିନକୁ ଦିନ ମାନବ ସମ୍ବଳ ସଙ୍କଟର ସମ୍ମୁଖୀନ ହୋଇଚାଲିଥିବା ଇସ୍ରୋ ଏବେ ଘରୋଇକରଣ ଦିଗକୁ ଗତି କରୁଛି ବୋଲି ଅଭିଯୋଗ ହେଉଛି। ଇସ୍ରୋ ଆଉ ଭବିଷ୍ୟତରେ ଉତ୍କ୍ଷେପଣ ଯାନ ଉତ୍ପାଦନ କରିବ ନାହିଁ ଏବଂ ନିର୍ମାଣାଧୀନ ଉତ୍କ୍ଷେପଣ ଘାଟିଗୁଡ଼ିକର ପରିଚାଳନାରୁ ଓହରି ଆସିବ ବୋଲି ଇସ୍ରୋର ସହଯୋଗୀ ସଂସ୍ଥା ଇନ୍-ସ୍ପେସ୍‌ର ଅଧ୍ୟକ୍ଷ ସୂଚନା ଦେବା ପରେ ଇସ୍ରୋର ଘରୋଇକରଣ ଆଶଙ୍କା ଆହୁରି ଘନୀଭୂତ ହୋଇଛି। ଇତିମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଜ୍ଞାନକୌଶଳ ଘରୋଇ ସଂସ୍ଥାମାନଙ୍କୁ ହସ୍ତାନ୍ତର କରିବାର ପ୍ରକ୍ରିୟା ଜାରି ରହିଛି। ତେଣୁ ଇସ୍ରୋର ଏକାଧିକ କର୍ମଚାରୀ ସଂଘ ସଂସ୍ଥାର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟୀକରଣ ଚାହିଁଛନ୍ତି। ମହାକାଶ ବିଜ୍ଞାନ ଓ ଗବେଷଣା ବିଭାଗ ଅଧୀନରେ କାର୍ଯ୍ୟରତ ଇନ୍-ସ୍ପେସ୍(ଇଣ୍ଡିଆନ୍ ନ୍ୟାଶ୍‌ନାଲ୍ ସ୍ପେଶ୍ ପ୍ରୋମୋସନ୍ ଆଣ୍ଡ ଅଥରାଇଜେସନ୍ ସେଣ୍ଟର) ଭାରତର ମହାକାଶ ସମ୍ବଳକୁ ଉତ୍ତମ ବ୍ୟବହାରଯୋଗ୍ୟ କରିବା ପାଇଁ ଇସ୍ରୋ ଓ ଘରୋଇ ସଂସ୍ଥା ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ଭାବେ କାର୍ଯ୍ୟ କରୁଛି। ତେଣୁ ଉକ୍ତ ସଂସ୍ଥାର ଅଧ୍ୟକ୍ଷଙ୍କ ସୂଚନା ଇସ୍ରୋର ଅସ୍ତିତ୍ୱ ଉପରେ ଅନେକ ପ୍ରଶ୍ନ ଉଠାଇଛି। ଇସ୍ରୋର ଅଧ୍ୟକ୍ଷ ଘରୋଇକରଣ ସମ୍ଭାବନାକୁ ଅସ୍ୱୀକାର କରିଥିଲେ ମଧ୍ୟ ସେଠାରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ ବୋଲି ବୁଝାପଡୁଛି।

୨୦୨୦ରେ ଭାରତର ମହାକାଶ ଗବେଷଣାକୁ ଘରୋଇ ସଂସ୍ଥାଙ୍କ ପାଇଁ ଉନ୍ମୁକ୍ତ କରିଦେବା ପରେ ୨୦୨୩ରେ ଇଣ୍ଡିଆନ୍ ସ୍ପେଶ୍ ପଲିସି(ଭାରତୀୟ ମହାକାଶ ନିୟମ) ପ୍ରଣୟନ ହୋଇଥିଲା ଏବଂ ଏହି ନିୟମ ବଳରେ ଇସ୍ରୋ, ଇନ୍-ସ୍ପେଶ୍ ଓ ନ୍ୟୁ ସ୍ପେଶ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏସ୍‌ଆଇଏଲ୍)ର କାର୍ଯ୍ୟସୀମା ନିର୍ଦ୍ଧାରିତ ହୋଇଥିଲା। ଅର୍ଥାତ୍ ଇସ୍ରୋର ଏକପ୍ରକାର ପକ୍ଷଛେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ଉକ୍ତ ନିୟମରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଇସ୍ରୋ ମହାକାଶ ବିଜ୍ଞାନର ନବଉନ୍ମେଷ, ଗବେଷଣା, ଦକ୍ଷତା ବିକାଶ, ଉପଗ୍ରହ ତଥ୍ୟ ସଂରକ୍ଷଣ ଓ ଯୋଗାଣ, ମହାକାଶରେ ମାନବ ଜୀବନର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବ, କିନ୍ତୁ କୌଣସି ଯାନ୍ତ୍ରିକ ନିର୍ମାଣରେ ତାହାର ଅଧିକାର ରହିବ ନାହିଁ। ଅପରପକ୍ଷରେ 'ଇନ୍-ସ୍ପେଶ୍' ହାତରେ ମହାକାଶ ଗବେଷଣାରେ ଘରୋଇ କାର୍ଯ୍ୟକଳାପ ବିକାଶ, ଉପଗ୍ରହ ସ୍ଥାପନ, ଉତ୍କ୍ଷେପଣ ଓ ଘାଟି ନିର୍ମାଣ, କକ୍ଷ ପଥ ପରିଚାଳନା ନିୟନ୍ତ୍ରଣ, ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଆଦି ଅଧିକାର ନ୍ୟସ୍ତ ହୋଇଛି। ସେହିପରି 'ଏନ୍‌ଏସ୍‌ଆଇଏଲ୍'କୁ ଭାରତୀୟ ମହାକାଶ ଗବେଷଣା ସଂକ୍ରାନ୍ତୀୟ ବାଣିଜ୍ୟିକ କାର୍ଯ୍ୟକଳାପ ଦାୟିତ୍ୱ ଦିଆଯାଇଛି। 'ଏନ୍‌ଜିଇ' ନାମକ ଆଉ ଏକ ଘରୋଇ ସଂସ୍ଥା ଏବେ ଯାବତୀୟ ପରିବହନ ଦାୟିତ୍ୱ ନେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ଏସଏସ୍‌ଏଲ୍‌ଭି(ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍) ବା ହାଲ୍‌କା ଉତ୍କ୍ଷେପଣ ଯାନ ନିର୍ମାଣ ନିମନ୍ତେ ଏଚଏଏଲ୍ ୨୦୨୫ରେ ୫୧୧ କୋଟି ଟଙ୍କାର ଟେଣ୍ଡର ପାଇଛି। ସେହିପରି ଏଚଏଏଲ୍ ଓ ଏଲ୍ ଆଣ୍ଡ ଟିର ଯୌଥ ଉଦ୍ୟୋଗକୁ ପିଏସ୍‌ଏଲ୍‌ଭି ନିର୍ମାଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଲ୍‌ଭିଏମ୍‌୩ ନିର୍ମାଣ ଏବଂ ତାମିଲନାଡୁର ଥୁଥୁକୁଡି ଜିଲ୍ଲାର କୁଲଶେଖରପାଟିନମ୍‌ରେ ଏକ ଉତ୍କ୍ଷେପଣ ଘାଟି ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି।

ଏହାପଛର ମୂଳ ଉଦ୍ଦେଶ୍ୟଟି ହେଉଛି ଭାରତୀୟ ମହାକାଶ ବିଜ୍ଞାନ ଓ ଗବେଷଣାର ବାଣିଜ୍ୟକରଣ ଏବଂ ଇସ୍ରୋର ଖର୍ଚ୍ଚ କାଟ। ବିଶ୍ୱର ମହାକାଶ ବିଜ୍ଞାନ ବଜାରରେ ଭାରତର ଅବଦାନ ଏବେ ମାତ୍ର ୨% ବା ୮୦୦ କୋଟି ଡଲାର। ୨୦୩୩ ସୁଦ୍ଧା ଏହାକୁ ୪୪୦୦ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଗତ ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ୨୦୧୪ରେ ଭାରତରେ ମାତ୍ର ଗୋଟିଏ ଘରୋଇ ମହାକାଶ ବିଜ୍ଞାନ ସଂସ୍ଥା ଥିବା ବେଳେ ୨୦୨୬ ସୁଦ୍ଧା ୪୦୦ଟି ସଂସ୍ଥା କାର୍ଯ୍ୟରତ। ସେହିପରି ୨୦୨୧-୨୨ରେ ଭାରତରେ ମହାକାଶ ବିଜ୍ଞାନ ଷ୍ଟାର୍ଟଅପ୍‌ରେ ମୋଟ ପୁଞ୍ଜି ନିବେଶ ପରିମାଣ ୧୦୦.୫ ନିୟୁତ ଡଲାର ଥିବା ବେଳେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ତାହା ୬୧୮.୫ ନିୟୁତ ଡଲାରକୁ ବୃଦ୍ଧି ପାଇଛି। ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ବୈଜ୍ଞାନିକମାନଙ୍କୁ ଯେତିକି ଦରମା ଦେଉଛନ୍ତି ତାହା ଇସ୍ରୋର ଦରମାଠାରୁ ୫/୬ ଗୁଣ ଅଧିକ। ତେଣୁ ଇସ୍ରୋର ବୈଜ୍ଞାନିକମାନେ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଅନାଗ୍ରହୀ ହେବା ସ୍ୱାଭାବିକ।

ଏହି ବାଟ ଦେଇ ଇସ୍ରୋର ଘରୋଇକରଣ ପ୍ରକ୍ରିୟାର ବାଟ ଫିଟିଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଦେଶ ପାଇଁ କାର୍ଯ୍ୟ କରିବାର ଆନନ୍ଦ ଓ ଅନୁଭୂବ ଅନନ୍ୟ। କିନ୍ତୁ ଯେଉଁଠି ଅର୍ଥ ଓ ପ୍ରତିପତ୍ତି ଲୋଭ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ଆଇନର ଗଳାବାଟ ଦେଇ ଦଳ ବଦଳାଇ ପାରୁଛନ୍ତି ସେଠାରେ ବୈଜ୍ଞାନିକମାନେ ଚାକିରି ଛାଡ଼ିବେ ନାହିଁ କାହିଁକି ବୋଲି ମଧ୍ୟ ଯୁକ୍ତି ହେଉଛି। ଇସ୍ରୋ ଛାଡ଼ିଥିବା କେତେକ ବୈଜ୍ଞାନିକଙ୍କ ମତରେ ସରକାରୀ କ୍ଷେତ୍ରରେ କାମ କରି ଆଗକୁ ବଢ଼ିବାର ସୁଯୋଗ ନାହିଁ। ଅନ୍ୟ ଅର୍ଥରେ କହିଲେ ଗବେଷଣା, ନବସୃଜନ ଆଧାରିତ ପଦୋନ୍ନତିର ପରିବେଶ ସରକାରୀ କ୍ଷେତ୍ରରେ ସଂକୁଚିତ। ତେଣୁ ଯେଉଁଠି ସେ ସୁଯୋଗ ରହିଛି ସେଠାକୁ ପ୍ରତିଭା ପଳାୟନ ଏକ ସାଧାରଣ କଥା। କିନ୍ତୁ ଭାରତରୁ ଏଭଳି ପ୍ରତିଭା ପଳାୟନ ଜାରି ରହିଲେ ଇସ୍ରୋର ମୂଳ ଲକ୍ଷ୍ୟ ସୁଦୂର ପରାହତ ହେବ। ଅଧିକନ୍ତୁ ମେକ୍ ଇନ୍ ଇଣ୍ଡିଆ ଘରୋଇ ସଂସ୍ଥାଙ୍କ ଅଧୀନରେ ପରିଚାଳିତ ଓ ସାକାର ହେବା ଅସମ୍ଭବ ନୁହେଁ। ●

## ପ୍ରଗତିର ମାପଦଣ୍ଡ: ଆମେ ଆଜି କେଉଁ ସୋପାନରେ?

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ହଜାର ହଜାର ବର୍ଷ ପୂର୍ବେ ଏ ପୃଥିବୀରେ ସକ୍ରେଟିସ୍, ପ୍ଲେଟୋ, ବୁଦ୍ଧ, ଯୀଶୁ ଓ ଏମାନଙ୍କ ପରି କେତେ କେତେ ଚେତନାଦୀପ୍ତ ଉତ୍ତାନପାଦ ମଣିଷମାନେ ଆସିଥିଲେ, ଯେଉଁମାନେ ଆମମାନଙ୍କୁ ମାନବତା ଓ ଦିବ୍ୟତାର ମନ୍ତ୍ରରେ ଦୀକ୍ଷିତ କରିବାକୁ, ଆମ ଚିନ୍ତା ଚେତନାକୁ ଆଲୋକିତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ସେମାନେ ଯେଉଁ ଗୂଢ଼ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ଆମ ସମ୍ମୁଖରେ ଉପସ୍ଥାପିତ କରିଥିଲେ ଏବଂ ଯାହାର ଉତ୍ତର ଦେବାକୁ ପ୍ରଯତ୍ନ କରିଥିଲେ, ସେଥିରୁ ପ୍ରମୁଖ କେତୋଟି ଏହିପରି - ମଣିଷ କିଏ? ଜୀବନ କ'ଣ? ସତ୍ୟ କ'ଣ? ନ୍ୟାୟ କ'ଣ? ଏ ଜଗତର ସୃଷ୍ଟିକର୍ତ୍ତା କିଏ ନା ଏହା କେବଳ ଭୌତିକ କାର୍ଯ୍ୟକାରଣ-ସୃଷ୍ଟ? କାହିଁକି ଏ ଜୀବନ ଦୁଃଖପୂର୍ଣ୍ଣ? ଅସ୍ତିତ୍ୱଗତ ଦୁଃଖଯନ୍ତ୍ରଣାରୁ ମୁକ୍ତି ସମ୍ଭବ କି ନାହିଁ? ଏହିସବୁ ଆଧାତ୍ମିକ, ଦାର୍ଶନିକ ଓ ଅସ୍ତିତ୍ୱବାଦୀ ପ୍ରଶ୍ନ ବ୍ୟତୀତ ସେମାନେ ମଧ୍ୟ ପଚାରିଥିଲେ - ପ୍ରଗତି କ'ଣ ଓ ପ୍ରଗତିର ସ୍ୱରୂପ କ'ଣ?

ଇତିମଧ୍ୟରେ ବିତି ସାରିଲାଣି ଅନେକ ଶତାବ୍ଦୀ। ଆଜି ଆମେ ଅତ୍ୟାଧୁନିକ କାଳଖଣ୍ଡର ମଣିଷ। ଅନେକାନେକ ଭୌତିକ ଉପଲବ୍ଧି ଆମର। ବିଜ୍ଞାନର ବଳରେ ଆମେ ଅସାଧ ସାଧନ କରିସାରିଛେ। ପ୍ରକୃତି ଉପରେ ସାବ୍ୟସ୍ତ କରିସାରିଛେ ଆମର ସାର୍ବଭୌମ କର୍ତ୍ତୃତ୍ୱ। ବୈଷୟିକ ସମୃଦ୍ଧି ସବୁ ଆଜି ଆମର ହାତ ପାଆନ୍ତାରେ। ନଭଶ୍ଚୁମ୍ବୀ ଅଟ୍ଟାଳିକାମାନଙ୍କରେ ଆମେ ବୁଣି ଚାଲିଛେ ଅୟୁତ ସ୍ୱପ୍ନର ଚାରୁତାରକସି। ଆମେ ଆକାଶଜୟୀ, ସମୁଦ୍ରଜୟୀ ଓ ସସାଗରା ଧରଣୀର ଏକଚ୍ଛତ୍ରପତି। ଆମେ ଚନ୍ଦ୍ରରେ ପାଦ ରଖି ସାରିଛେ, ପରମାଣୁକୁ ଭାଙ୍ଗି ସାରି ତା' ଭିତରର ଅକଳ୍ପନୀୟ ଜଗତକୁ ଠିକେ ଠିକେ ଚିହ୍ନିସାରିଛେ। ଆମେ ମଣିଷର ଜିନ୍ ଓ ଡି.ଏନ୍.ଏକୁ ପଢ଼ିଛେ ଏବଂ ଏବେ କୃତ୍ରିମ ବୃଦ୍ଧିମତ୍ତାକୁ ଚିନ୍ତା, କଳ୍ପନା କରିବା ଶିଖାଇ ଦେଇଛେ। ଜୀବନକୁ ଆରାମପ୍ରଦ କରିଦେଇଛେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ମାନବିକ ଜ୍ଞାନ ସବୁର ସଫଳ ପ୍ରୟୋଗ କରି ଆମେ - ଏଇ ଏକବିଂଶ ଶତାବ୍ଦୀର ତଥାକଥିତ ଭାଗ୍ୟବାନମାନେ।

ତଥାପି କାହିଁକି ଏଇ ପ୍ରଶ୍ନଟି ଆମକୁ ଏବେ ବି ବିବ୍ରତ, ଆନ୍ଦୋଳିତ କରିସାରିଛି ପ୍ରାୟ ସବୁବେଳେ - ଆମେ କ'ଣ ସତରେ ମଣିଷ ପରି ମଣିଷଟିଏ ହୋଇପାରିଛେ? ଏଇ କ'ଣ ସତରେ ପ୍ରଗତି? କାହିଁକି ତେବେ ଆମେ ମୁହ୍ୟମାନ ହୋଇଚାଲିଛେ ନୈରାଶ୍ୟରେ, ଗ୍ଲାନିରେ ଏବଂ ଆଦୌ ବୁଝି ପାରୁ ନ ଥିବା ପାପବୋଧରେ? ଖୁବ୍ ଅସୁବିଧାଜନକ ଏହିସବୁ ପ୍ରଶ୍ନରେ ଆମେ ଜର୍ଜରିତ। କାରଣ ଆମ ଅତୀତର ସେହି ମହାନ୍, ଉତ୍ତାନପାଦ ମଣିଷମାନଙ୍କୁ ଆମେ ଭୁଲି ଯାଇଛେ; ପୂରାପୂରି ବିସ୍ମରି ଯାଇଛେ ସେମାନେ ଦିନେ ମଣିଷକୁ ଶିଖାଇଥିବା ମୂଲ୍ୟବୋଧଗୁଡ଼ିକୁ; ବିସ୍ମରି ଯାଇଛେ ସେମାନେ ଦିନେ ମଣିଷକୁ ଚିହ୍ନାଇ ଦେଇଥିବା ମାନବତା ଓ ଦିବ୍ୟତାର ଗହନ ସୂତ୍ରଗୁଡ଼ିକୁ।

ସକ୍ରେଟିସ୍ ଆମକୁ ଆମର ଅଜ୍ଞତା ସଂପର୍କରେ ସତର୍କ କରିଥିଲେ; ସଚେତନତାର ଖିଅଗୁଡ଼ିକୁ ଆମେ କିପରି ଧରି ରଖିପାରିବା ସେ ସଂପର୍କରେ ବାରମ୍ବାର ଚେତାଇ ଦେଇଥିଲେ। ହେଲେ ପୂର୍ବପରି ଆମେ ତଥାପି ରୁନ୍ଧି ହୋଇ ଚାଲିଛେ ଅଜ୍ଞତାର ଅନ୍ଧାରରେ। ଆମର ବୁଦ୍ଧିବିବେକ ସବୁ ହଜି ଚାଲିଛି, ସଚେତନତାରେ ନୁହେଁ, ନିଶ୍ଚେତନାର ଘନକୁହୁଡ଼ିରେ। ବୁଦ୍ଧ ଓ ଯୀଶୁ ଆମକୁ ଯେଉଁ କରୁଣା ଓ ପ୍ରେମର ଭାଷା ଶିଖାଇଥିଲେ, ଆଜି ଆମେ ତାଙ୍କରି ନାମରେ ଓ ତାଙ୍କ ପରି ଅନ୍ୟ ପଥ ପ୍ରଦର୍ଶକ ବା ଧର୍ମପ୍ରବର୍ତ୍ତକଙ୍କ ନାମରେ ପ୍ରଚାର, ପ୍ରସାର କରିଚାଲିଛେ ଘୃଣା, ଅସୂୟା ଓ ବିଦ୍ୱେଷର ଭାଷା। ପ୍ଲେଟୋ ଓ ଆରିଷ୍ଟୋଟଲ ଯେଉଁ ନ୍ୟାୟ ଓ ଉତ୍ତମଜୀବନ ନେଇ ଚିନ୍ତା କରିଥିଲେ, ହଜାର ହଜାର ବର୍ଷ ପରେ ମଧ୍ୟ ନ୍ୟାୟ ଏବଂ ଜୀବନର ଶୁଦ୍ଧତା ବା ଉତ୍ତମତା ଆମ ସଭ୍ୟତାର ଅଧୁରା ପ୍ରତିଶ୍ରୁତିମାନଙ୍କ ମଧ୍ୟରେ ସର୍ବାଗ୍ରରେ।

ଆମେ କ'ଣ ପ୍ଲେଟୋ, ସକ୍ରେଟିସ୍ ବା ବୁଦ୍ଧମାନଙ୍କ ଉତ୍ତରାଧିକାରୀ ବୋଲି କେବେ ଗର୍ବ କରିପାରିବା? ସୁଦୂର ଅତୀତର ଏ ମହାନ୍‌ମାନେ କାହିଁକି, ଆମେ ଏଇ ଗୋଟିଏ କି ଦୁଇଟି ଶତାବ୍ଦୀ ତଳର ଜଣେ ଲିଂକନ୍, ଜଣେ ଗାନ୍ଧୀ କି ଜଣେ ବିବେକାନନ୍ଦଙ୍କ ଉତ୍ତରାଧିକାରୀ ବୋଲି କହିବାର ସାହସ କରିବା ନାହିଁ ନିଶ୍ଚୟ। ଆଜି ତେଣୁ ମନେ ହୁଏ ଯେ ଏହି ଶ୍ରେଷ୍ଠ ଶ୍ରେଷ୍ଠ ମଣିଷମାନେ ହୁଏତ ମାନବଜାତିର ସାଧାରଣ ନମୁନା ନଥିଲେ। ସେମାନେ ବୋଧହୁଏ ଥିଲେ ମାନବଜାତିର 'ସିପ୍ଟେଡ୍ ବେଷ୍ଟ' - ସମୟର ବିପୁଳ ପ୍ରବାହଧାରା ଭିତରେ କେତେବେଳେ କେମିତି ଚମକି ଉଠିଥିବା ଚେତନାର ହୀରକଖଣ୍ଡମାନ କିମ୍ବା ସମୟର ପ୍ରକାଣ୍ଡ ଛଣାଯନ୍ତ୍ରରୁ ଛାଣି ହୋଇ ବାହାରି ଆସିଥିବା ଜଣେ ଜଣେ ଅସାଧାରଣ ମାନବିକ ସତ୍ତା ମାତ୍ର। ଏମିତି ମନେହୁଏ କାରଣ ଆମେ ଆଜି ଯେତେବେଳେ ନିଜର ହାବଭାବ, କର୍ମଧର୍ମ, ଆଦର୍ଶ ଓ ରୁଚି ଅଭିରୁଚିଗୁଡ଼ିକୁ ଦେଖି ଟିକିଏ କେବେ ପରଖି ଦେଉଛେ, ଜାଣିପାରୁଛେ ଯେ ଆମେ ଜମା ସଚ୍ଚାମଣିଷ ହୋଇନେ; କେବେ ବି ଛୁଇଁ ପାରିନେ ଆମ ଅତୀତର ସତ-ଲୋକପ୍ରତିମାମାନଙ୍କର ଚେତନାର କେଉଁ ଏରୁଣ୍ଡିବନ୍ଧକୁ ଏବଂ ଆମେ ଯେଉଁ ତିମିରେକୁ ସେଇ ତିମିରରେ।

ଏଇଠି 'ପ୍ରଗତି' ଶବ୍ଦଟିର ଅର୍ଥକୁ ନେଇ ତେଣୁ ଆମେ ଭାବିବାକୁ ବାଧ୍ୟ ହେବା ସ୍ୱାଭାବିକ। ଆଜି ଆମେ ପ୍ରଗତିର ମାପଦଣ୍ଡ ଖୋଜୁଛେ ମୁଖ୍ୟତଃ ଆମ ଅର୍ଥନୈତିକ ଅଭିବୃଦ୍ଧିରେ, ଆମ ବୈଷୟିକ କୃତିତ୍ୱମାନଙ୍କରେ। ଜି.ଡି.ପି କେତେ ବଢ଼ିଲା, ରାସ୍ତା କେତେ ବା କେତେ ନୂଆ ବିମାନ ବନ୍ଦର ନିର୍ମାଣ ହେଲା, ଚନ୍ଦ୍ର ବା ମଙ୍ଗଳଗ୍ରହକୁ କେଉଁ କେଉଁ ଯାନ ପ୍ରେରଣ ହେଲା, ଆମେ କେତୋଟି ଡେଟାସେଣ୍ଟର ପ୍ରତିଷ୍ଠା କରି ସେମିକଣ୍ଡକ୍ଟର ପାଇଁ ଚିପ୍‌ସମାନ ପ୍ରସ୍ତୁତ କଲେ, କେଉଁଠି କେଉଁ ପୂର୍ବୋଦୟ ବା ପଶ୍ଚିମୋଦୟ ହେଲା, କେତେ ଭବ୍ୟ, ବିଶାଳ ମନ୍ଦିର ବା ଉପାସନାଗୃହଗୁଡ଼ିକୁ ସ୍ଥାପନ କରି କେତେସଂଖ୍ୟକ ଭକ୍ତ ବା ଶ୍ରଦ୍ଧାଳୁମାନଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲେ - ଏସବୁ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ। କିନ୍ତୁ ଏଇଥିରୁ କ'ଣ ଆମ ସଭ୍ୟତାର ଉତ୍କୃଷ୍ଟତା ପ୍ରମାଣିତ ହୋଇପାରିବ? ଏଇଥିରୁ କ'ଣ ଆମେ କହିପାରିବା ଆମ ଚେତନା ଆଜି ଉତ୍ତରିତ କିମ୍ବା ଜ୍ଞାନାଲୋକରେ ପ୍ରଦୀପ୍ତ? ଏହି ଧରଣର ପ୍ରଗତି କ'ଣ ଆମ ସଭ୍ୟତାର ଉଚ୍ଚତା ମାପିବା ପାଇଁ ପର୍ଯ୍ୟାପ୍ତ?

ଏକ ଦେଶର ରାସ୍ତା ଖୁବ୍ ପ୍ରଶସ୍ତ, ଚକାଚକ୍ ହୋଇପାରେ, କିନ୍ତୁ ତା'ର ଲୋକମାନଙ୍କ ଚିନ୍ତାର ରାସ୍ତା ସଂକୀର୍ଣ୍ଣ ଥାଇପାରେ। ଏକ ଦେଶର ଜି.ଡି.ପି ଖୁବ୍ ବଢ଼ିପାରେ, କିନ୍ତୁ ସେ ଦେଶର ସାଧାରଣ ନାଗରିକର ଜୀବନର ମାନ, ତା'ର ପରିଚୟ, ଆତ୍ମସମ୍ମାନ ସବୁକିଛି ଭୁଲୁଣ୍ଠିତ ହୋଇଯାଇପାରେ - କେତେବେଳେ ପୁଞ୍ଜିବାଦୀ ଶୋଷଣରେ କି ପଚମାନ ରାଜନୈତିକ ଆଦର୍ଶକୁ ଆୟୁଧ କରିଥିବା କେଉଁ କ୍ଷମତାପନ୍ନଙ୍କ ଚକ୍ରାନ୍ତରେ। ଏକ ଦେଶର ବିଜ୍ଞାନ ଓ ପ୍ରଯୁକ୍ତି ଅତ୍ୟାଧୁନିକ ହୋଇପାରେ, କିନ୍ତୁ ଚେତନା ମଧ୍ୟଯୁଗୀୟ ହୋଇପାରେ। ଏହି ବିରୋଧାଭାସ ହିଁ ଆମ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା।

ଆମେ କୃତ୍ରିମ ବୁଦ୍ଧିମତ୍ତା ତିଆରି କରୁଛେ, କିନ୍ତୁ ନିଜ ମନ, ବୁଦ୍ଧି ଓ ବିବେକକୁ ପୂର୍ବାଗ୍ରହରୁ, ରୂଢ଼ିବାଦରୁ, ଅସହିଷ୍ଣୁତାରୁ ମୁକ୍ତ କରିପାରୁନେ। ଆମେ ମହାକାଶକୁ ଦେଖି ଏ ଜୀବନ ଓ ଜଗତର ରହସ୍ୟ ବୁଝିବାକୁ ଚେଷ୍ଟା କରୁଛେ, କିନ୍ତୁ ମଣିଷକୁ ତାହାର ଧର୍ମ, ଜାତି କିମ୍ବା ପରିଚୟ ଦେଖି ତା'ର ସ୍ଥାନ ଓ ମାନ ନିରୂପଣ କରୁଛେ। ଆମେ ଆଜି ବିଭାଜନର ବିଷ ବୁଣି ହେଉଥିବା ଅନ୍ଧଭକ୍ତମାନଙ୍କ ଅନାଦର୍ଶଗୁଡ଼ିକୁ ସତ ଆଦର୍ଶ ବୋଲି ଭାବୁଛେ, ଅନ୍ଧଭକ୍ତମାନଙ୍କ ଦ୍ୱାରା ପ୍ରସାରିତ ଧର୍ମ, ଜାତି ଓ ପରିଚୟ ଇତ୍ୟାଦିକୁ ନେଇ ନିଜ ନିଜ ଭିତରେ ସଂଘର୍ଷ କରିଚାଲୁଛେ। ଏଇ କ'ଣ ତେବେ ପ୍ରଗତି? ନା। କାରଣ ସତ ପ୍ରଗତି ସେତିକିବେଳେ ସମ୍ଭବ ହୁଏ, ଯେତେବେଳେ ମଣିଷ ଧାର୍ମିକ ହୁଏ, ଧର୍ମାନ୍ଧ ହୁଏନା; ଯେତେବେଳେ ତା'ର ପରିଚୟକୁ ସେ ଅହଙ୍କାରର ଅସ୍ତ୍ର କରେନା; ଯେତେବେଳେ ତା'ର ଧର୍ମ, ତା'ର ସଂସ୍କୃତି ତା'କୁ ଘୃଣା କରିବା ଶିଖାଏନା ଏବଂ ଯେତେବେଳେ ସେ 'ବସୁଧୈବ କୁଟୁମ୍ବକମ୍' କେବଳ ମୁହଁରେ ନ କହି ତା'ର ଆଚରଣରେ ତାହା ପାଳନ କରେ; ମନ ଓ ବାକ୍ୟରେ ସେ ମାନବତାର ଧର୍ମକୁ ଶ୍ରେଷ୍ଠ ଧର୍ମ ବୋଲି ବିବେଚନା କରେ।

ତଥାପି ଆମେ ଆଶା ବ୍ୟକ୍ତ କରିବା ଯେ ପ୍ରଗତିର ମାପଦଣ୍ଡ ପ୍ରକୃତରେ କ'ଣ ତାହା ଆମେ ନିଶ୍ଚୟ ଦିନେ ନା ଦିନେ ବୁଝିପାରିବା। ତାହା ସେତିକିବେଳେ ହେବ ଯେତେବେଳେ ଆମ ଭିତରେ ଯେଉଁମାନେ ସ୍ୱାଧୀନ ଚିନ୍ତାର ଆଲୋକ ଜଳାଇ ରଖିଛନ୍ତି ବା ଜଳାଇବାର ପ୍ରୟାସ ଜାରି ରଖିଛନ୍ତି, ପ୍ରଶ୍ନ କରିବାର ସାହସ ଅକ୍ଷୁଣ୍ଣ ରଖିଛନ୍ତି ଏବଂ ମାନବିକତାର ସହର୍ଷ ନିରାଜନା କରୁଛନ୍ତି, ସେହିମାନଙ୍କୁ ଖୋଜି ଖୋଜି ଆମ ଗହଣରେ ଉଚ୍ଚସ୍ଥାନ ଦେବା। ସେହିମାନେ ହିଁ ଆମକୁ ବୁଝାଇଦେବେ ପ୍ରଗତି କ'ଣ, ଚେତନାର ଉତ୍ତରଣର ମାର୍ଗ କ'ଣ ଏବଂ ଜ୍ଞାନୀଭକ୍ତ ଓ ଅନ୍ଧଭକ୍ତମାନଙ୍କ ମଧ୍ୟରେ ପ୍ରଭେଦ କ'ଣ? ସେତିକିବେଳେ ଆମେ ଗର୍ବ କରି କହିବା - ହଁ, ଆମେ ଆମ ଅତୀତର ଶ୍ରେଷ୍ଠ ଶ୍ରେଷ୍ଠ ଲୋକପ୍ରତିମାମାନଙ୍କ ଉତ୍ତରାଧିକାରୀ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆକାଶରେ ଭାରତର ଆଖି

ଇଂ ମାୟାଧର ସ୍ୱାଇଁ

ଭାରତୀୟ ମହାକାଶ ଗବେଷଣା ଅନୁଷ୍ଠାନ (ଇସ୍ରୋ) ଏହି ବର୍ଷ ସେପ୍ଟେମ୍ବର ଚାରି ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ ସଫଳ ଭାବେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ (ଇ.ଓଏସ୍ ୦୫) କୁ ଅନ୍ତରୀକ୍ଷକୁ ଉତ୍କ୍ଷେପଣ କରିଛି। ଇସ୍ରୋ ଦ୍ୱାରା ନିର୍ମିତ ଜିଏସ୍‌ଏଲ୍‌ଭି ରକେଟ୍ ଏହାକୁ ଭୂମିର ଅନ୍ତରଣ କକ୍ଷକୁ ପଠାଇଛି। ସୂଚନାଯୋଗ୍ୟ ଯେ ଉପଗ୍ରହର ଅନ୍ତିମ ଲକ୍ଷ୍ୟ ହେଉଛି ଭୂପୃଷ୍ଠରୁ ପ୍ରାୟ ୩୬୦୦୦ କି.ମି ଉଚ୍ଚରେ ଥିବା ଭୂସ୍ଥିର କକ୍ଷ। ଉପଗ୍ରହକୁ ରକେଟ୍ ଦ୍ୱାରା ଭୂସ୍ଥିର ଅନ୍ତରୀଣ କକ୍ଷକୁ ପଠାଇବା ପରେ ସେଠାରୁ ଉପଗ୍ରହ ନିଜର ନୋଦନ (ପ୍ରପଲସନ୍) କ୍ରିୟା ମାଧ୍ୟମରେ ଭୂସ୍ଥିର କକ୍ଷକୁ ଯାଇଥାଏ। ଭୂସ୍ଥିର ଅନ୍ତରୀଣ କକ୍ଷ ଭୂପୃଷ୍ଠରୁ ୧୭୦ ରୁ ୨୮ ୯୩୪ କିଲୋମିଟର ମଧ୍ୟରେ ଥାଏ। ଭୂସ୍ଥିର କକ୍ଷର ବିଶେଷତ୍ୱ ହେଉଛି ଯେ ଏହି କକ୍ଷରେ ରହିଲେ ଉପଗ୍ରହର ପରିକ୍ରମଣ ସମୟ ପୃଥିବୀର ଆବର୍ତ୍ତନ ସମୟ ସହିତ ପ୍ରାୟ ସମାନ ହୋଇଥାଏ। ଏଣୁ ଏହି ଉପଗ୍ରହ ପୃଥିବୀର ଗୋଟିଏ ନିର୍ଦ୍ଦିଷ୍ଟ ଜାଗାକୁ ଅବିରତ ପର୍ଯ୍ୟବେକ୍ଷଣ କରି ଚିତ୍ର ପଠାଇପାରିବ।

ଉପଗ୍ରହକୁ ଉତ୍କ୍ଷେପଣ କରିଥିବା ଜିଏସଏଲଭି ରକେଟର ଓଜନ ହେଉଛି ୪୨୦ ଟନ୍ ଏବଂ ଉଚ୍ଚତା ହେଉଛି ୫୧.୭ ମିଟର। ଏହାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଯଥାକ୍ରମେ କଠିନ ଓ ତରଳ ଇନ୍ଧନ ଥିବା ବେଳେ ତୃତୀୟ ତଥା ଶେଷ ପର୍ଯ୍ୟାୟରେ କ୍ରାୟୋଜେନିକ୍ ଇଞ୍ଜିନ୍ ଅଛି, ଯେଉଁଥିରେ ତରଳ ଉଦଜାନ ଓ ତରଳ ଅମ୍ଳଜାନ ଅତି କମ୍ ତାପମାତ୍ରାରେ ରହି ଇଞ୍ଜିନକୁ ଇନ୍ଧନ ଯୋଗାଇଥାଏ। ଉଲ୍ଲେଖନୀୟ ଯେ ୧୯୯୦ ଦଶକରେ ଭୂରାଜନୈତିକ ବିରୋଧ ଯୋଗୁଁ ରୁଷିଆ ଚୁକ୍ତି ମୁତାବକ ଭାରତକୁ ଏହି ଇଞ୍ଜିନକୁ ଦେବା ପାଇଁ ମନା କରିଦେବା ପରେ ଭାରତର ବୈଜ୍ଞାନିକମାନେ ନିଜସ୍ୱ ଜ୍ଞାନକୌଶଳରେ ଏହାର ବିକାଶ କରିଛନ୍ତି।

ଇସ୍ରୋ ପ୍ରଥମ କରି ଭୂସ୍ଥିର କକ୍ଷକୁ ଗୋଟିଏ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ପଠାଇଛି। ଏହା ପୂର୍ବରୁ ୨୦୨୧ ମସିହା ଅଗଷ୍ଟ ମାସରେ ଇସ୍ରୋ ଭୂସ୍ଥିର କକ୍ଷକୁ ଗୋଟିଏ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ (ଇ.ଓ.ଏସ୍-୦୩) ପଠାଇବା ବେଳେ ରକେଟର ତୃତୀୟ ପର୍ଯ୍ୟାୟ ପ୍ରଜ୍ୱଳନ ସମୟରେ ଏହା ବିଫଳ ହୋଇଥିଲା। ଏହି ଉପଗ୍ରହର ଓଜନ ହେଉଛି ୨୩୬୭ କିଲୋଗ୍ରାମ୍। ଏହି ଉପଗ୍ରହର ଅନେକଗୁଡ଼ିଏ ବେସାମରିକ ଓ ସାମରିକ ପ୍ରୟୋଗ ଅଛି। ଏହା ବନ୍ୟା, ବାତ୍ୟା ଭୂସ୍ଖଳନ, ବନାଗ୍ନି ଭଳି ପ୍ରାକୃତିକ ବିପର୍ଯ୍ୟୟର ସୂଚନା ଦେବା ସହ ଏହାର ଉଦ୍ଧାର କାର୍ଯ୍ୟ ସମେତ ଅନ୍ୟ ପରିଚାଳନାଗତ କାର୍ଯ୍ୟରେ ସହାୟକ ହେବ। ଏହା ଦେଶର ଜଳାଶୟ, ଜଙ୍ଗଲ, ପରିବେଶ ଆଦିକୁ ତଦାରଖ କରିପାରିବ। ଏହା ମଧ୍ୟ କୃଷି ଓ ସହରୀ ଯୋଜନାରେ ସହାୟକ ହେବ। ଯଦିଓ ଏହା ଗୁପ୍ତଚର ଉପଗ୍ରହ ନୁହେଁ, ଏହା ଜାତୀୟ ସୁରକ୍ଷା ପାଇଁ ମହତ୍ତ୍ୱର ଅବଦାନ ଦେବ। ଏହା ଆମ ଦେଶର ସୀମାବର୍ତ୍ତୀ ଅଞ୍ଚଳ ଏବଂ ଜଳଭାଗଗୁଡ଼ିକୁ ଅନବରତ ପର୍ଯ୍ୟବେକ୍ଷଣ କରିବ, ଯାହାଫଳରେ ଅନୁପ୍ରବେଶକାରୀମାନଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ।

ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇସ୍ରୋ ଗତ କେତେବର୍ଷରେ ନିଜର ଓ ଅନ୍ୟଦେଶର କେତେଗୁଡ଼ିଏ ଉପଗ୍ରହକୁ ସଫଳ ଭାବେ ଭୂକକ୍ଷକୁ ଉତ୍କ୍ଷେପଣ କରିଥିଲେ ସୁଦ୍ଧା ଗତ ଦୁଇ ବର୍ଷରେ ଏହାକୁ ହତାଶ ହେବାକୁ ପଡ଼ିଛି। ଏହା ୨୦୨୫ ଓ ୨୦୨୬ ମସିହାରେ ଭୂକକ୍ଷକୁ ପଠାଇଥିବା ଛଅଟି ଅଭିଯାନ ମଧ୍ୟରୁ ତିନିଟି ରକେଟ ଯୋଗୁଁ କିମ୍ବା ଉପଗ୍ରହ କାରଣରୁ ବିଫଳ ହୋଇଛି। ଏହାର ଶେଷ ଅଭିଯାନ ଏହି ବର୍ଷ ଜାନୁଆରୀ ୧୨ ତାରିଖରେ ହୋଇଥିଲା ଏବଂ ଏଥିରେ ପିଏସ୍‌ଏଲଭି ରକେଟର ତୃତୀୟ ପର୍ଯ୍ୟାୟରେ ତ୍ରୁଟି ହେବାରୁ ଏହି ଅଭିଯାନ ସଫଳ ହୋଇପାରି ନ ଥିଲା। ଏହାପରେ ଇସ୍ରୋ ଉପଗ୍ରହ ଉତ୍କ୍ଷେପଣକୁ ବନ୍ଦ କରି ଅନୁସନ୍ଧାନ ଓ ପରୀକ୍ଷା କରିଥିଲା। ଏଣୁ ଏହି ଉପଗ୍ରହର ସଫଳ ଉତ୍କ୍ଷେପଣ ଇସ୍ରୋ ବୈଜ୍ଞାନିକ ଓ କର୍ମଚାରୀମାନଙ୍କର ମନୋବଳ ବୃଦ୍ଧି କରିବ ଏବଂ ପୂର୍ବ ଅଭିଯାନରେ ଥିବା ତ୍ରୁଟିଗୁଡ଼ିକୁ ବୁଝିବା ଓ ସଂଶୋଧନ କରିବାରେ ସାହାଯ୍ୟ କରିବ। ଏହି ଉପଗ୍ରହକୁ ଆମର 'ଆକାଶରେ ଆଖି' କୁହାଯାଉଛି। କାରଣ ଏହା ଭାରତର କୌଣସି ଅଞ୍ଚଳର ଚିତ୍ର ପ୍ରତି ୩୦ ମିନିଟ୍‌ରେ ପଠାଇପାରିବ। ପୁନଶ୍ଚ ସୀମାଞ୍ଚଳ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ଚିତ୍ର ଏହା ପ୍ରତି ପାଞ୍ଚ ମିନିଟ୍‌ରେ ପଠାଇ ପାରିବା ପାଇଁ ଏହାକୁ ଡିଜାଇନ କରାଯାଇଛି।

ନିକଟ ଭବିଷ୍ୟତରେ ଇସ୍ରୋ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ମହାକାଶ ଅଭିଯାନର ଯୋଜନା କରିଛି। ଏହା ଗଗନଯାନ ଅଭିଯାନରେ ଭୂକକ୍ଷକୁ ଭାରତୀୟ ମହାକାଶଯାତ୍ରୀଙ୍କୁ ପଠାଇବା ପାଇଁ କାର୍ଯ୍ୟ ଆରମ୍ଭ କରିଛି। ଏହା ମଧ୍ୟ ଶୁକ୍ର ଗ୍ରହ ଅଭିମୁଖେ ୨୦୨୮ ମସିହା ମାର୍ଚ୍ଚ ମାସରେ ଏକ ଯାନ ପଠାଇବା ପାଇଁ ଯୋଜନା କରିଛି। ଏହାବ୍ୟତୀତ ୨୦୩୫ ମସିହା ସୁଦ୍ଧା ଭୂକକ୍ଷରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ କରିଛି, ଯେଉଁଠାରେ ଭାରତୀୟ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରିପାରିବେ। ଇସ୍ରୋ ମଧ୍ୟ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ଭାରତର ମହାକାଶଚାରୀଙ୍କୁ ପଠାଇବା ପାଇଁ ଯୋଜନା କରିଛି। ଏଣୁ ଏହିସବୁ ଅଭିଯାନ ପୂର୍ବରୁ ବର୍ତ୍ତମାନ ପଠାଯାଇଥିବା ଉପଗ୍ରହର ସଫଳତା ନିଶ୍ଚିତ ଭାବେ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଆଣିଦେବ। ●

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪।

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ବରଗଛ
(Banyan Tree-Ficus benghalensis)

ସୌଭାଗ୍ୟସୁନ୍ଦର

ବରଗଛ ବା ବଟବୃକ୍ଷ ହେଉଛି ଭାରତୀୟ ଉପମହାଦେଶର ପ୍ରାକୃତିକ ଭାବରେ ଉଷ୍ଣମଣ୍ଡଳୀୟ ଜଙ୍ଗଲରେ ଦେଖାଯାଉଥିବା ଏକ ଚିରହରିତ ପର୍ଣ୍ଣମୋଚୀ, ଦ୍ରୁତ ଗତିରେ ବଢୁଥିବା ବୃକ୍ଷ, ଯାହା ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପହଞ୍ଚିପାରେ। ଏହା ଏକ ସାଧାରଣ ରାସ୍ତା ବୃକ୍ଷ, ଯାହା ଭାରତର ଜାତୀୟ ବୃକ୍ଷର ମାନ୍ୟତା ପାଇଛି। ବରଗଛର ସ୍ମୃତି ପାଇଁ ଭାରତୀୟ ଡାକ ବିଭାଗ ଦ୍ୱାରା ଏକ ଡାକ ଷ୍ଟାମ୍ପ ବା ଟିକଟ ଜାରି କରାଯାଇଥିଲା।



ଏହାର ଗଣ୍ଡି ଓ ପୁରୁଣା ଡାଳର ଛାଲି ବାଦାମୀ, ମସୃଣ; ନୂତନ ଶାଖା ରୁମଯୁକ୍ତ, ଯାହା କ୍ରମେ ଝଡ଼ିଯାଏ। ପତ୍ରଗୁଡ଼ିକ ସରଳ, ଡେମ୍ଫଯୁକ୍ତ, ଅଣ୍ଡାକାର, ଚମଡ଼ା ଭଳି ଖଦଡ଼ା, ପତ୍ରଧାର ସମ୍ପୂର୍ଣ୍ଣ, ଶୀର୍ଷ ସ୍ଥୂଳ, ଶିରା ଜାଲି ସଦୃଶ। ମୁଖ୍ୟ ଗଛର ଟ୍ୟାପ୍ ରୁଟ୍ ବା ଆଦି ମୂଳ ଅଛି, ଯାହା ଭୂମିରେ ତଳକୁ ବଢ଼େ। ଏହାର କାଣ୍ଡର ଶାଖାରୁ ବିକଶିତ ଅସ୍ଥାନିକ ବା ସ୍ତମ୍ଭମୂଳ ନିମ୍ନଗାମୀ ହୋଇ ମୃତ୍ତିକା ଭିତରେ ପ୍ରବେଶ କରି ମାଟିରେ ମୂଳ ଧରି ନୂତନ ଗଣ୍ଡି ବା ଗଛରେ ପରିଣତ ହୁଏ। ତେଣୁ ଗୋଟିଏ ଗଛ ଏକ ବଡ଼ ଅଞ୍ଚଳ ଉପରେ ଏଭଳି ଅନେକ ନୂତନ ଗଛ ସହିତ ବିସ୍ତାରିତ ହୋଇପାରେ ଏବଂ ଏକ ଛୋଟ ଜଙ୍ଗଲ ପରି ଦେଖାଯାଇପାରେ। ଏହା କେତେକ ସମୟରେ ଏପିଫାଇଟ୍ ଭାବରେ ଆରମ୍ଭ ହୁଏ, ଅର୍ଥାତ୍ ଅନ୍ୟ ଏକ ଗଛ ଉପରେ ବଢ଼ିଥାଏ, ଯାହାକୁ ଏହା କ୍ରମଶଃ ଘେରେଇ ଦେଇଯାଏ। ହାୱଡ଼ାର ଶିବପୁରରେ ଜଗଦୀଶ ଚନ୍ଦ୍ର ବୋଷ ଉଦ୍ଭିଦ ଉଦ୍ୟାନରେ ଥିବା ମହାନ ବରଗଛ, ଯାହାର କ୍ଷେତ୍ର ୧୮, ୯୧୮ ବର୍ଗ ମିଟର ଏବଂ ଏହା ପ୍ରାୟ ୨୫୦ ବର୍ଷ ପୁରୁଣା। କର୍ଣ୍ଣାଟକର କେଟୋହାଲ୍ଲୀର ଡୋଡ୍ଡା ଆଲାଧା ମାରା, ଯାହାର କ୍ଷେତ୍ର ୧୨, ୦୦୦ ବର୍ଗ ମିଟର ଏବଂ ଏହା ପ୍ରାୟ ୪୦୦ ବର୍ଷ ପୁରୁଣା। ଜଣାଶୁଣା ସବୁଠାରୁ ବଡ଼ ବରଗଛ ଶ୍ରୀଲଙ୍କା ଦ୍ୱୀପରେ ଅଛି, ଏହାର ୩୫୦ଟି ବଡ଼ ଗଣ୍ଡି ଏବଂ ୩,୦୦୦ରୁ ଅଧିକ ଛୋଟ ଗଣ୍ଡି ଅଛି।

ବରଗଛ ରକ୍ତ ଶୋଧକ, ବହୁମୂତ୍ର ବା ମଧୁମେହ ରୋଗ ପ୍ରତିରୋଧୀ, କର୍କଟ ରୋଗ ପ୍ରତିରୋଧୀ, ପ୍ରଦାହ-ପ୍ରତିରୋଧୀ, ଯକୃତ ରୋଗ ପ୍ରତିରୋଧୀ, ସ୍ନାୟୁ ରୋଗ ପ୍ରତିରୋଧୀ, ଅଣୁଜୀବ ରୋଗ ପ୍ରତିରୋଧୀ ଇତ୍ୟାଦି। ପାରମ୍ପରିକ ଔଷଧରେ ଏହାର ଅନେକ ବ୍ୟବହାର ଅଛି। ଏହାର ଲେଟେକ୍ସ (କ୍ଷୀର ଭଳି ଧଳା ରସ) ଯନ୍ତ୍ରଣା ଓ ଆଘାତର ଚିକିତ୍ସା, ହାଡ଼ ଯୋଡ଼ିବା ଏବଂ ଦାନ୍ତବିନ୍ଧାର ପ୍ରତିକାର ଅଟେ। ଏହାର ଛାଲି ରକ୍ତସ୍ରାବ ପ୍ରତିରୋଧକ, ଥଣ୍ଡା ଓ ମୂତ୍ରକାରକ। ଏହାର ଲାଟେକ୍ସ ଚର୍ମର ଆଲର୍ଜିକ୍ ପ୍ରତିକ୍ରିୟା ସୃଷ୍ଟି କରିପାରେ ଏବଂ ଆଖି ସହିତ ସଂସ୍ପର୍ଶକୁ ଏଡ଼ାଇ ଦିଆଯିବା ଉଚିତ। ଫ୍ରେଞ୍ଚ ପଲିସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ଶେଲକ୍ ବରଗଛ ମାଧ୍ୟମରେ ପ୍ରସ୍ତୁତ ହୁଏ। ଶେଲକ୍ ଲାକ୍ ନାମକ ଏକ ରେଜିନସ୍ ସ୍ରାବରୁ ଏହା ସୃଷ୍ଟି ହୁଏ, ଯାହା ଗଛରେ ରହୁଥିବା ବିଭିନ୍ନ କୀଟପତଙ୍ଗ ଦ୍ୱାରା ଉତ୍ପାଦିତ ହୁଏ; ଏଥିମଧ୍ୟରୁ ସବୁଠାରୁ ବାଣିଜ୍ୟିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହେଉଛି ଲାକ୍ କୀଟ (ଲାକ୍ସିଫର ଲାକ୍କା)। ଶେଲକ୍‌ର ଅନେକ ଶିଳ୍ପ ବ୍ୟବହାର ଅଛି। ଏହା କେଶ ଓ ଚର୍ମକୁ ରଙ୍ଗ କରିବା ପ୍ରସାଧନରେ ବ୍ୟବହୃତ ହୁଏ। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ସ୍ତମ୍ଭମୂଳ ଦାନ୍ତ ବ୍ରଶ୍ ଭାବରେ ବ୍ୟବହୃତ ହୁଏ। ଫଳଗୁଡ଼ିକ ସମସ୍ତ ପ୍ରକାରର ଫଳଭୋଜୀ ପକ୍ଷୀ ଯେପରିକି କପର୍ସ୍ମିଥ୍ ବାର୍ବେଟ୍ ଏବଂ ସାଧାରଣ ମାଇନା ବା ଶାରୀ ପକ୍ଷୀ ଦ୍ୱାରା ଖିଆଯାଏ। ବରଗଛ କାଠ କଠିନ ଏବଂ ପାଣିରେ ଶୀଘ୍ର ପଚି ଯାଏ ନାହିଁ। ଯଦିଓ ଏହାକୁ କମ୍ ମୂଲ୍ୟବାନ ବୋଲି ବିବେଚନା କରାଯାଏ, ଏହା ଫର୍ଣ୍ଣିଚର ଏବଂ ଗୃହ ନିର୍ମାଣ ପାଇଁ ବ୍ୟବହୃତ ହୁଏ। ସ୍ତମ୍ଭମୂଳ କାଠ ଅଧିକ ମଜବୁତ ଏବଂ ଖମ୍ବ ଓ ଶଗଡ଼ ଗାଡ଼ି ଯୁଆଳି ପାଇଁ ବ୍ୟବହୃତ ହୁଏ। ଛାଲି ଫାଇବର କାଗଜ ଏବଂ ଦଉଡ଼ି ତିଆରି ପାଇଁ ବ୍ୟବହୃତ ହୁଏ।(କ୍ରମଶଃ) ●

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ:
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓରାଙ୍ଗଉଟାନ ଉଦ୍ଧାର ଘଟଣା: ସାମ୍ନାକୁ ଆସିଲା କଳାଥାର୍ ନମ୍ବର

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୧୩।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଚିତ୍ରପୁରବଡ଼ପାହି ଅଞ୍ଚଳରୁ ୫ଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାକୁ ନେଇ ଏସ୍‌ଟିଏଫ୍‌ର ତଦନ୍ତ ଜୋରଦାର ହେଉଥିଲା ବେଳେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନା କୁ ଆସିବାରେ ଲାଗିଛି। ତଦନ୍ତ ଆଗକୁ ବଢ଼ିବା ସହ ଘଟଣାର ରହସ୍ୟ ଧିରେ ଧିରେ ଖୋଲୁଛି। ଏହି ଘଟଣା ପଛରେ କେବଳ କିଛି ବ୍ୟକ୍ତି ଅଛନ୍ତି ନା ଏକ ବଡ଼ ବନ୍ୟଜନ୍ତୁ ଚୋରାଚାଲାଣକାରୀ ମାଫିଆ ଗୋଷ୍ଠୀ କାମ କରୁଛି, ତାହା ଏବେ ତଦନ୍ତର ପ୍ରମୁଖ ପ୍ରଶ୍ନ ପାଲଟିଛି। ଏହି ପରିପ୍ରେକ୍ଷୀରେ ଏହି ବଡ଼ ଡିଲ୍‌ର ପ୍ରମୁଖ କେନ୍ଦ୍ର ପାଲଟିଛି ପଶ୍ଚିମବଙ୍ଗ ଦୀଘାର ଗ୍ରାଣ୍ଡ ହେରିଟେଜ୍ ହୋଟେଲ୍। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ହୋଟେଲ୍‌ର ସିସିଟିଭି କ୍ୟାମେରାର ହାର୍ଡଡିସ୍କ ଏବେ ଏସ୍‌ଟିଏଫ୍ ହାତରେ ଥିବା ଦାବି କରାଯାଉଛି। ହାର୍ଡଡିସ୍କରେ ଥିବା ଫୁଟେଜ୍ ଘଟଣାର ଅନେକ ଅଜଣା କଡ଼ି ଖୋଲିବାରେ ସହାୟକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଘଟଣା ପୂର୍ବରୁ ଓ ପରେ ହୋଟେଲ୍‌କୁ କେଉଁମାନେ ଆସିଥିଲେ, କେଉଁମାନେ ରହିଥିଲେ ଏବଂ କେଉଁ ଗାଡ଼ି ଯାତାୟାତ କରିଥିଲା, ତାହା ଫୁଟେଜ୍‌ରୁ ଜଣାପଡ଼ିପାରେ। ଏହା ସହ ହୋଟେଲ୍‌ର ଅତିଥି ରେକର୍ଡ ଓ ଅନ୍ୟ ତଥ୍ୟକୁ ମଧ୍ୟ ତଦନ୍ତରେ ଯୋଡ଼ାଯାଇପାରେ। ସେପଟେ ଓରାଙ୍ଗଉଟାନ୍ ଘଟଣା ସହ ଏକ କଳା ଥାର୍ ଗାଡ଼ିର ସମ୍ଭାବ୍ୟ ସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଉକ୍ତ କଳା ଥାର୍‌ର ନମ୍ବର ଡବ୍ଲ୍ୟୁବି-୫୬ଟି-୦୩୩୩ ବୋଲି ତଥ୍ୟ ସାମ୍ନାକୁ ଆସିଛି।

ଗାଡ଼ିର ମାଲିକାନା ସମ୍ପର୍କିତ ତଥ୍ୟରେ ଗ୍ରାଣ୍ଡ ହେରିଟେଜ୍ ହୋଟେଲ୍ ସହ ସମ୍ପୃକ୍ତ ଜୟନ୍ତ ମାଇତିଙ୍କ ନାଁ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଜୟନ୍ତ ମାଇତିଙ୍କ ଘର ପଶ୍ଚିମବଙ୍ଗର ଆନ୍ଦୋଳ ଅଞ୍ଚଳରେ ବୋଲି କୁହାଯାଉଛି। ପ୍ରାୟ ୪ ମାସ ପୂର୍ବରୁ ଦୀଘାରେ ହୋଟେଲ୍ ବ୍ୟବସାୟ ଆରମ୍ଭ କରିଥିବା ବେଳେ ତାଙ୍କ ପୁଅ ସୌମ୍ୟଦୀପ ମାଇତି ଏହି ଘଟଣାର ମାଷ୍ଟର ମାଇଣ୍ଡ ବୋଲି ତଦନ୍ତ କାରୀ ସଂସ୍ଥା ଏସ୍‌ଟିଏଫ ଦାବି କରୁଛି। ମାତ୍ର ଏମାନଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଆନୁଷ୍ଠାନିକ ଭାବେ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ତାଙ୍କ ଭୂମିକା ସମ୍ପର୍କରେ ଏସ୍‌ଟିଏଫ୍ ପକ୍ଷରୁ ଚୂଡ଼ାନ୍ତ ନିଷ୍କର୍ଷ ସାମ୍ନାକୁ ଆସିନାହିଁ। ଏବେ ତଦନ୍ତକାରୀଙ୍କ ନଜର ହୋଟେଲ୍‌ର ହାର୍ଡଡିସ୍କ ସହ କଳା ଥାର୍‌ର ଚଳାଚଳ ତଥ୍ୟ ଉପରେ ରହିଥିବା ଚର୍ଚ୍ଚା ହେଉଛି। ଯଦି ସିସିଟିଭି ଫୁଟେଜ୍‌ରେ ଏହି ଗାଡ଼ିର ଗତିବିଧି ଦେଖାଯାଏ, ତେବେ ତଦନ୍ତକୁ ଏକ ନୂଆ ଦିଗ ମିଳିପାରେ। ଅନ୍ୟପଟେ ଦୀଘାରୁ ବିଚିତ୍ରପୁରବଡ଼ପାହି ପର୍ଯ୍ୟନ୍ତ ପ୍ରାୟ ୧୨ଟି ମୋବାଇଲ୍ ଟାୱାରର ତଥ୍ୟ ଯାଞ୍ଚ ପାଇଁ ମଧ୍ୟ ଦାବି ହୋଇଛି। ଘଟଣା ସମୟରେ କେଉଁ ମୋବାଇଲ୍ ନମ୍ବର କେଉଁ ଟାୱାର ଅଧୀନରେ ସକ୍ରିୟ ଥିଲା, ତାହା ଯାଞ୍ଚ କରିବା ଦରକାର ବୋଲି ଅଞ୍ଚଳବାସୀ ମତ ଦେଉଛନ୍ତି। ଘଟଣା ପୂର୍ବରୁ ଓ ପରେ କେଉଁ ନମ୍ବର ମଧ୍ୟରେ ବାରମ୍ବାର ଯୋଗାଯୋଗ ହୋଇଥିଲା, ତାହା ମଧ୍ୟ ତଦନ୍ତର ଗୁରୁତ୍ୱପୂର୍ଣ୍ଣ କଡ଼ି ହୋଇପାରେ। ବିଚିତ୍ରପୁର ଅଞ୍ଚଳରେ ସକ୍ରିୟ ଥିବା କୌଣସି ନମ୍ବର ପରେ ଦୀଘା କିମ୍ବା ଅନ୍ୟ ଅଞ୍ଚଳର ଟାୱାର ସହ ସଂଯୋଗରେ ଆସିଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଇପାରେ।

■ ହୋଟେଲ୍ ହାର୍ଡଡିସ୍କ ଏବେ ଏସ୍‌ଟିଏଫ୍ ହାତରେ
■ ଜୟନ୍ତ ମାଇତିଙ୍କ ନାଁ’ କୁ ନେଇ ଚର୍ଚ୍ଚା
■ ଖୋଲିପାରେ ଦୀଘା-ବିଚିତ୍ରପୁର ଲିଙ୍କ୍

ଏହା ସହ ହୋଟେଲ୍ ରେକର୍ଡ, ସିସିଟିଭି ଫୁଟେଜ୍, ଟାୱାର ଡାଟା ଓ ଗାଡ଼ି ଚଳାଚଳ ତଥ୍ୟକୁ ମେଳାଇ ଦେଖିଲେ ଘଟଣାର ଅନେକ ଅଜଣା ଦିଗ ସ୍ପଷ୍ଟ ହୋଇପାରେ। ପାଞ୍ଚଟି ଓରାଙ୍ଗଉଟାନ୍ କେଉଁଠାରୁ ଆସିଥିଲେ, କିଏ ଆଣିଥିଲା ଓ କେଉଁ ମାର୍ଗରେ ପରିବହନ ହୋଇଥିଲାଏହା ଏବେ ତଦନ୍ତର ମୁଖ୍ୟ ପ୍ରଶ୍ନ। ସେମାନଙ୍କୁ କେଉଁଠାକୁ ନେବାର ଯୋଜନା ଥିଲା ଏବଂ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ଦିଗରେ ମଧ୍ୟ ତଦନ୍ତ ଆବଶ୍ୟକ। ଯଦି ଏହା ପଛରେ ସଂଗଠିତ ବନ୍ୟଜନ୍ତୁ ଚୋରାଚାଲାଣ ଚକ୍ର ରହିଥାଏ, ତେବେ ତାହାର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ଏସ୍‌ଟିଏଫ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଡିଜିଟାଲ୍ ପ୍ରମାଣ ଓ ଭୌତିକ ପ୍ରମାଣକୁ ଏକାଠି କରି ବୈଜ୍ଞାନିକ ଢଙ୍ଗରେ ଯାଞ୍ଚ କଲେ ତଦନ୍ତକୁ ନିର୍ଦ୍ଦିଷ୍ଟ ଦିଗ ମିଳିପାରେ। ଟାୱାର ଲୋକେସନ୍‌ରୁ ମିଳିପାରେ ଗତିବିଧିର ସୁରାଗ, ଆଉ ସିସିଟିଭି ହାର୍ଡଡିସ୍କରୁ ମିଳିପାରେ ଘଟଣାର ଦୃଶ୍ୟମାନ ପ୍ରମାଣ। ଏହି ଦୁଇ ତଥ୍ୟ ଯଦି ଅନ୍ୟ ପ୍ରମାଣ ସହ ମେଳ ଖାଏ, ତେବେ ଓରାଙ୍ଗଉଟାନ୍ ଘଟଣାର ଅନେକ ଅଜଣା କଡ଼ି ଯୋଡ଼ି ହୋଇପାରେ। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଟେଲ୍ ହାର୍ଡଡିସ୍କରେ କ’ଣ ରହିଛି ଏବଂ ଏହାରୁ ଏସ୍‌ଟିଏଫ୍‌କୁ କେତେ ବଡ଼ ସୁରାଗ ମିଳୁଛି? କଳା ଥାର୍‌ର ଚଳାଚଳ ଓ ଦୀଘାରୁ ବିଚିତ୍ରପୁରବଡ଼ପାହି ପର୍ଯ୍ୟନ୍ତ ସମ୍ଭାବ୍ୟ ଯୋଗାଯୋଗର ତଥ୍ୟ ମଧ୍ୟ ଏବେ ତଦନ୍ତର ନଜରରେ। କିଏ ଆସିଥିଲା, କିଏ ଯାଇଥିଲା, କାହା ସହ କାହାର ଯୋଗାଯୋଗ ଥିଲାଏହାର ଉତ୍ତର ମିଳିଲେ ଘଟଣାର ରହସ୍ୟ ଉପରୁ ପରଦା ହଟିପାରେ। ଏବେ ଏସ୍‌ଟିଏଫ୍‌ର ତଦନ୍ତ କେଉଁ ଦିଗକୁ ଯାଉଛି ଏବଂ ହାର୍ଡଡିସ୍କରୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ସମସ୍ତଙ୍କ ନଜର।

## ଡିକେ ଶିବକୁମାରଙ୍କୁ ସାକ୍ଷାତ କଲେ ଭକ୍ତ



ଭୁବନେଶ୍ୱର,୧୩।୯ (ସମିସ): କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ସାକ୍ଷାତ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ବେଙ୍ଗାଲୁରୁଠାରେ ଏକ ସୌଜନ୍ୟମୂଳକ ସାକ୍ଷାତ କରି ଭକ୍ତ ଡିକେଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ବେଙ୍ଗାଲୁରୁରେ ରହୁଥବା ଓଡ଼ିଆ ସମୁଦାୟଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଆସନ୍ତା ଜାନୁଆରୀରେ ଓଡ଼ିଶା ଗସ୍ତ କରି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ଦାସଙ୍କ ଅନୁରୋଧକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଶିବକୁମାର ନିଶ୍ଚୟ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

■ ହୋମ୍‌ଗାର୍ଡ ଚାକିରି କରାଇଦେବା ନାମରେ ଠକେଇ

## ଜେଲ୍ ଗଲେ କନଷ୍ଟେବଲ

ସିନାପାଲି,୧୩।୯ (ସମିସ): ଖାକି ବର୍ଦ୍ଦିରେ କଳଙ୍କର ଦାଗ। ଜଣେ ଯୁବକଙ୍କୁ ହୋମଗାଡର୍ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ କରି ଜଣେ ପୁଲିସ କନଷ୍ଟେବଳ ଗିରଫ ହୋଇ ଜେଲ ଯିବା ଘଟଣା ସିନାପାଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କନଷ୍ଟେବଳ ଜଣକ ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍ ଅଧୀନ ଖଇଁରା ଗ୍ରାମର ହୋଇଥିବାବେଳେ କୋମନା ବ୍ଲକର ଲଖନା ଥାନାରେ କାର୍ଯ୍ୟରତ ଥିଲେ। କନେଷ୍ଟବଳ ଯୋଗେନ୍ଦ୍ର ବାଗ୍‌ଙ୍କୁ ସିନାପାଲି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ, କନେଷ୍ଟବଳ ଯୋଗେନ୍ଦ୍ର ସିନାପାଲି ଥାନା ଅଧୀନ ଗୋଡାଳ ପଞ୍ଚାୟତର ଡଙ୍ଗର ଗ୍ରାମର ଅମିତାଭ ଜଗତ ନାମକ ଯୁବକଙ୍କୁ ହୋମଗାର୍ଡ ଚାକିରି କରାଇଦେବା ପାଇଁ କହିଥିଲେ। ଚାକିରି ପାଇବା ଆଶାରେ ଆଶାୟୀ ଯୁବକ କନଷ୍ଟେବଳ କଥାରେ ପଡି ଗତ ଜାନୁୟାରୀ ୨୧ ତାରିଖ ଦିନ ଚେକ୍ ମାଧ୍ୟମରେ ୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ହୋମ ଗାର୍ଡ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ତାଙ୍କର ନାମ ନ ଥିବା ଜାଣି ଟଙ୍କା ଫେରସ୍ତ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ; ହେଲେ ସେ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ଶେଷରେ କୌଣସି ଉପାୟ ନ ପାଇ ଯୁବକ ଜଣକ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁକରି ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ ଓ ସିନାପାଲି ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଲଖନା ଥାନାରୁ ଅଭିଯୁକ୍ତ କନଷ୍ଟେବଳଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏନେଇ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି ସିନାପାଲି ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ଆସିକା ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣା

# ବିଧାୟକଙ୍କ ପୁଅଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର,୧୩।୯ (ସମିସ): ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ଦୌରାତ୍ମ୍ୟ ତାଙ୍କ ନିର୍ବାଚନମଣ୍ଡଳୀରେ ବଢି ବଢ଼ି ଚାଲିଛି। ସମାନ ସମୟରେ ତାଙ୍କର ଦୁଇ ପୁଅ ଆସିକା ପଞ୍ଚାୟତ ସମିତି ବୈଠକରେ ବଳପୂର୍ବକ ଅନୁପ୍ରବେଶ କରି ଦଳିତ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ସହ ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ବିଜେଡି ଅଭିଯୋଗ କରିବା ସହ ଏହାର ଦୃଢ଼ ନିନ୍ଦା କରିଛି। ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ହରିଡ଼ାପଦର ଗ୍ରାମପଞ୍ଚାୟତ ସରପଞ୍ଚ ଜୟନ୍ତୀ ବେହେରାଙ୍କ ସହ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ମହିଳା ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ତଥା କର୍ପୋରେଟର ମାନସୀ ସୁନ୍ଦରାୟ ବିଧାୟକ ସରୋଜ ପାଢୀଙ୍କ ଆଚରଣକୁ ଦୃଢ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି।



■ ଦଳିତ ମହିଳା ସରପଞ୍ଚଙ୍କୁ ବିଜେପି ବିଧାୟକଙ୍କ ଆଚରଣ ନିନ୍ଦନୀୟ
■ କ୍ଷମତା ଅହଙ୍କାରରେ ଅନ୍ଧ ହୋଇଯାଇଛନ୍ତି ଆସିକା ବିଧାୟକ ସରୋଜ
■ କେଉଁ ଅଧିକାରରେ ସମିତି ବୈଠକରେ ଗୁଣ୍ଡାଗର୍ଦ୍ଦି କଲେ ବିଧାୟକଙ୍କ ପୁଅ

ସାଂସଦ ସୁଲତା ଦେଓ କହିଛନ୍ତି ଯେ ନାରୀ ଶକ୍ତି ବନ୍ଦନ ଓ ମହିଳା ସଶକ୍ତୀକରଣ ବିଷୟରେ ଜ୍ଞାନ ବାଣ୍ଟୁଥିବା ବିଜେପି ନିଜ ଦଳର ବିଧାୟକ ମହିଳା ପ୍ରତିନିଧିଙ୍କୁ ଆକ୍ରମଣ କରିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାହସ ଜୁଟାଇ ପାରୁ ନାହାନ୍ତି ଗଞ୍ଜାମ ପୁଲିସ। ସର୍ବସମ୍ମୁଖରେ ପଞ୍ଚାୟତ ସମିତି ବୈଠକରେ ବିଧାୟକଙ୍କ ଦୁଇ ପୁଅ ଯେଉଁଭଳି ଭାବେ ଅଶାଳୀନ ବ୍ୟବହାର ଓ ଧମକପୂର୍ଣ୍ଣ ଆଚରଣ ପ୍ରଦର୍ଶନ କଲେ ତାହା ସଭ୍ୟସମାଜରେ ଗ୍ରହଣୀୟ ନୁହେଁ। ପଞ୍ଚାୟତ ତଥା ଲୋକଙ୍କ ସମସ୍ୟା ଉତ୍ଥାପନ କଲା ବେଳେ ମହିଳା ଜନପ୍ରତିନିଧିଙ୍କୁ ଏହିଭଳି ଆକ୍ରୋଶ ବିରୁଦ୍ଧରେ ବିଜୁ ଜନତା ଦଳ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ। ହରିଡାପଦର ସରପଞ୍ଚ ଜୟନ୍ତୀ ବେହେରା କହିଥିଲେ ଯେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ୧୬ ମାସ ଧରି ପଞ୍ଚାୟତ ସମିତି ବୈଠକ ନ ଡାକିବାରୁ ୧୦ ଦିନ ଧରି ଧାରଣା ଦେବା ପରେ ସମିତି ବୈଠକ ଡକାଗଲା। ମୋ ପଞ୍ଚାୟତର ବିଭିନ୍ନ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କଲା ବେଳେ ଆସିକା ବିଧାୟକ ସରୋଜ ପାଢ଼ୀ ଉତ୍‌କ୍ଷିପ୍ତ ହୋଇ ମୋତେ ବସିବା ପାଇଁ କହିଥିଲେ ଓ ତାଙ୍କର ଦୁଇ ପୁଅ କିଛି ଗୁଣ୍ଡାକୁ ଧରି ମୋତେ ଅଶାଳୀନ ଓ ଜାତିଆଣ ମନ୍ତବ୍ୟ ଦେଇଥିଲେ। ମୁଁ ଏହାର ପ୍ରତିବାଦ କରିବାରୁ ବିଧାୟକ ତାଙ୍କ ପୁଅଙ୍କୁ ସମର୍ଥନ କରି ମୋତେ ଗାଳିଗୁଲଜ କରିଥିଲେ। ଥାନାରେ ଏ ବାବଦରେ ଏତଲା ଦାୟର କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆମେ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛୁ। ଏହା ପରେ ବିଧାୟକଙ୍କ ପୁଅ ଓ ତାଙ୍କ ସମର୍ଥକମାନେ ସୋସିଆଲ ମିଡିଆରେ ମୋର ଫଟୋ ବ୍ୟବହାର କରି କଦର୍ଥ ତଥା ଅଶ୍ଳୀଳ ଭାବେ ପୋଷ୍ଟ କରିଛନ୍ତି। ଏ ସଂପର୍କରେ ସାଇବର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ବିଜେପି ବିଧାୟକଙ୍କର ଏଭଳି ଅଭଦ୍ର ଓ ଆକ୍ରୋଶମୂଳକ ବ୍ୟବହାର ସମୟରେ ବିଜୁ ଜନତା ଦଳ ମୋତେ ସଂପୂର୍ଣ୍ଣ ସହଯୋଗ କରିଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ କହିଥିଲେ। ଦଳର ସାଧାରଣ ସମ୍ପାଦିକା ସୁନ୍ଦରାୟଙ୍କ କହିଛନ୍ତି ଯେ ଭୁବନେଶ୍ୱରରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଓ ଆସିକାରେ ଶାସକ ଦଳର ନେତା ଓ କର୍ମୀମାନେ ମହିଳା ଜନପ୍ରତିନିଧିଙ୍କ ପ୍ରତି ଏଭଳି ଅଭଦ୍ରୋଚିତ ବ୍ୟବହାର ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଆସିକା ବିଧାୟକ ଓ ତାଙ୍କ ପୁଅଙ୍କ ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଜୁ ମହିଳା ଜନତା ଦଳ ଆଗାମୀ ଦିନରେ ସାରା ରାଜ୍ୟରେ ଏହାର ଦୃଢ଼ ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇବ।

## ରଣେନ୍ଦ୍ର ପ୍ରତାପ ସ୍ୱାଇଁ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସଭାପତି ନିର୍ବାଚିତ

ଭୁବନେଶ୍ୱର,୧୩।୯ (ସମିସ): ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖାର ୧୫ତମ ରାଜ୍ୟ ସମ୍ମିଳନୀ ରେଲୱେ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି



ଭାବେ ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଶଙ୍କର ପ୍ରସାଦ ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି।

ଏହି ସଭାରେ ଅନ୍ୟତମ ଅତିଥି ଭାବରେ ଜାତୀୟ ଏଚ୍‌ଏମ୍‌ଏସ୍ ସମ୍ପାଦକ ମୁକେଶ ବଗଲ, ଜାତୀୟ ଏଚ୍‌ଏମ୍‌ଏସ୍ ମହିଳା ଶାଖା ସଭାପତି ଚମ୍ପା ବର୍ମା, ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ଚନ୍ଦ୍ର ସ୍ୱାଇଁ, ଶ୍ରମିକ ନେତା ଏଆଇସିଟିୟୁସିର କିଶୋର ଜେନା, ବରିଷ୍ଠ ସାମ୍ବାଦିକ ତଥା ସଂଳାପକ ସତୀଶ ମିଶ୍ର, ଯୁଧିଷ୍ଠିର ମହାରଣା, ରେଲୱେ ଶ୍ରମିକ ନେତା ପି. କେ. ପାଟଶାଣୀ ଏବଂ ୩୦ଟି ଜିଲ୍ଲାର ବହୁ ଶ୍ରମିକ ପ୍ରତିନିଧି ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬.୬ କୋଟି ବର୍ଷ...

ଅବଶେଷ ଉଠିଯାଇ ସୂର୍ଯ୍ୟାଲୋକ କମାଇ ଦେଇଥିଲା। ଫଳରେ ତାପମାତ୍ରା ହ୍ରାସ ପାଇ ‘ଇମ୍ପାକ୍ଟ ୱିଣ୍ଟର୍’ କୁହାଯାଉଥିବା ଅତ୍ୟଧିକ ଥଣ୍ଡା ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ଏହାର ପ୍ରଭାବରେ ପୃଥିବୀର ପ୍ରାୟ ୭୫ ପ୍ରତିଶତ ଜୀବଜଗତ ବିଲୁପ୍ତ ହୋଇ ଯାଇଥିଲେ। ତେବେ ନିଓର୍ନିଥିସ୍ ନାମକ ପକ୍ଷୀ ପ୍ରଜାତି ଏହି ବିଲୁପ୍ତିରୁ ବଞ୍ଚିଯାଇଥିଲା ଓ ଆଜି ବିଶ୍ୱରେ ଦେଖାଯାଉଥିବା ପକ୍ଷୀଗୁଡ଼ିକ ନିଓନିଥିସ୍‌ର ଅନୁବଂଶଜ। ଧୂମକେତୁ ଆଘାତ ପରେ ଥଣ୍ଡା ପରିବେଶରୁ ପକ୍ଷୀଗୁଡ଼ିକ ନିଜର ଘନ ଓ ଜଳରୋଧୀ ପର ଯୋଗୁଁ ବଞ୍ଚିଯିବାକୁ ସମର୍ଥ ହୋଇଥାଇପାରନ୍ତି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

### ପ୍ରଯୁକ୍ତି ଓ ବିରଳ...

ଯେ ‘ଜୋର ଯାହାର ମୁଲକ ତାର’ ଯୁକ୍ତି ଆଉ ଗ୍ରହଣଯୋଗ୍ୟ ନୁହେଁ। ଏହାର ଦୃଢ଼ ମୁକାବିଲା ଲାଗି ବ୍ରିକ୍ସ ସଭ୍ୟ ରାଷ୍ଟ୍ରଙ୍କୁ ଏକଜୁଟ୍ ହେବାକୁ ପଡ଼ିବ। ବ୍ରିକ୍ସ ରାଷ୍ଟ୍ରମାନଙ୍କ ମଧ୍ୟରେ ବାଣିଜ୍ୟ, ଉତ୍ପାଦନ, ବିନିଯୋଗ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ସେ ୫ ସୂତ୍ରୀ ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ବ୍ରିକ୍ସ ରାଷ୍ଟ୍ର ଏକଜୁଟ୍ ହୋଇପାରିଲେ ବିଶ୍ୱରେ ନୂଆ ଯୁଗର ଆରମ୍ଭ ହୋଇପାରିବ। ଯୋଗାଣ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ସହିତ ନୂଆ ବଜାର କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ।

### ୨୦୨୯ ପୂର୍ବରୁ...

ବିରୋଧ କରୁଛନ୍ତି । ୨୦୨୩ରେ ୟୁସିସି ବିରୋଧରେ କେନ୍ଦୁଝରରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଅସ୍ତ୍ରଶସ୍ତ୍ର ଧରି ଏକ ବିଶାଳ ଶୋଭାଯାତ୍ରା କରିଥିଲେ । ସେମାନଙ୍କର ଧର୍ମ ଓ ସମ୍ପ୍ରଦାୟରେ ପ୍ରଚଳିତ ପ୍ରଥାକୁ ବିଲୋପ କରିବାକୁ ସହ୍ୟ କରାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ । ସେତେବେଳେ ଅନେକ ବିଜେପି ନେତା ମଧ୍ୟ ଏହି ସମାବେଶରେ ଯୋଗ ଦେଇଥିଲେ। ସେମାନେ ୟୁସିସିକୁ ସମର୍ଥନ କରିବାର ଆଭିମୁଖ୍ୟ ପ୍ରକାଶ କରିଥିଲେ ହେଁ ଆଦିବାସୀ ସମୁଦାୟର ସ୍ୱତନ୍ତ୍ର ପରମ୍ପରା ଓ ଅଧିକାରକୁ ପ୍ରଭାବିତ ନ କରିବା ଆବଶ୍ୟକ ବୋଲି କହିଥିଲେ।

### ମହଙ୍ଗା ହେବ...

ଆମେରିକା ଫେଡେରାଲ୍ ରିଜର୍ଭର ନିଷ୍ପତ୍ତି ଅପେକ୍ଷା ଭାରତରେ ବଢୁଥିବା ଅର୍ଥନୈତିକ ବିପଦ ଏବଂ ମୁଦ୍ରାସ୍ଫୀତି ଚାପ ଦ୍ୱାରା ଅଧିକ ପ୍ରଭାବିତ ହୋଇପାରେ। ତଥାପି, ସୁଧ ହାର ବୃଦ୍ଧି ଓଲଟା ଭାବେ ଜମାକାରୀଙ୍କ ପାଇଁ ଭଲ ଖବର ଆଣିପାରେ। ରେପୋ ହାର ବୃଦ୍ଧି ସହିତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସ୍ଥାୟୀ ଜମା ଉପରେ ସୁଧ ହାର ବୃଦ୍ଧି କରିପାରନ୍ତି। ଏହାର ଅର୍ଥ ହେଉଛି ଯେଉଁମାନଙ୍କର ସ୍ଥାୟୀ ଜମା ଅଛି କିମ୍ବା ଆଗାମୀ ମାସଗୁଡ଼ିକରେ ସ୍ଥାୟୀ ଜମା କରିବାକୁ ଯୋଜନା କରୁଛନ୍ତି ସେମାନେ ପୂର୍ବ ଅପେକ୍ଷା ଭଲ ସୁଧ ହାର ପାଇପାରିବେ। ଗୃହ ଋଣ କ୍ଷେତ୍ରରେ ଯଦି ଜଣେ ୮.୨୫%ର ଫ୍ଲୋଟିଂ ସୁଧ ହାରରେ ୨୦ ବର୍ଷ ପାଇଁ ୫୦ ଲକ୍ଷ ଟଙ୍କାର ଗୃହ ଋଣ ନେଇଛନ୍ତି। ଏହି ସୁଧ ହାରରେ, ଇଏମ୍ଆଇ ପ୍ରାୟ ୪୨,୬୦୩ ଟଙ୍କା ହେବ। ଯଦି ଆର୍‌ବିଆଇ ମୋଟ ୦.୫୦% ସୁଧ ହାର ବୃଦ୍ଧି କରେ ଏବଂ ବ୍ୟାଙ୍କ ଏହାର ସମ୍ପୂର୍ଣ୍ଣ ପ୍ରଭାବ ଗ୍ରାହକମାନଙ୍କ ଉପରେ ଛାଡିଦିଏ , ତେବେ ସୁଧ ହାର ୮.୭୫%କୁ ବୃଦ୍ଧି ପାଇପାରେ। ଏହି କ୍ଷେତ୍ରରେ, ଋଣ ଇଏମ୍ଆଇ ପ୍ରାୟ ୪୪,୧୮୬ ଟଙ୍କା ହେବ। ଏହାର ଅର୍ଥ ହେଉଛି ଆପଣଙ୍କୁ ପ୍ରତି ମାସରେ ପ୍ରାୟ ୧୫୮୩ ଟଙ୍କା ଅଧିକ ଦେବାକୁ ପଡ଼ିପାରେ। ଏଫ୍‌ଡି ବା ସ୍ଥାୟୀ ଜମା ଧାରକମାନେ ମଧ୍ୟ ରେପୋ ହାର ବୃଦ୍ଧିରୁ ଉପକୃତ ହୋଇପାରିବେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ ସେମାନଙ୍କର ଜମା ହାରକୁ ସଜାଡ଼ିଥାନ୍ତି, ତେଣୁ ରେପୋ ହାର ବୃଦ୍ଧି ଏଫ୍‌ଡି ସୁଧ ହାରରେ ବୃଦ୍ଧି ଘଟାଇବ।

### ଜାରି ରହିବ...

ପର୍ଯ୍ୟାୟ ବର୍ଷା ସମ୍ଭାବନା ରହିଛି। ପ୍ରାୟ ୨୦ ସେପ୍ଟେମ୍ବର ବେଳକୁ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପ୍ରାୟ ୨୨ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓଡ଼ିଶାଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଆସିପାରେ। ଏହା ଲଘୁଚାପରେ ପରିଣତ ହେବାର ମଧ୍ୟ ସମ୍ଭାବନା ରହିଛି। ତେବେ ଏହା କେତେ ଶକ୍ତିଶାଳୀ ହେବ, କେଉଁ ଦିଗକୁ ଯିବ ଏବଂ କେଉଁ ଅଞ୍ଚଳରେ ଅଧିକ ବର୍ଷା କରାଇବତାହା ଏବେଠାରୁ ସ୍ପଷ୍ଟ କହିହେବ ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେପ୍ଟେମ୍ବର ମଧ୍ୟଭାଗରେ ଓଡ଼ିଶାରେ ମଝିରେ ମଝିରେ ମୌସୁମୀ ବର୍ଷା ହୋଇପାରେ। ୨୦-୨୩ ସେପ୍ଟେମ୍ବର ମଧ୍ୟରେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଉପରେ ବିଶେଷ ନଜର ରଖିବା ଦରକାର। ଏହା ସୃଷ୍ଟି ହେବା ପରେ ଏହାର ଶକ୍ତି, ଗତିପଥ ଓ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସୋମବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ମଙ୍ଗଳବାର ମଧ୍ୟ ଅନେକ ଜିଲ୍ଲାରେ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ସେପ୍ଟେମ୍ବର ତୃତୀୟ ସପ୍ତାହରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ରହିଛି। ଏହା ହୁଏତ ମୌସୁମୀ ଋତୁରେ ଶେଷ ଲଘୁଚାପ ହୋଇପାରେ। ମାତ୍ର ଏହି ଲଘୁଚାପଟି ଆଣ୍ଡାମାନ ସାଗର ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା ସହ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ହୋଇଯାଇଥିବାରୁ ଏହାର ଘନୀଭୂତ ଶକ୍ତିକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ସାମନାକୁ ଆସିବାରେ ଲାଗିଛି। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଆଣ୍ଡାମାନ ସାଗରରେ ଲଘୁଚାପ ସୃଷ୍ଟି ହୋଇଥାଏ ଓ ଏଥି ମଧ୍ୟରୁ ଅଧିକାଂଶ ବାତ୍ୟାରେ ପରିଣତ ହେଉଥିବାରୁ, ସମ୍ଭାବ୍ୟ ଲଘୁଚାପ ଉପରେ ଏବେ ତୀକ୍ଷ୍ଣ ନଜର ରହିଛି। ଏବେଠାରୁ ଏହାର ଘନୀଭୂତ ଶକ୍ତି ଓ ତୀବ୍ରତା ନେଇ ବିଶେଷ ଆକଳନ କରାଯାଉ ନ ଥିଲେ ମଧ୍ୟ ପାଣିପାଗ ବିଜ୍ଞାନୀମାନେ ଏହା ଉପରେ ନଜର ରଖିଛନ୍ତି।

### ୟୁଏଇରୁ ଫେରିଲେ...

ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ୟୁଏଇରୁ ଫେରି ରବିବାର ଭୁବନେଶ୍ୱର ବିମାନବନ୍ଦରଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ‘ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ’ ପରେ ଦିଲ୍ଲୀ, ମୁମ୍ବାଇ, ହାଇଦରାବାଦ, କୋଲକାତା, ଗୁଜରାଟଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଗସ୍ତ କାଳରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜଭୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ସେ ଆହୁରି କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଏମଓୟୁ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, କୃଷ୍ଣ ଚନ୍ଦ୍ର ପାତ୍ର, ଗଣେଶ ରାମ ସିଂ ଖୁଣ୍ଟିଆ, ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ବିଧାୟକ ବାବୁ ସିଂ, ଛବି ମଲ୍ଲିକ, ଇରାସିସ ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସେଠୀ, ଆଶ୍ରିତ ପଟ୍ଟନାୟକ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ।

### ଭୁଲ୍ ଘୋଡ଼ାଇବାକୁ...

କଲେଜ ସ୍ୱୀକୃତି ପାଇବା ପରେ ତାଙ୍କ ଡେପୁଟେସନ୍‌କୁ ବାତିଲ କରିବା ସହ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜରେ ଅଧ୍ୟକ୍ଷା ଭାବେ ନିଯୁକ୍ତ ଦିଆଯାଇଥିଲା। ରାଜନୀତି ବିଜ୍ଞାନରେ ନିଯୁକ୍ତି ପାଇବାକୁ ଯୋଗ୍ୟତା ନ ଥିବା ଜଣେ ଅଧ୍ୟାପିକାଙ୍କୁ କିପରି ଅଧ୍ୟକ୍ଷା କରାଗଲା ବୋଲି ଶିବାନୀ ଶଙ୍କର ପ୍ରହରାଜ ନାମକ ଜଣେ ବ୍ୟକ୍ତି ଏନ୍‌ସିଟିଇ ନିକଟରେ ଅଭିଯୋଗ କରିଥିଲେ। ଏନ୍‌ସିଟିଇର ୩୯୮ ତମ ବୈଠକରେ ଏହି ପ୍ରସଙ୍ଗ ଉଠିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବା ପରେ ତାଙ୍କୁ ଅଧ୍ୟକ୍ଷା ପଦରୁ ହଟେଇ ଦିଆଯାଇଛି। ବିଜେବିରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଦର୍ଶାଯାଇଥିବାବେଳେ ବ୍ରହ୍ମପୁରରେ ତାଙ୍କୁ କିପରି ଏଜୁକେସନ୍ ବିଷୟରେ ଅଧ୍ୟାପିକା ଦର୍ଶାଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଉଚ୍ଚଶିକ୍ଷା ବିଭାଗର ଭୂମିକାକୁ ନେଇ ସନ୍ଦେହ ବଢ଼ିଛି। ଅନୁରୂପ ଭାବେ ଅନୁଗୋଳ ବିଇଡି କଲେଜରେ କାର୍ଯ୍ୟରତ ମନୋଜ ଲେଙ୍କା ଭୂଗୋଳ ବିଷୟରେ ନିଯୁକ୍ତି ପାଇଥବାବେଳେ ତାଙ୍କୁ ମଧ୍ୟ ଏଜୁକେସନ୍ ଅଧ୍ୟାପକ ଦର୍ଶାଯାଇଛି।

ଶିକ୍ଷାବିତଙ୍କ କହିବା ଅନୁଯାୟୀ ଏହି ୩ ଜଣ ପ୍ରାର୍ଥୀ ଏଜୁକେସନ୍ ବିଷୟରେ ଏମ୍‌ଏ କରିଛନ୍ତି। ଏଜୁକେସନ୍ ବିଷୟରେ ସେମାନେ ପାଠ ପଢ଼ାଇବା ପାଇଁ ଯୋଗ୍ୟତା ମଧ୍ୟ ରଖିଛନ୍ତି। କିନ୍ତୁ ସେମାନେ ରାଜନୀତି ବିଜ୍ଞାନ ପେଡାଗୋଜୀ ଓ ଭୂଗୋଳ ବିଷୟରେ ନିଯୁକ୍ତି ପାଇଛନ୍ତି। ଓପିଏସ୍‌ସି ପରି ସାମ୍ବିଧନିକ ସଂସ୍ଥାର ନିଷ୍ପତ୍ତିକୁ ଅବମାନନା କରି ତାଙ୍କ ନିଯୁକ୍ତି ବିଷୟକୁ ପରିବର୍ତ୍ତନ କରିବା ଆଇନ୍ ବିରୁଦ୍ଧ। ଏହାକୁ କୌଣସି କୋର୍ଟରେ ଚ୍ୟାଲେଞ୍ଜ କଲେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରିକି ଏହି ପ୍ରସଙ୍ଗରେ ଏନ୍‌ସିଟିଇ ମଧ୍ୟ ନଜର ରଖିଥିବାରୁ ଆଗକୁ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବଢ଼ିଛି।


**VEHICLE FOR SALE**

MARUTI WAGON R vxi, Model - 2025, Registration No-OD-33-AU-9945, in as is where is condition Contact: M/S Sundaram Finance Limited, BHUBANESWAR BRANCH, Ph:9437575689 within 7 days

**AFFIDAVIT**

By virtue of an affidavit sworn before Executive Magistrate Puri dated 28.08.2026 I Babaji Jagajiban Das, Address At Karamala, P.O. Shantidham, P.S.Gadishagoda, Dist. Puri ,Pin-752017 declare that I have changed my name from Jagatrana Biswal to Babaji Jagajiban Das Henceforth I shall be known as "Babaji Jagajiban Das for all purpose.
(Babaji Jagajiban Das)

**AFFIDAVIT**

By virtue of affidavit sworn before Executive Magistrate Puri,dated 11.09.2026 I Sudhakar Behera of Balapur Behera Sahi Po. Balapur, P.S.Satyabadi Dist-puri PIN-752046 declare that I have changed the name of my son's name from Soham Behera to Swayam Prakash Behera.Henceforth he shall be known as **Swayam Prakash Behera** for all purposes.
(Sudhakar Behera)

**RAURKELA MUNICIPAL CORPORATION**
Uditnagar, Raurkela, Pin-769012
13001/1849/2627 Mail Id: rourkelamunicipality@gmail.com Telephone: (0661) 2500388

Letter No: 4306 Date: 10 / 09 / 2026

**Notice**

It is hereby notified for information all concerned that the tender invited against the four nos. of Sairat Sources under RMC i.e. Traffic Gate Vegetable market, Chhend Weekly Market, Panposh Vegetable Market and Old Taxi Stand Parking is hereby cancelled due to administrative exigencies.

Next tender will be notified for further course of action.

Commissioner
Raurkela Municipal Corporation

OIPR-13001/13131/1/26-27/0053

## ବ୍ୟାଡ୍‌ମିଣ୍ଟନ ଖେଳାଳି ଅନ୍ୱେଷା ରାଜ୍ୟସ୍ତରକୁ ଚୟନ



**ତରଭା,୧୩।୯(ସମିସ):** ସୋନପୁରରେ ଥିବା ଆଭ୍ୟନ୍ତରୀଣ ବ୍ୟାଡମିଣ୍ଟନ ଷ୍ଟାଡିୟମରେ ଚାଲିଥିବା ୧୩ତମ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳିକା ବିଭାଗ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗନେଇ ତରଭାର ଅନ୍ୱେଷା ସାହୁ ଚାମ୍ପିଅନ ହୋଇଛନ୍ତି। ତରଭାର ପ୍ରତିଷ୍ଠିତ ବ୍ୟବସାୟୀ ସତୀଶ ସାହୁ ଓ ରୁନୁ ସାହୁଙ୍କ ଝିଅ ଅନ୍ୱେଷା ତରଭା ବ୍ଲକ ଜାମକାନି ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢୁଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ଚାମ୍ପିଅନ ହୋଇ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସୂଚନାଯୋଗ୍ୟ, ଅନ୍ୱେଷା ହେଉଛନ୍ତି ତରଭାର ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସକାଳ'ର ତରଭା ପ୍ରତିନିଧି ଅଶୋକ ସାହୁଙ୍କ ନାତୁଣୀ।

## ପାଟ୍ରୋଲିଂ ବେଳେ ସାର ଭର୍ତ୍ତି ଟ୍ରକ୍ ଜବତ

**ମନମୁଣ୍ଡା,୧୩।୯(ସମିସ):** ମନମୁଣ୍ଡା ପୁଲିସ ଗବଯୋର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଶନିବାର ସନ୍ଧ୍ୟାରେ ଏକ ସାର ଭର୍ତ୍ତି ଟ୍ରକ୍ (ଓଡ଼ି-୧୭ କେ-୫୫୫୧) ଜବତ କରିଛି। ଏହା ସୋନପୁର ଦିଗରୁ ପଲଶାଗୋରା ଆଡକୁ ଆସୁଥିଲା। ପୁଲିସ ସନ୍ଦେହ କରି ଅଟକାଇବା ପରେ ତଲାସି ନେଇଥିଲା। ସେଥିରେ ଇଫକୋ /ୟୁରିଆ ସାର ବସ୍ତା ଥିବାର ଦେଖିବାକୁ ପାଇଥିଲା। ଗାଡ଼ି ଚାଳକ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଚେରୁପାଲିର ପରମେ ସେନାପତି (୪୩)କୁ ପୁଲିସ ଅଟକ ରଖିଛି ବୋଲି ଆଇଆଇସି ଚିରଞ୍ଜିବି ବେହେରା କହିଛନ୍ତି।

## ୨୦୦ ଲିଟର ଦେଶୀ ମହୁଲ ପୋଚ ନଷ୍ଟ କରାଗଲା

**ବୌଦ୍ଧ,୧୩।୯(ସମିସ):** ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ଅବକାରୀ ବିଭାଗ ଓ ବାଉଁଶୁଣୀ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଛି। ବୌଦ୍ଧ ବ୍ଲକ ରେଙ୍ଗାଲିରେ ଏହି ଚଢ଼ଉ ହୋଇଥିଲା। ଚଢ଼ଉ ସମୟରେ ପ୍ରାୟ ୨୦୦ ଲିଟର ଦେଶୀ ମହୁଲି ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବାପୋଚଜବତକରାଯାଇଥିଲା।ଜବତପୋଚକୁଘଟଣାସ୍ଥଳରେନଷ୍ଟକରାଯାଇଥିଲା।

## ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବୌଦ୍ଧ, ୧୩।୯(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଅଦାଲତ ପରିସରରେ ଏକ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ ପାତ୍ରଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ପ୍ରକାରର ମାମଲାର ସରଳ ଓ ତ୍ୱରିତ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ସର୍ବମୋଟ ୨୫୨୯ଟି ବିଚାରାଧୀନ ମାମଲା ପେଶ୍ ହୋଇଥିଲା। ଏଥିମଧ୍ୟରେ ମୋଟର ଦୁର୍ଘଟଣାଜନିତ ମାମଲା, ପାରିବାରିକ ମାମଲା, ରାଜସ୍ୱ ମାମଲା, ଦେୱାନୀ ମାମଲା, ଦେୱାନୀ ବିବାଦ ଆଦି ଅନ୍ତର୍ଭୁକ୍ତ ଥିଲା। ଏଥିସହିତ ୧୧୪ଟି ପ୍ରାକ୍-ମାମଲା ମଧ୍ୟ ସମାଧାନ କରାଯାଇଥିଲା। ବିଭିନ୍ନ ମାମଲାରେ ସମୁଦାୟ ୯୮,୧୬,୬୭୨ ଟଙ୍କା ଆଦାୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅଖିଳ କୁମାର ପଶ୍ଚିମ କବାଟ, ମୁଖ୍ୟ ବିଚର ବିଭାଗୀୟ ଦଣ୍ଡାଧିକାରୀ ନିରଞ୍ଜନ ପାତ୍ର, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ବରିଷ୍ଠ ଦେୱାନୀ ବିଚାରପତି ଅନୁଶିଳା ରାୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ଉପଖଣ୍ଡୀୟ ବିଚାରବିଭାଗୀୟ ଅଧିକାରୀ ନିରଞ୍ଜନ ଦାଶ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ବିଭିନ୍ନ ମାମଲାର ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ବୌଦ୍ଧ,୧୩।୯(ସମିସ):** ବୌଦ୍ଧ ସହର ନିକଟସ୍ଥ ଟୁଟୁସିଙ୍ଗା ହାଇସ୍କୁଲ ପରିସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାମୋହନ ମାହାଣାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମଣିପୁର ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସବ୍ୟସାଚୀ ମଇସାଲ ଓ ତେତେଲେଙ୍ଗା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବାଲଗୋପାଳ ନାଗ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ମହେଶ୍ୱର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବାମଣ୍ଡା ହାଇସ୍କୁଲର ଛାତ୍ରୀ ନିବେଦିତା ସାହୁ ପ୍ରଥମ, ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ରୋଜାଲିନ ମିଶ୍ର ଦ୍ୱିତୀୟ ଓ ମୁଣ୍ଡିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶ୍ରୀକାନ୍ତ ଚାଉଳିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୫ରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର (ଭୁବନେଶ୍ୱର)ରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ଛାତ୍ରୀ ନିବେଦିତା ସାହୁ ଅଂଶଗ୍ରହଣ କରିବେ। ସହ ବିଜ୍ଞାନ ନିରୀକ୍ଷକ ପ୍ରବୀଣ କୁମାର ପ୍ରଧାନ ସହଯୋଗ କରିଥିଲେ।

## ଭିବିଜି ରାମଜୀ ଯୋଜନା କର୍ମଶାଳା

**ବୌଦ୍ଧ,୧୩।୯(ସମିସ):** ବୌଦ୍ଧ ପଞ୍ଚାୟତ ଭବନଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଭିବିଜି ରାମଜୀ ଯୋଜନା ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଡିଏଫଓ ରାଜେନ୍ଦ୍ର ପ୍ରସାଦ ଗୋଚ୍ଛାୟତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୧୩।୯(ସମିସ):** ବୌଦ୍ଧସ୍ଥିତ ମାଉସୀ ମା ମନ୍ଦିର ପରିସରରେ ଶନିବାର ବୌଦ୍ଧ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଶାନ୍ତନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ସହପ୍ରଭାରୀ ଜେଟ୍ଟି କୁସୁମ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧର ପୂର୍ବତନ ବିଧାୟକ ତଥା ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ସୁଜିତ୍ ପାଢ଼ୀ, ପିସିସି ସମ୍ପାଦକ ରାମ ବାବୁ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ୍ କଲିମ୍ ଖାଁ ଏବଂ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ରାଜ୍ୟ ସମ୍ପାଦକ ଉଦୟନାଥ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ- ୨୦୨୬

# ୫୨୨୭ ମାମଲାର ଆପୋଷ ସମାଧାନ

**ସିନାପାଲି,୧୩।୯ (ସମିସ)**




ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏବଂ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ଅଧ୍ୟକ୍ଷତାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ବରିଷ୍ଠ ଦେୱାନୀ ଜଜ୍ ଦୁର୍ବାସା ଦୁର୍ଗା, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍, ଖଡ଼ିଆଳ ଇଶାପତି, ନିବନ୍ଧକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ସ୍ୱାତକୀ ଦାଶ, ଜେଏମ୍‌ଏଫ୍‌ସି, କୋମନା ସମୃଦ୍ଧି ସାଗରିକା ବାରିକ, ଜେଏମ୍‌ଏଫ୍‌ସି, ସିନାପାଲି ପ୍ରଜ୍ଞା ପାରମିତା ମହାନ୍ତି, ଜେଏମ୍‌ଏଫ୍‌ସି, ଖଡ଼ିଆଳ ସମିକ୍ଷା ସା, ଜେଏମଏଫ୍‌ସି, ବୋଡେନ, ରାଜେଶ କୁମାର ଦାସ, ଜେଏମ୍‌ଏସ୍‌ସି, ନୂଆପଡ଼ା କାହ୍ନୁ କିସ୍କୁ ଏବଂ ବିଭିନ୍ନ ରାଜସ୍ୱ ଅଧିକାରୀ ଓ ଖାଉଟି ଅଦାଲତ ଅଂଶଗ୍ରହଣ କରି ୫,୦୭୮ ଗୋଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଖାଉଟି ମାମଲା ଓ ରାଜସ୍ୱ ମାମଲାଗୁଡ଼ିକର ବିଚାର କରାଯାଇ ଥିଲା। ୩,୨୫,୩୭,୦୦୦/- ଟଙ୍କା ଆପୋଷ ସମାଧାନ କରାଯାଇଅଛି। ସେହିପରି ବିଭିନ୍ନ ବ୍ୟାଙ୍କ, ପରିବହନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୧୪୯ ଗୋଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ୍ ଶୁଳ୍କ ଦେୟ ମାମଲାଗୁଡ଼ିକର ଆପୋଷ ବୁଝାମଣାରେ ସମାଧାନ ହୋଇ ୨୧,୩୦,୨୬୬/- ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲାଆଇନସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଲୋକ ଅଦାଲତର ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅଧିକରୁ ଅଧିକ ମାମଲାର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚାର ଜିଲ୍ଲା ସାରା କରାଯାଇଥିଲା। ଏହି କ୍ରମରେ ବିଦ୍ୟୁତ୍ ବିଭାଗର ଗାଡ଼ି ସହାୟତାରେ ଲୋକ ଅଦାଲତ ଆୟୋଜନ ବିଷୟରେ ବିପୁଳ ପ୍ରଚାର କରାଯିବା ସହିତ ଅଧିକାର ମିତ୍ରଙ୍କ ମାଧ୍ୟମରେ ବିଭିନ୍ନ ସାପ୍ତାହିକ ବଜାର ତଥା ଅନ୍ୟାନ୍ୟ ସ୍ଥାନ ଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ସମ୍ବନ୍ଧୀୟ ଲିଫ୍ଲେଟ ବଣ୍ଟନ କରାଯାଇଥିଲା।

## ବିକାଶ ଉଇସ୍‌ଡମ୍ ପାର୍କରେ ନୂଆଁଖାଇ ଆସର



**ଭବାନୀପାଟନା,୧୩।୯(ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁ ଖାଇର ଅବ୍ୟବହିତ ପୂର୍ବରୁ ବିକାଶ ଆବାସିକ ବିଦ୍ୟାଳୟରେ ନୂଆଁଖାଇ ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦନ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ କୁମାର ବେହେରା, ଦେବେନ୍ଦ୍ର ବିଶି , ଶିକ୍ଷାବିତ ମୁକୁନ୍ଦ ରେଡ୍ଡୀ, ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ, ଡି.ରାମ କୁମାର, ମୁଖ୍ୟଶିକ୍ଷା ଅଧିକାରୀ ଡି.ବିଜୟା, ଡି.ପଦ୍ମିନୀ ଙ୍କ ସମେତ ସମସ୍ତ ଅଧ୍ୟକ୍ଷ , ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ନୂଆଁଖାଇ ହାଟରେ ନୂଆଁଖାଇ ନିମନ୍ତେ ଆବଶ୍ୟକ ପ୍ରାୟ ସମସ୍ତ ଦ୍ରବ୍ୟ, ସମ୍ବଲପୁରୀ ଲୁଗାପଟା ଓ ବିଭିନ୍ନ ପ୍ରକାରର ସୁଆଦିଆ ପିଠାପଣା, ବିଭିନ୍ନ ରକମର ପାନ ଆଦି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିକ୍ରି ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଆମର ଲୋକ ସଂସ୍କୃତି ଓ ପରମ୍ପରା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହିତ ଆଗାମୀ ଦିନରେ ଏହାର ପ୍ରଚାର ପ୍ରସାର ଓ ନିଜ ପରମ୍ପରାକୁ ଭଲ ପାଇବାର ଏକ ନିଆରା ପ୍ରଚେଷ୍ଟା ବୋଲି ମୁଖ୍ୟ ଅତିଥି ତାଙ୍କ ମତ ପ୍ରକାଶ କରିଥିଲେ।

## ● ମହିଳାଙ୍କ ଅନନ୍ୟ ପ୍ରୟାସ
## ଶ୍ରମଦାନ କରି ମରାମତି କଲେ ରାସ୍ତା



**କୋମନା,୧୩।୯(ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଜୁନାଗଡ଼ (ଲଙ୍କେଶ୍ୱରୀ) ପଡ଼ାର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ପଡ଼ାର ମହିଳାମାନେ ଏକାଠି ହୋଇ ସ୍ୱେଚ୍ଛାକୃତ ଭାବେ ରାସ୍ତା ମରାମତି କରିଛନ୍ତି। ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ପ୍ରତିଭା ପ୍ରଧାନଙ୍କ ନେତୃତ୍ୱରେ ଏହି ସମାଜସେବା କାର୍ଯ୍ୟ କରାଯାଇଛି। ଦୀର୍ଘଦିନ ହେବ ଏହି ରାସ୍ତା କଡ଼ରେ କାଦୁଅ ପଚପଚ ହେବା ସହ ଡ୍ରେନରେ ମଧ୍ୟ କାଦୁଅ ଭର୍ତ୍ତି ହୋଇ ରହିଥିଲା। ଫଳରେ ରାସ୍ତା ଉପରେ ପାଣି ବୋହି ଯାତ୍ରୀମାନଙ୍କ ପାଇଁ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଡ଼ାର ମହିଳାମାନେ ନିଜେ ହାତକୁ କାମ ନେବାକୁ ସ୍ଥିର କରିଥିଲେ। ଶୁକ୍ରବାର ୨୫ ଜଣ ମହିଳା ଓ ସ୍ଥାନୀୟ ଯୁବକମାନେ ମିଶି ଏହି ରାସ୍ତାକୁ ଶ୍ରମଦାନ ଜରିଆରେ ମରାମତି କରିଛନ୍ତି। ବିଶେଷକରି ଏହି ରାସ୍ତା ଉପରେ ଏକ ବାଳିକା ହାଇସ୍କୁଲ ଏବଂ ଏକ ଅଙ୍ଗନବାଡ଼ି କେନ୍ଦ୍ର ଅବସ୍ଥିତ ଥିବାରୁ ପ୍ରତିଦିନ କୁନି କୁନି ଛାତ୍ରଛାତ୍ରୀମାନେ ଅତି କଷ୍ଟରେ ଏହି କାଦୁଅ ପାଣି ଭିତରେ ଯିବାଆସିବା କରୁଥିଲେ। ମହିଳାମାନଙ୍କ ଏହି ପ୍ରଶଂସନୀୟ ପଦକ୍ଷେପ ଯୋଗୁଁ ସ୍କୁଲ ଓ ଅଙ୍ଗନବାଡ଼ିକୁ ଯାଉଥିବା ପିଲାମାନଙ୍କ ଯାତାୟାତ ସୁଗମ ହୋଇପାରିଛି। ଏହି କାର୍ଯ୍ୟରେ ପଲ୍ଲଭ ପ୍ରଧାନ, ଅନିତା ପ୍ରଧାନ, ଗୀତା ପାତ୍ର, ଲକ୍ଷ୍ମୀ ରାଉତ, ପଦ୍ମିନୀ ପ୍ରଧାନ, ଉକିଆ କଣ୍ଟା, ଗୁର ନିଆଲ, ମୁକ୍ତା ମଲ୍ଲିକ, ମୁଖୀପୋଡ଼ ବୈଦେହୀ ପୋଡ଼, ତୁଳସା ପୋଡ଼, ପିଣ୍ଟୁ ନାଏକ, ସୋମ ପ୍ରଧାନ, କଇନ୍ଦୁ ପୋଡ଼, ସୀତାରାମ ରଣା ଏବଂ ପଡ଼ାର ବହୁ ଯୁବକ ଓ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ।

## ଦଶମ ଶ୍ରେଣୀ ହାଇଆଚିଭର ପରୀକ୍ଷା




**ଭବାନୀପାଟଣା,୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ୧୩ଟି ବ୍ଲକ୍ ର ୧୬ଟି ପରୀକ୍ଷାକେନ୍ଦ୍ରରେ ଦଶମଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ହାଇଏଚିଭର୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୩୩୦ ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଶିଶୁ ମନ୍ଦିରରୁ ମୋଟ୍ ୧୬୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଯେ, କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଦଶମଶ୍ରେଣୀ ବାର୍ଷିକ ବୋର୍ଡ ପରୀକ୍ଷାରେ ସର୍ବୋତ୍ତମ ଫଳାଫଳ ଓ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ହାସଲ ପାଇଁ ସ୍ୱତନ୍ତ୍ର ଅଭିନବ କାର୍ଯ୍ୟକ୍ରମ ପ୍ରକାଶ ହାତକୁ ନିଆଯାଇଛି। ଚଳିତବର୍ଷ ପ୍ରକାଶ ୩.୦ରେ ଜିଲ୍ଲାର ଦଶମଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ମାର୍ଗଦର୍ଶନ କରାଯିବ। ଜିଲ୍ଲାରେ ଚଳିତ ବର୍ଷପାଇଁ ୨୦୦ଜଣ ଛାତ୍ରଛାତ୍ରୀ ଏ-୧, ୧୬୦୦ ଛାତ୍ରଛାତ୍ରୀ ଏ-୨, ସମସ୍ତ ଉଚ୍ଚ ବିଦ୍ୟାଳୟରେ ୧୦୦% ପାସ୍‌ହାର ସଫଳତା ଓ ଶତ ପ୍ରତିଶତ ଉପସ୍ଥାନ ହାରପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ସେବା ସଂକଳ୍ପ ଅଭିଯାନ ନେଇ ପ୍ରସ୍ତୁତି

**ବୌଦ୍ଧ,୧୩।୯(ସମିସ):** ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ-ନର ସେବା ହିଁ ନାରାୟଣ ସେବା' କାର୍ଯ୍ୟକ୍ରମ ଆୟୋଜନ ହେବ। ଏ ନେଇ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ପୂର୍ବତନ ଜିଲ୍ଲା ସଭାପତି ବିପ୍ର ଚରଣ ଓ ମନୋରଞ୍ଜନ ଦାଶ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ରାଜକୁମାର ମେହେରଙ୍କ ସମେତ ଦଳୀୟ ନେତା ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଲାଗି ମଧ୍ୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମୁକୁଳା ଟ୍ରାନ୍ସଫର୍ମର ପାଇଁ ଗାଈର ଜୀବନ ଗଲା

**ଧର୍ମଗଡ଼,୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଖଇରପଦରରେ ଏକ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ଏକ ଗାଈର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଗାଈଟି ବିରକିଶୋର ପାତ୍ରଙ୍କ ବୋଲି ଜଣାପଡ଼ିଛି। ଟ୍ରାନ୍ସଫର୍ମରଟି ଦୀର୍ଘଦିନ ଧରି ମୁକୁଳା ଅବସ୍ଥାରେ ରହିଥିଲା। ଏହାର ଚାରିପାଖରେ ସୁରକ୍ଷା ବାଡ଼ ବ୍ୟବସ୍ଥା ନ ଥିବାରୁ ଗାଈଟି ଚାରଣ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦାୟିତ୍ୱରେ ଅବହେଳା କରାଯାଇଥିବା ଅଭିଯୋଗ କରି ବିଦ୍ୟୁତ ବିଭାଗର କର୍ମଚାରୀଙ୍କୁ ଗ୍ରାମବାସୀମାନେ ଅଟକ ରଖିଥିବା ଜଣାପଡ଼ିଛି। ଏଭଳି ଅସୁରକ୍ଷିତ ଟ୍ରାନ୍ସଫର୍ମର ଯୋଗୁଁ ଆଗାମୀ ଦିନରେ ମଣିଷଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଥିବାରୁ ତୁରନ୍ତ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ନିର୍ମାଣ ସହ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବୌଦ୍ଧ,୧୩।୯(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବାଦିକଟା-ଥପାପାଲି ଗ୍ରାମ ମଝିରେ ଆଜି ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଁଳାପାଲି ପଞ୍ଚାୟତ ଦନ୍ତାପାଲି ଗ୍ରାମର ସୁଦାମ ନାଏକଙ୍କ ୩୦ ବର୍ଷିୟ ପୁଅ ଲିଙ୍ଗରାଜ ନାଏକ। ଖବରପାଇ ବାଉଁଶୁଣୀ ଥାନା ଆଇଆଇସି ମହେନ୍ଦ୍ର ବେହେରା ଟିମ୍ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

## ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା

**ଦେଓଗାଁ,୧୩।୯(ସମିସ):** ମେନରୋଡରେ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ସାର୍ବଜନୀନ ଦୂର୍ଗାପୂଜା ପାଳନ ପାଇଁ ରବିବାର ଅପରାହ୍ନରେ ପ୍ରସ୍ତୁତୀ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ବରିଷ୍ଠ ସଦସ୍ୟ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଚଳିତବର୍ଷ ପୂଜା ପରିଚାଳନା ପାଇଁ କମିଟିର ସଭାପତି ଭାବେ ବିଶ୍ୱଜିତ ପାତ୍ର, ଉପ ସଭାପତି ଭାବେ ସଂଜୟ ହୋତା, ସମ୍ପାଦକଭାବେ ଆଦିତ୍ୟ ସା, ସହ ସମ୍ପାଦକ ଭାବେ ରଜନୀକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଭାବେ ମୋହନଲାଲ ଅଗ୍ରୱାଲ, ସହକୋଷାଧ୍ୟକ୍ଷ ଭାବେ ଜ୍ୱାଲା ପୋଢ଼ ଆଦି ମନୋନିତ ହୋଇଛନ୍ତି। ଜ୍ୟୋତିବିକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଶିଷ ସାହୁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପ୍ରଶାନ୍ତ ପାଣ୍ଡେ, ମୋହନ ଦଲାଇ, ବାବୁଲାଲ ଅଗ୍ରୱାଲ, ଯୁଗେଶ୍ୱର ସାହୁ, ସନ୍ତୋଷ ସାହୁ, ଜଗୁ ସାହୁ, ସୌମ୍ୟରଞ୍ଜନ ସାହୁ, ଦେବାର ସା, ଶୁଭ୍ରାଂଶୁ ନାୟକ, ଘନ ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୦ କୋଟି ଟଙ୍କାର ବ୍ୟାଙ୍କ କାରବାର ପ୍ରଭାବିତ

**ଭବାନୀପାଟଣା,୧୩।୯(ସମିସ)**




**ବ୍ୟାଙ୍କ ଧର୍ମଘଟ**

କଳାହାଣ୍ଡି ଜିଲ୍ଲାର ୨୪ଟି ବ୍ୟାଙ୍କର ପ୍ରାୟ ଶହେ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ କର୍ମଚାରୀ ଓ ଅଧିକାରୀଗଣ ବ୍ୟାଙ୍କ ଧର୍ମଘଟ ଆନ୍ଦୋଳନକୁ ଓହ୍ଲାଇଥିଲେ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ (ୟୁଏଫ୍‌ବିୟୁ) ଆହ୍ୱାନ କ୍ରମେ ଏହି ଧର୍ମଘଟ ଦିଆଯାଇଥିଲା। ଏହାର ପ୍ରଭାବ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ସାଙ୍ଘାତିକ ରୂପ ନେଇଛି। ବ୍ୟାଙ୍କ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ଗ୍ରାହକ ସେବା ପ୍ରାୟ ୧୦୦କୋଟି ଟଙ୍କାର ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି। ଏପରି ସ୍ଥଳେ ଭବାନୀପାଟଣା ସହର ସ୍ଥିତ ଷ୍ଟାଚ୍ୟୁ ଛକ ବଜାର ଶାଖା ନିକଟରେ କଳାହାଣ୍ଡି ବ୍ୟାଙ୍କର୍ସ କୋର୍ଡିନେସନ୍ କମିଟି ପକ୍ଷରୁ ଏ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଥିଲା। ସଭାରେ ବିଭିନ୍ନ ସଂଗଠନର ନେତୃବୃନ୍ଦ କମ୍ରେଡ୍ ସୌମ୍ୟଜିତ ମୁଣ୍ଡ ଏ ଜି ଏସ( ବ୍ରହ୍ମପୁର), ବୀରେନ୍ଦ୍ର କୁମାର ମିଶ୍ର ଏବଂ ରାଜେନ୍ଦ୍ର ପ୍ରଧାନ, ସଂଗ୍ରାମ ରଥଙ୍କ ସମେତ ସୁମିତ ବେହେରା, ସୁପ୍ରିୟା ମହାନ୍ତି, ଘନଶ୍ୟାମ ବେସ୍ରା, ଦିବାକର ବେହେରା, ନିହାର ପ୍ରଧାନୀ, କପୁର ଚାନ୍ଦ ପୋଢ଼, ମନୋଜ ପଣ୍ଡା ବରିଷ୍ଠ ବ୍ୟାଙ୍କ ଅଧିକାରୀ ରାମଶଙ୍କର ଦାସ, ଏସ୍‌ସି ପାଣି ଏବଂ ପିଏସ୍ ଥାନପତି ପ୍ରମୁଖ ଯୋଗଦେଇ ଧର୍ମଘଟର ଉଦ୍ଦେଶ୍ୟ, ବ୍ୟାଙ୍କ କର୍ମଚାରୀଙ୍କ ଦାବି ଏବଂ ଆଗାମୀ ଆନ୍ଦୋଳନର ରୂପରେଖା ସମ୍ପର୍କରେ ମତ ପ୍ରକାଶ କରିଥିଲେ। କମ୍ରେଡ୍ ବେଣୁ ମାଧବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ, ଧର୍ମଘଟର ମୁଖ୍ୟ ପ୍ରସଙ୍ଗ ଭାବେ ୫ ଦିନିଆ ବ୍ୟାଙ୍କିଂ ବ୍ୟବସ୍ଥା ଲାଗୁ କରିବା, ପରଫର୍ମାନ୍ସ ଲିଙ୍କଡ୍ ଇନସେନଣ୍ଟିଭ-ପିଏଲଆଇ ବା କାର୍ଯ୍ୟଦକ୍ଷତା ଆଧାରିତ ପ୍ରୋତ୍ସାହନରେ ସମାନତା, ବ୍ୟାଙ୍କରେ ପର୍ଯ୍ୟାପ୍ତ କ୍ଲରିକାଲ୍ ଓ ସବ୍-ଷ୍ଟାଫ୍ ନିଯୁକ୍ତି, ଏନପି ଏସକୁ ଓପିଏସରେ ପରିବର୍ତ୍ତନ, ପେନସନ୍ ଅପଡେଟ୍, ଗ୍ରାଚ୍ୟୁଇଟି ସୀମା ବୃଦ୍ଧି ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ମେଡିକାଲ୍ ବୀମା ସୁବିଧା ଆଦି ପ୍ରମୁଖ ଦାବି କରାଯାଇଛି। ଏହି ଦାବିଗୁଡ଼ିକର ଯଥା ଶୀଘ୍ର ସମାଧାନ ନ ହେଲେ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ୨୮ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ତିନିଦିନିଆ ଧର୍ମଘଟ ଏବଂ ୨୬ ଅକ୍ଟୋବର ୨୦୨୬ରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ ପାଇଁ ପ୍ରସ୍ତୁତ ହେଉଥିବା ପ୍ରତିବାଦ ସଭାରେ ସଂକେତ ମିଳିଛି। ବ୍ୟାଙ୍କ କର୍ମଚାରୀଙ୍କ ଏହି ଧର୍ମଘଟ ଯୋଗୁଁ କଳାହାଣ୍ଡି ଜିଲ୍ଲାର ସମସ୍ତ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ, ଏସ୍‌ବିଆଇ ରିଜିଓନାଲ୍ ଅଫିସ୍, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ରିଜିଓନାଲ୍ ଅଫିସ୍, ବେସରକାରୀ ବ୍ୟାଙ୍କ, ଏନ୍‌ବିଏଫସି ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ବନ୍ଦ ରହିଥିଲା ଗ୍ରାହକମାନେ ନାହିଁ ନ ଥିବା ହୀନସ୍ଥା ହୋଇ ଫେରୁଥିଲେ।

## ମାଇଁ ଭାରତ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ




**ବୌଦ୍ଧ,୧୩।୯(ସମିସ):** ବୌଦ୍ଧ ଜିଲ୍ଲା ମାଇଁ ଭାରତ ଜିଲ୍ଲା ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ୧୨ରୁ ଅଧିକ ବିଭାଗର ମୁଖ୍ୟ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ସ୍କୁଲରେ ବସିଲା ନୂଆଁଖାଇ ହାଟ୍

**ପଦ୍ମପୁର, ୧୩।୯(ସମିସ):** ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ ଅଧୀନ କୁଧରେନପାଲି



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନୂଆଁଖାଇ ହାଟ୍‌ରେ ସାମିଲ ହୋଇଥିଲେ। ୬୦ ଜଣ ଛାତ୍ରଛାତ୍ରୀ ଦୋକାନ ବସାଇଥିଲେ। ନୂଆ ସରିଆ ଧାନ, କୁଲିଆ ଧାନ, ମହୁଲ ଦନା, ଖଲିପତ୍ର, କୁରେ ପତ୍ର, ଖଲି ଦନା, ଧୂପ, ଦୀପ, ନଡ଼ିଆ, ଫୁଲ, ଦୁବ, ରାକ୍ଷୀ, ପରିବା, ନୂଆ କପଡ଼ା, ଫଳମୂଳ, କରଡ଼ି, ହେଣ୍ଡୁଆ, କୁଲା, ଚାଗରି, ଟୋପଲି, ଖଡ଼କା, ମାଟି ତିଆରି ବିଭିନ୍ନ ପାତ୍ର, କାଚି, କଂସା ପିତ୍ତଳରେ ତିଆରି ପାତ୍ର ଆଦି ଅନେକ ପ୍ରକାରର ଜିନିଷ ଆଣି ଗାଆଁ ଲୋକଙ୍କୁ ବିକ୍ରି କରିଥିଲେ। ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଇକମାଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁବରାଜ ବେହେରା, ଚକାମନ ସୁନା, ଚେୟାରମ୍ୟାନ ବାବୁଲାଲ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ପଦ୍ମିନୀ ଗଡ଼ତିଆ, ସଙ୍ଗୀତା ବେହେରା, ଶିକ୍ଷକ ରୋହିତ ତନସନା, ରୋଶନ ବନିଆ ସାହାଯ୍ୟ କରିଥିଲେ।

# ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ନୂଆଁଖାଇ ଜୋଟଜାଟ




**ବରଗଡ଼, ୧୩। ୯(ସମିସ):** ବରଗଡ଼ସ୍ଥିତ ଗାନ୍ଧୀ ପାଠାଗାରରେ ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ ନୂଆଁଖାଇ ଜୋଟଜାଟ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏଥିରେ ପବିତ୍ର ଦେହେରୀ ସଭାପତିତ୍ୱ କରିଥିଲେ। ତପସ୍ୱିନୀ ଗୁରୁ, ପ୍ରୀତମ ସିଂ, ରମେଶ ମହାପାତ୍ର, ନରେନ୍ଦ୍ର ନାୟକ, ଅନୁପମା ନାଗ, ବୀଣାପାଣି ଖଣ୍ଡିତ, ଅଞ୍ଜନା ନାଗ, ବିପ୍ରଚାରଣ ଜୟପୁରିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଗୀତାଞ୍ଜଳି ପୋଡ଼, ସନ୍ତୋଷିନୀ ନାଗ, ସରଜୁ କୁଅଁର ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଦେଶୀ ବିହନ ସଂରକ୍ଷକ ସୁଦାମ ସାହୁ, ଅଞ୍ଜନା ଦାସ, ଅଶୋକ ଅଗ୍ରୱାଲ, ଅନିରୁଦ୍ଧ ନାୟକ, ମନ୍ଦାକିନୀ ପତି, ସଂଯୁକ୍ତା ସୁନା, କିଶୋର ସାହୁ, ସାବିତ୍ରୀ ବାଇ ଫୁଲେ ସଂଘ ସଭାପତି ଅନୁପମା ନାଗ, ଶକୁନ୍ତଳା ସୁନା, ମନ୍ଦାକିନୀ ପତି, ମାମି ମିଶ୍ର, ସଂଯୁକ୍ତା ସୁନାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପ୍ରିୟା ତାଣ୍ଡି ଧନ୍ୟବାଦ ଦେଲେ।

# ନୂଆଁଖାଇ ପାଇଁ ଚଳଚଞ୍ଚଳ ଗାଁଠୁ ସହର

**ପଦ୍ମପୁର, ୧୩।୯(ସମିସ)**

ପୁଣି ବର୍ଷେ ପରେ ଆସୁଛି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଆଉ ମାତ୍ର ଗୋଟିଏ ଦିନର ଅପେକ୍ଷା। କୃଷିଭିତ୍ତିକ ଏହି ମହାନ ପର୍ବକୁ ନେଇ ଗାଁଠୁ ସହର ସବୁଠି ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଚାରିଆଡ଼େ ନୂଆଁଖାଇର ମହକ। ପର୍ବ ପାଳନ ପାଇଁ ଆରମ୍ଭ ହୋଇଯାଇଛି ଜୋରଦାର ପ୍ରସ୍ତୁତି। ସକାଳୁ ସନ୍ଧ୍ୟା ଯାଏଁ ପଦ୍ମପୁରରେ ଜମୁଛି 'ତିହାରି ବଜାର'। ଦୈନିକ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ସାଙ୍ଗକୁ ଭେଉଁରିଆ ଛକଠାରୁ କଚେରୀ ଛକ ଯାଏଁ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ନୂଆଁଖାଇ ପାଇଁ ସଉଦା ଦୋକାନଠାରୁ କପଡ଼ା ଦୋକାନ ଯାଏଁ ସବୁଠି ଗ୍ରାହକଙ୍କ ଭିଡ଼ ଲାଗିରହିଛି। ନୂଆଁଖାଇରେ ନୂଆଁ ଲୁଗା ପିନ୍ଧିବାକୁ ଯୁବପିଢ଼ି ମଧ୍ୟ ବେଶ୍ ଉତ୍ସାହୀ। ଷ୍ଟାଇଲିଷ୍ଟ ଜିନ୍ସ ସହ ସମ୍ବଲପୁରୀ ସାର୍ଟ, ଶାଢ଼ୀ ଓ ବୁଣାକପଡ଼ା କିଣିବା ପାଇଁ ଦୋକାନଗୁଡ଼ିକରେ ଭିଡ଼ ବଢ଼ିଛି। ସପରିବାର ଏକାଠି ନୂଆଁ ଖାଇବାର ପରମ୍ପରାକୁ ଆହୁରି ନିଆରା କରିବା ପାଇଁ କିଛି ପରିବାର ଏକା ରଙ୍ଗର ପୋଷାକ ପିନ୍ଧିବା ପରମ୍ପରା ମଧ୍ୟ ଆପଣେଇଛନ୍ତି। ନୂଆଁଖାଇରେ ବ୍ୟବହୃତ ବାଉଁଶ ଓ ମାଟି ତିଆରି ସାମଗ୍ରୀର ଚାହିଦା ମଧ୍ୟ ବଢ଼ିଛି। ବ୍ରାହ୍ମଣଡିହି, ଜମରତଳା ଆଦି ଗାଁରୁ ବାଉଁଶ କାରିଗରମାନେ ଭୁଗା, ଟୁପା, କୁଲା, ଖାଡ଼ି, ଝାଡ଼ୁ ଆଦି ଆଣି ବିକ୍ରି କରୁଛନ୍ତି। ସେହିପରି କୁରେ ଓ ମହୁଲ ପତ୍ରରେ ତିଆରି ଖଲିଦନାର ମଧ୍ୟ ବେଶ୍ ଚାହିଦା ରହିଛି। ସହରବାସୀଙ୍କ ହାତପାହାନ୍ତାରେ ଏସବୁ ସାମଗ୍ରୀ ମିଳୁଥିବାରୁ କାରିଗରମାନେ ମଧ୍ୟ ଦୁଇ ପଇସା ଲାଭ ପାଉଛନ୍ତି। ମାଟି କାରିଗରମାନେ ରଙ୍ଗବେରଙ୍ଗର ମାଠିଆ, ହାଣ୍ଡି, ଦୀପ ସମେତ ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ନୂଆଁ ସରେଇ (ପାତିଲି)ରେ ରୋଷେଇ ହେବାର ପରମ୍ପରା ଥିବାରୁ ସରେଇ କିଣିବା ପାଇଁ ମଧ୍ୟ ଲୋକଙ୍କ ଭିଡ଼ ଜମୁଛି। ନୂଆଁଖାଇ କେବଳ ଏକ ପର୍ବ ନୁହେଁ। ଏହା ଭାଇଚାରା, ଏକତା ଓ ପାରିବାରିକ ସମ୍ପର୍କର ଏକ ଅନନ୍ୟ ପରିଚୟ। ଯିଏ ଯେଉଁଠି ଯେତେ ଦୂରରେ ଥିଲେ ମଧ୍ୟ ଏହି ଦିନ ଘରକୁ ଫେରିବାର ପରମ୍ପରା ରହିଛି। ରାଗ, ଅଭିମାନ ଭୁଲି ସମସ୍ତେ ଏକାଠି ହୋଇ ନୂଆଁ ଖାଇବାର ଏହି ପରମ୍ପରାର ଝଲକ ଏବେଠାରୁ ପଦ୍ମପୁରରେ ଦେଖିବାକୁ ମିଳୁଛି। ନୂଆଁଖାଇ ପାଇଁ ପଡ଼ୋଶୀ ରାଜ୍ୟକୁ କର୍ମ ଅନ୍ୱେଷଣରେ ଯାଇଥିବା ଲୋକମାନେ ମଧ୍ୟ ଘରମୁହାଁ ହେଉଛନ୍ତି। ଏଥିରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ସେହିପରି ଭୁବନେଶ୍ୱର, ରାଉରକେଲା, କୋରାପୁଟ ଓ ସମ୍ବଲପୁର ଆଦି ଅଞ୍ଚଳରେ ପାଠ ପଢ଼ୁଥିବା ଛାତ୍ରଛାତ୍ରୀ ମଧ୍ୟ ବସ୍ ଯୋଗେ ଘରକୁ ଫେରୁଛନ୍ତି। ନୂଆଁଖାଇ ପୂର୍ବରୁ ପଦ୍ମପୁରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି।



**ପାଇକମାଳ:** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଆଉ ଦିନେ ବାକି ଅଛି। ଏଥବପାଇଁ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ନୂଆ ଧାନରେ ଇଷ୍ଟଦେବୀଙ୍କୁ ନୈବେଦ୍ୟ ଅର୍ପଣ କରି ନୂଆ ଖାଇବାର ଏହି ପରମ୍ପରାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ଘରଦ୍ୱାର ସଫାସୁତରାଠାରୁ ଆରମ୍ଭ କରି ନୂଆ ପୋଷାକ, ପୂଜା ସାମଗ୍ରୀ, ଫଳମୂଳ, ମିଠା ଓ ବିଭିନ୍ନ ଖାଦ୍ୟସାମଗ୍ରୀ କିଣାକିଣିରେ ଲୋକେ ବ୍ୟସ୍ତ ହୋଇପଡ଼ିଛନ୍ତି। ନୂଆଁଖାଇ ପୂର୍ବରୁ କିଣାକିଣି ବଢ଼ିଥିବାରୁ ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳର ତିହାର ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ସକାଳୁ ବିଭିନ୍ନ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଛି। ଦିନତମାମ ବଜାର ଚଳଚଞ୍ଚଳ ରହିଛି। ମହିଳା, ପୁରୁଷଙ୍କ ସମେତ ଛୋଟ ପିଲାମାନେ ମଧ୍ୟ ପର୍ବ ପାଇଁ ଆବଶ୍ୟକ ସାମଗ୍ରୀ କିଣୁଥିବା ଦେଖାଯାଇଛି। ବିଶେଷକରି ବସ୍ତ୍ର ଓ ଜୋତା ଦୋକାନରେ ଅଧିକ ଭିଡ଼ ଲାଗିଛି। ଶାଢ଼ି, ଡ୍ରେସ୍, ପିଲାଙ୍କ ପୋଷାକ, ପ୍ୟାଣ୍ଟ-



ସାର୍ଟ ଓ ଜୋତା କିଣିବାକୁ ଗ୍ରାହକ ଦୋକାନଗୁଡ଼ିକରେ ଭିଡ଼ ଜମାଇଛନ୍ତି। ନୂଆଁଖାଇରେ ପରିବାରର ସମସ୍ତେ ନୂଆ ପୋଷାକ ପିନ୍ଧିବାର ପରମ୍ପରା ଥିବାରୁ ବସ୍ତ୍ର ବ୍ୟବସାୟୀଙ୍କ ବେପାର ବଢ଼ିଛି। ସେହିପରି ଫଳ, ପନିପରିବା, ମିଠା ଓ ପୂଜା ସାମଗ୍ରୀ ଦୋକାନରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଲାଗି ରହିଛି। ନୂଆଁଖାଇରେ ଘରକୁ ଆସୁଥିବା ଆତ୍ମୀୟସ୍ୱଜନଙ୍କ ଆତିଥ୍ୟ ପାଇଁ ଲୋକେ ବିଭିନ୍ନ ଖାଦ୍ୟସାମଗ୍ରୀ କିଣୁଥିବାରୁ ମିଠା ବ୍ୟବସାୟୀ, ଫଳ ବିକ୍ରେତା ଓ ପରିବା ବ୍ୟବସାୟୀ ଭଲ ବେପାର ଆଶା ରଖିଛନ୍ତି। ନୂଆଁଖାଇ ପର୍ବରେ ମାଟିପାତ୍ର ଓ ପୂଜା ସାମଗ୍ରୀର ମଧ୍ୟ ସ୍ୱତନ୍ତ୍ର ଚାହିଦା ରହିଥାଏ। ତିହାର ବଜାରରେ କୁମ୍ଭାରମାନେ ବିଭିନ୍ନ ପ୍ରକାର ମାଟିପାତ୍ର ଓ ପୂଜା ସାମଗ୍ରୀ ନେଇ ବସିଛନ୍ତି। ଲୋକେ ଗ୍ରାମାଞ୍ଚଳରୁ ନିଜ ହାତରେ ତିଆରି ସାମଗ୍ରୀ ଆଣି ବିକ୍ରି କରୁଛନ୍ତି। ପର୍ବ ପୂର୍ବରୁ ବେପାର ବଢ଼ିବା ନେଇ ସେମାନେ ଆଶାବାଦୀ ଅଛନ୍ତି। ଏଥିସହ ମହିଳାମାନେ ବାଉଁଶରେ ତିଆରି ଭୁଗା ଟୁପଲି ଆଦି ସାମଗ୍ରୀ ଗାଁ ଗାଁ ବିକ୍ରି କରୁଛନ୍ତି। ପର୍ବ ପୂର୍ବରୁ ବାରିକ ଦୋକାନଗୁଡ଼ିକରେ ମଧ୍ୟ ଭିଡ଼ ବଢ଼ିଛି। ନୂଆ ପୋଷାକ ସହ ନିଜକୁ ପ୍ରସ୍ତୁତ କରିବା ପାଇଁ ଲୋକେ ବାରିକ ଦୋକାନମୁହାଁ ହେଉଛନ୍ତି। ଏହା ଫଳରେ ଛୋଟ ବ୍ୟବସାୟୀ ଓ ବିଭିନ୍ନ ସେବା ପ୍ରଦାନକାରୀଙ୍କ ଆୟ ମଧ୍ୟ ବଢ଼ିବାର ଆଶା ଦେଖାଦେଇଛି। ଅନ୍ୟପକ୍ଷରେ ନୂଆଁଖାଇ ପାଇଁ ବାହାରେ ରହୁଥିବା ପ୍ରବାସୀମାନେ ନିଜ ଗାଁ ଓ ଘରମୁହାଁ ହେବା ଆରମ୍ଭ କରିଛନ୍ତି। ପରିବାର ସହ ନୂଆ ଖାଇବା, ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ ନେବା ଓ ଆତ୍ମୀୟସ୍ୱଜନଙ୍କ ସହ ମିଳିତ ହେବାର ପରମ୍ପରା ଯୋଗୁଁ ଦୂରଦୂରାନ୍ତରେ ରହୁଥିବା ଲୋକେ ମଧ୍ୟ ଘରକୁ ଫେରୁଛନ୍ତି। ଏଥିରୁ ଗାଁଗୁଡ଼ିକରେ ମଧ୍ୟ ପର୍ବ ପ୍ରସ୍ତୁତି

**ଜମୁଛି ତିହାରି ବଜାର**
**ପ୍ରବାସୀ ଘରମୁହାଁ**

ଜୋରଦାର ହୋଇଛି। ଚାଷୀ ପରିବାରଗୁଡ଼ିକ ନୂଆ ଫସଲକୁ ନେଇ ଉତ୍ସାହିତ ରହିଛନ୍ତି। ଘରେ ଘରେ ନୂଆ ଚାଉଳରେ ପିଠାପଣା ଓ ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ଆୟୋଜନ ଚାଲିଛି। ପରିବାରର ସମସ୍ତେ ଏକାଠି ହୋଇ ନୂଆ ଖାଇବା ସହ ପରସ୍ପରକୁ 'ନୂଆଁଖାଇ ଜୁହାର' ଜଣାଇବାର ଅପେକ୍ଷାରେ ଅଛନ୍ତି। ନୂଆଁଖାଇ କେବଳ ନୂଆ ଫସଲ ଖାଇବାର ପର୍ବ ନୁହେଁ। ଏହା ପଶ୍ଚିମ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ଅବିଚ୍ଛିନ୍ନ ଅଂଶ। ଭାଇଚାରା, ପରିବାରିକ ମିଳନ ଓ ସାମାଜିକ ସମ୍ପର୍କକୁ ଏହି ପର୍ବ ଆହୁରି ମଜବୁତ କରିଥାଏ। ଏଥିସହ ନୂଆଁଖାଇକୁ କେନ୍ଦ୍ର କରି ବଜାରରେ ବଢ଼ୁଥିବା କିଣାକିଣି ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ଚଳଚଞ୍ଚଳ କରିଛି। ତିହାର ବଜାରର ପ୍ରବଳ ଭିଡ଼, ବଢ଼ିଥିବା ବେପାର ଓ ଗାଁଗୁଡ଼ିକରେ ଚାଲିଥିବା ପ୍ରସ୍ତୁତି ଏବେ ନୂଆଁଖାଇର ଆଗମନୀ ବାର୍ତ୍ତା ଦେଉଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଝାରବନ୍ଧ, ୧୩।୯(ସମିସ):** ପଦ୍ମପୁର-ବସନା ରାସ୍ତାର ଧୌରାଭଟା ଛକ ନିକଟରେ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୋଟରସାଇକଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବିଜାଡ଼ିହି ଗ୍ରାମର ସୁନୀଲ ନାଏକ। ସେ ବସନା ପଟରୁ ମୋଟରସାଇକଲ ଯୋଗେ ଫେରୁଥିଲେ। ଏହି ସମୟରେ ପଦ୍ମପୁରରୁ ବସନା ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସୁନୀଲଙ୍କ ଗୋଡ଼ ଭାଙ୍ଗିଛି। ଖବର ପାଇ ଜଗଦଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁନୀଲଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଗ୍ରାମ୍ୟ କମିଟି ପକ୍ଷରୁ ଚାରାରୋପଣ

**ପାଇକମାଳ, ୧୩।୯(ସମିସ):** ମାଣ୍ଡୋସିଲ ଗ୍ରାମ୍ୟ କମିଟି ପକ୍ଷରୁ ଚାରାରୋପଣ କରାଯାଇଛି। ସଭାପତି ଜଗନ୍ନାଥ ପୁଟା ଓ ସମ୍ପାଦକ ରାଧେଶ୍ୟାମ ପଟେଲଙ୍କ ନେତୃତ୍ୱରେ ମାଣ୍ଡୋସିଲ ବସଷ୍ଟାଣ୍ଡରୁ କଲ୍ୟାଣ ମଣ୍ଡପ ଯାଏଁ ଦୁଇ ପାର୍ଶ୍ୱରେ ଚାରା ରୋପଣ କରାଯାଇଥିଲା। ଏଥିରେ ଗ୍ରାମ୍ୟ କମିଟି ସଦସ୍ୟ ମହମ୍ମଦ ହନିଫ, ଧନସିଂ ପଟେଲ, କିଶୋର ଖୁଣ୍ଟିଆ, ମହେନ୍ଦ୍ର ଖୁଣ୍ଟିଆ, ଶରତ ଚନ୍ଦ୍ର ହଂସ, ଅରୁଣାଚାନ୍ଦ ସାହୁ, ଅକ୍ଷୟ ସାହୁ, ମାଧବ ରଣା, ସନ୍ତୋଷ ବରିହା, ରମାକାନ୍ତ ମିଶ୍ର, ଋଷି ରଣା, ହେମନ୍ତ ଖୁଣ୍ଟିଆ, ଟିକୁ ଖାନ୍ ପ୍ରମୁଖ ସହଯୋଗ କରିଥିଲେ।

## ବିଜେପୁର ପ୍ରସିଦ୍ଧ ଅନନ୍ତ ମହୋତ୍ସବ ପାଇଁ ସମନ୍ୱୟ କମିଟିର ବୈଠକ

**ବିଜେପୁର, ୧୩।୯(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସହରରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମନ୍ୱୟ ସମିତିର ଏକ ସ୍ୱତନ୍ତ୍ର ବୈଠକ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୋଜରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ସ୍ଥାନୀୟ ବିଧାୟକ ସନତ ଗଡ଼ତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ସମନ୍ୱୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୨ ସ୍ୱତନ୍ତ୍ର କେନ୍ଦ୍ରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ

**ବରଗଡ଼, ୧୩।୯(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରଙ୍କ ପାଇଁ 'ସାଇନିଂ ଷ୍ଟାର' କାର୍ଯ୍ୟକ୍ରମ ଆରମ୍ଭ କରିଛି। ରବିବାର ଛୁଟିଦିନରେ ମଧ୍ୟ ୧୨ କେନ୍ଦ୍ରରେ ସ୍ୱତନ୍ତ୍ର ଭାବେ ପାଠପଢ଼ା ଯାଇଛି। ବିଭିନ୍ନ ବ୍ଲକ ନୋଡାଲ ସେଣ୍ଟର୍ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀ ସକାଳ ୮ରେ ପହଞ୍ଚି ଥିଲେ। ପିଲାମାନେ ସଂସ୍କୃତ, ହିନ୍ଦୀ, ଆଇଟି, ଜୀବବିଜ୍ଞାନ, ଇତିହାସ ଆଦି ବିଷୟରେ ଅଧ୍ୟୟନ କରିଥିଲେ। ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୨ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଆମ୍ବାଭୋନା କେଦାର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୯, ଭେଡେନ ନୋଡାଲ ସେଣ୍ଟର୍ ସ୍କୁଲରେ ୪୯, ଝାରବନ୍ଧରେ ୩୫, ବରପାଲିରେ ୪୮, ବିଜେପୁରରେ ୪୫, ସୋହେଲାରେ ୩୧, ଅତାବିରାରେ ୪୬, ଭଟଲିରେ ୪୫, ପଦ୍ମପୁରରେ ୪୭, ଗାଇସିଲେଟରେ ୪୦, ପାଇକମାଲରେ ୪୭ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏଙ୍କ ତତ୍ତ୍ୱାବଧାନରେ ଏହି ପଦକ୍ଷେପ ନିଆଯାଇଛି। ବରଗଡ଼ ପାଠ୍ୟଦାନ କେନ୍ଦ୍ରକୁ ଏବିଇଓ ଦାନୁ ତାଣ୍ଡି ପରିଦର୍ଶନ କରିଥିଲେ। ବ୍ଲକ ସଂଯୋଜକ ସଦାନନ୍ଦ ଜାଲ, ଜିଲ୍ଲା ସାଧନ କର୍ମୀ ଶତ୍ରୁଘ୍ନ ମହାନନ୍ଦ, ଡ ଡୋଳାମଣି ସାହୁ, ଗୋପବନ୍ଧୁ ପୁରୋହିତ, ରାଜଶ୍ରୀ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି



କେନ୍ଦ୍ରରେ ବ୍ଲକ ସାଧନ କର୍ମୀଙ୍କ ସମେତ ଜିଲ୍ଲା ସାଧନ କର୍ମୀମାନେ ଶିକ୍ଷାଦାନରେ ସହଯୋଗ କରିଥିଲେ। ପଦ୍ମପୁର ଶିକ୍ଷାଦାନ କେନ୍ଦ୍ରରେ ବରିଷ୍ଠ ଜିଲ୍ଲା ସାଧନ କର୍ମୀ ଗୋପାଳ ଜୀ ପାଣିଗ୍ରାହୀ, ପଦ୍ମପୁର ବିଇଓ ଲୋକନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଜିଲ୍ଲା ସାଧନ କର୍ମୀ ଦୟାସାଗର ସାହୁ, ରଜତ ସାହୁ, ହୃଦାନନ୍ଦ ଭୋଇ, ମାନସ ରଞ୍ଜନ ଶତପଥୀ, ରାଜେଶ୍ ପଟେଲ, ବଳରାମ ସାହୁ, ଯୋଗେଶ ପ୍ରଧାନ, ଜିତେନ୍ଦ୍ରିୟ ପ୍ରଧାନ, ସୁରେନ୍ଦ୍ର ଲୁହା, ପ୍ରେମାନନ୍ଦ ଭୋଇ, ବାସୁଦେବ କୁମ୍ଭାର, ମୁକ୍ତେଶ୍ୱର ବେହେରା, ସୁବୋଧ ସାହୁ, ଟୁନା କର୍ଣ୍ଣ, ଅଗସ୍ତି ପ୍ରଧାନ, ବୃନ୍ଦାବନ ଠେଠୁଆର୍, ସୁଲଳିତ ପାତ୍ର, ଚିତ୍ତରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ନୋଡାଲ ସେଣ୍ଟର୍ ସ୍କୁଲରେ ଉପସ୍ଥିତ ରହି ପାଠ୍ୟଦାନରେ ସାମିଲ ହୋଇଥିଲେ। ଏଡିଇଓ ଅମୃତା ସାହୁଙ୍କ ସମେତ ଶିକ୍ଷାବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ରହି ରବିବାସରୀୟ ପାଠ୍ୟ ଦାନ ତଦାରଖ କରିଥିଲେ।

## ୮୫ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୧୩। ୯(ସମିସ):** ଅତାବିରା ବ୍ଲକ ଦେବାହାଲ ଗ୍ରାମର ଜୟ କିଶାନ ପାଠାଗାର ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅତାବିରା ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କର୍ଣ୍ଣ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭିମସାର ରକ୍ତଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାରର ଚିକିତ୍ସାଧିକାରୀ ଡା. ଆଶିଷ କୁମାର ଏବଂ ପରାମର୍ଶଦାତା ମଣ୍ଟୁ ପ୍ରଧାନ, ପାଠାଗାରର ସଭାପତି ସୁବେଦାର ମେଜର କାଶୀଶ୍ୱର ବେହେରା, ଗ୍ରନ୍ଥାଗାରିକ ବିନୟ ସାହୁ, ସ୍ଥାନୀୟ ସରପଞ୍ଚ ସତ୍ୟବାନ ବେହେରା ଏବଂ ଏମ୍. ବାଲାସୁବ୍ରମଣ୍ୟମ୍ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।






**ଅତାବିରା:** ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିରଠାରେ ମଧ୍ୟ ଲାୟନ୍ସ କ୍ଲବ୍ ଗୋଡ଼ଭଗା ରୟାଲ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ ଜଣ ରକ୍ତଦାନ କରିଥିବା ବେଳେ ୮୦ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଡା. ଚିତ୍ତରଞ୍ଜନ ଜେନା ଯୋଗ ଦେଇଥିଲେ। ବୁର୍ଲା ଭୀମସାର ରକ୍ତଭଣ୍ଡାରର ଡା. ପ୍ରଶାନ୍ତ ଗୟଲ, ଡା. ସ୍ୱାଗତ ପ୍ରଧାନ, ଡା. ଶୁଭାଂଜଳୀ ନାଏକ, ଡା. ଜିତେନ୍ଦ୍ର ପ୍ରଧାନ, ମଧୁସ୍ମିତା ମହାନ୍ତି, ଶୋଭିତ ଦାଶ, ଆଶୁତୋଷ ମହାପାତ୍ର, ରଜତ ପ୍ରଧାନ, ଦେବାଶିଷ ମିଶ୍ର, ଅଗ୍ନି ମହାନନ୍ଦ, ଗଣେଶ ପ୍ରଧାନ, ପାଏନୁ ଭୁଏ, ଲାୟନ୍ସ କ୍ଲବର ସଭାପତି ପ୍ରଦୀପ କର୍ଣ୍ଣ, ସମ୍ପାଦକ ସୁବର୍ଣ୍ଣ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଅମ୍ବାଭୋନା, ୧୩। ୯(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ କୁଠାରପାଲି ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ କମଳିନୀ ଦାଶ (୨୬)। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନି। ବାପ ଘର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୁଲିସ କମଳିନୀଙ୍କ ସ୍ୱାମୀ ସୁମନ ଦାଶଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି।

କପାସିରା ଗ୍ରାମର ପ୍ରହଲ୍ଲାଦ କରଙ୍କ ଝିଅ କମଳିନୀ ପ୍ରାୟ ୯ ବର୍ଷ ତଳେ କୁଠାରପାଲିର ସୁମନଙ୍କୁ ବିବାହ କରିଥିଲେ। ସେମାନଙ୍କର ୪ ବର୍ଷର ଝିଅ ମାନସୀ ଦାଶ (ଖୁସି) ଓ ୨ ବର୍ଷର ପୁଅ ମନୀଷ ଦାଶ ଅଛନ୍ତି। ତେବେ ଗତ କିଛି ମାସ ଧରି ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା କମଳିନୀଙ୍କ ବାପା ପ୍ରହଲ୍ଲାଦ ଅଭିଯୋଗ କରିଛନ୍ତି। ସୁମନ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଛନ୍ତି। ପ୍ରାୟ ୭ ମାସ ହେବ ଘରଠାରୁ ଅଲଗା ରହୁଛନ୍ତି। ମଝିରେ ମଝିରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି କମଳିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ବାପଘରକୁ ଚାଲିଯିବାକୁ ଧମକ ଦେଉଥିଲେ। ରବିବାର ସକାଳ ପ୍ରାୟ ୧୦ଟାରେ କମଳିନୀ ଅସୁସ୍ଥ ଥିବା ତାଙ୍କ ଶାଶୁ ଲଳିତା ଦାଶ ଫୋନ୍ ଯୋଗେ କମଳିନୀଙ୍କ ଭାଇ ଦିନେଶ କରଙ୍କୁ ଜଣାଇଥିଲେ। ଖବର ପାଇ ଦିନେଶ ଓ ତାଙ୍କ ବାପା ପ୍ରହଲ୍ଲାଦ କୁଠାରପାଲିରେ ପହଞ୍ଚିଥିଲେ। ସେଠାରେ କମଳିନୀଙ୍କ ଗଳାରେ କଳା ଦାଗ, ନାକରୁ ରକ୍ତସ୍ରାବ ହୋଇଥିବା ସହ ବାମ ଗୋଡ଼ର ଆଣ୍ଠୁ ପର୍ଯ୍ୟନ୍ତ ଓ ବାମ ହାତର ପାପୁଲିରେ ମଧ୍ୟ ଦାଗ ଥିବା ସେମାନେ ଦେଖିଥିଲେ। ପ୍ରହଲ୍ଲାଦ ଅମ୍ବାଭୋନା ଥାନାରେ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଥାନା ଅଧିକାରୀ ସୌରଭ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲା। ମାଜିଷ୍ଟ୍ରେଟ୍ ତଥା ଅମ୍ବାଭୋନା ଅତିରିକ୍ତ ତହସିଲଦାର ପ୍ରବେଶ ମେହେରଙ୍କ ଉପସ୍ଥିତିରେ ପୁଲିସ ମୃତଦେହ ଜବତ କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ କମଳିନୀଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବରପାଲି, ୧୩।୯(ସମିସ)**

ବରପାଲି ବ୍ଲକ ରେଟାମୁଣ୍ଡା ଖେଳପଡ଼ିଆରେ ରେଟାମୁଣ୍ଡା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ପଞ୍ଚ ଦିବସୀୟ ୫୦ତମ ସ୍ୱର୍ଣ୍ଣ ଜୟନ୍ତୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବଜରଙ୍ଗ ଏଫସି ଓ ଅମ୍ବେଦକର ବରଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ଅମ୍ବେଦକର ଏଫ୍‌ସି ବରଗଡ଼ ୨-୧ରେ ବଜରଙ୍ଗ ଏଫ୍‌ସି (ତିନିକାନି) ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହେଶ ଦେବତା, ବିଜେପି ରାଜ୍ୟ ପରିଷଦ ସଭ୍ୟ ଶରତ ବିଶି, ଆଗଲପୁର ମଣ୍ଡଳ ସଭାପତି ପ୍ରଦୀପ ପଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଲେଖ ନାୟକ, ପ୍ରକାଶ ରାଉତ, ମନୋଜ ଭୋଇ, ତ୍ରିଲୋଚନ ଶିକା ପ୍ରମୁଖ ଯୋଗ ଦେଇଥିଲେ। ଜମୁର୍ଡା, ବଜରଙ୍ଗ ଏଫସି, ସାହାଜବାହାଲ, ବାଦିବାହାଲ, ବଲିଟିକ୍ରା,




ଭେଡେନ, ଚିଚିଣ୍ଡା ବରପାଲି, ବଡକର୍ଲେ, ଅମାମୁଣ୍ଡା, ଧିରପୁର, ଆମ୍ବେଦକର ଏଫ୍‌ସି ବରଗଡ଼, ବରାହଗୁଡା, କନାପାଲି, କାଇଁଶିର୍, ବୁଢ଼ା ରଜା ଏଫ୍‌ସି ପ୍ରମୁଖ ୧୬ଟି ଦଳ ଭାଗ ନେଇଥିଲେ। ପ୍ରଥମ ସେମି ଫାଇନାଲ ବଜରଙ୍ଗ ଏଫ୍ ସି ଓ ବରପାଲି ମଧ୍ୟରେ ହୋଇଥିଲା। ପ୍ରଥମ ସେମିଫାଇନାଲରେ ବଜରଙ୍ଗ ଏଫ୍‌ସି ବରପାଲି ଦଳକୁ ୧-୦ ଗୋଲ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ୨ୟ ସେମି ଫାଇନାଲ ଖେଳ ବୁଢ଼ାରଜା ଏଫ୍‌ସି ଓ ଅମ୍ବେଦକର ଏଫ୍ ସି ବରଗଡ଼ ମଧ୍ୟରେ ହୋଇଥିଲା। ପେନାଲଟିକ୍ କିକ୍ ଜରିଆରେ ଆମ୍ବେଦକର ଏଫ୍‌ସିକୁ ୪-୨ ଗୋଲରେ ବୁଢ଼ାରଜା ଏଫ୍‌ସି ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ମ୍ୟାନ ଅଫ ମ୍ୟାଚ ଅମ୍ବେଦକର ଏଫ୍ ସି (ବରଗଡ଼)ର ଶଙ୍କର ଭୋଇ, ବେଷ୍ଟ ଡିଫେଣ୍ଡର ବଜରଙ୍ଗ ଏଫ୍‌ସିର ରୁଦ୍ରମଣି ସା, ବେଷ୍ଟ ଗୋଲ କିପର ଅମ୍ବେଦକର ଏଫ୍‌ସିର ଅପୁ ଭୋଇ, ମ୍ୟାନ ଅଫ ଦି ସିରିଜ ଭାବେ ଅମ୍ବେଦକର ଏଫ୍ ସି (ବରଗଡ଼)ର ସମୀର ଟପୋ ପୁରସ୍କୃତ ହୋଇଥିଲେ। ସମୀର ସାହୁ, ଚିକୁ ବଡ଼ପଣ୍ଡା, ବଜରଙ୍ଗ ମାଝି, ଅମିତ ସାହୁ ପରିଚାଳନା କରିଥିଲେ। ରବି ମଟାରୀ, ବିଦ୍ୟାଧର ଦୀପ, ଭାଗିରଥି ଭୋଇ, ସିଧାନ୍ତ ଧରୁଆ, ମିଳନ ଦୀପ, ନିକେଶ ସିଂ ଦାଉ, କବିସୂର୍ଯ୍ୟ ଭୋଇ, ରୋହିତ ଚାଉଁର, ସାହିଲ ଧରୁଆ, ସୁଶାନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ସହରା କର୍ମଚାରୀ ସଙ୍ଘର ମହାମିଳନ




**ବରଗଡ଼, ୧୩।୯(ସମିସ):** ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ବରଗଡ଼ ଜିଲ୍ଲା ସହରା କର୍ମଚାରୀଙ୍କ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ କୈଳାସ ଚନ୍ଦ୍ର ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ବରଗଡ଼ ସୀତାରାମ ଭୋଇ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ସମ୍ମାନିତ ଅତିଥି ରୂପେ ଡେପୁଟି କମିଶନର (ସିଟି ଓ ଜିଏସ୍‌ଟି, ଦେବଗଡ଼) ଲିଲାକାନ୍ତ ବୁଡେକ୍ ମଞ୍ଚାସୀନ ଥିଲେ। ଶିକ୍ଷକ ନନ୍ଦିଘୋଷ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସହରା ଛାତ୍ରଛାତ୍ରୀ, ବ୍ୟକ୍ତି ବିଶେଷ, ନୂତନ ସହରା କର୍ମଚାରୀ ଏବଂ ପଦୋନ୍ନତି ପାଇଥିବା ସହରା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ରୋହିତ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ନିରଞ୍ଜନ ବେହେରା, ଉଚ୍ଛବ ଭୁଏ, ଜନ୍ମ ଭୁଏ, ଜଗମୋହନ ଭୁଏ, କମଳାକାନ୍ତ ଭୋଇ, ଅନୀଲ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୫୫ ● ପାଉଣ୍ଡ ୧୨୯.୦୮
- ୟୁରୋ ୧୧୦.୮୧ ● ୟେନ୍ ୦.୬୨

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୧,୭୦୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୭୮୧.୦୦
- ନିଫ୍ଟି ୨୩,୩୯୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ସୁପର-ଇଣ୍ଟେଲିଜେଣ୍ଟ କମ୍ପ୍ୟୁଟର ସିଷ୍ଟମର ବିପଦକୁ ନେଇ ବଢୁଛି ଚିନ୍ତା

# ଏଆଇ ମଡେଲର ବିକାଶ ବେଗ ଧିମା ହେବା ଜରୁରୀ

**ୱାଶିଂଟନ୍, ୧୩।୯ (ଏଜେନ୍ସି):** ସମ୍ପ୍ରତି ସାରା ଦୁନିଆରେ ସୁପର-ଇଣ୍ଟେଲିଜେଣ୍ଟ କମ୍ପ୍ୟୁଟର ସିଷ୍ଟମର ବିପଦକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଓପନ୍‌ଏଆଇ ଏବଂ ଆନ୍ଥ୍ରୋପିକ୍‌ର ପୂର୍ବତନ ଗବେଷକ ଜାକବ୍ କକ୍ସନ୍ ଇସ୍ତଫା ଦେବା ପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସୁରକ୍ଷାକୁ ନେଇ ଚାଲିଥିବା ବିତର୍କ ଏବେ ଏକ ନୂଆ ମୋଡ଼ ନେଇଛି। ଆନ୍ଥ୍ରୋପିକ୍ ସିଇଓ ଡାରିଓ ଆମୋଡେଇ ଏଆଇର ବିକାଶ ମଡେଲଗୁଡ଼ିକୁ ଧିମା ବା ମନ୍ଥର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏଆଇ ନିଜେ ନିଜର କୋଡିଂ ଓ କ୍ଷମତା ବୃଦ୍ଧି କରି ମାନବ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ମାଲିକଙ୍କ ବିନା ଆଦେଶରେ ସିଷ୍ଟମ ସ୍ୱୟଂଚାଳିତ ଭାବରେ ସାଇବର ଆକ୍ରମଣ କରିବାର ଭୟ ରହିଛି। ଏଆଇକୁ ବ୍ୟବହାର କରି ବିପଜ୍ଜନକ ଅସ୍ତ୍ର କିମ୍ବା ଭାଇରସ୍ ତିଆରି କରିବାର ଆଶଙ୍କା ରହିଛି। ଆମୋଡେଇ ଏକ ସାକ୍ଷାତକାରରେ ଏହି ପ୍ରସଙ୍ଗରେ ଚେତାବନୀ ଦେଇଛନ୍ତି। ଏଥିରେ ସବୁଠାରୁ ମଜାଦାର କଥା ହେଉଛି, ଆନ୍ଥ୍ରୋପିକ୍ ସିଇଓ ଏ ନେଇ ଏକ ସତର୍କ କରାଇବା ନେଇ ବ୍ଲଗ୍ ପୋଷ୍ଟ କରିବାର କିଛି ଘଣ୍ଟା ପରେ, ଓପନଏଆଇ ମୁଖ୍ୟ ସାମ୍ ଅଲ୍ଟମ୍ୟାନ୍ ଏବଂ ଏକ୍ସଏଆଇ ମାଲିକ ଏଲନ୍ ମସ୍କ ଏହି ପୋଷ୍ଟକୁ ସମର୍ଥନ କରିଥିଲେ।

ପୂର୍ବରୁ ଓପନ୍‌ଏଆଇ ଏବଂ ଆନ୍ଥ୍ରୋପିକ୍‌ର ପୂର୍ବତନ ଗବେଷକ ଜାକବ୍ କକ୍ସନ୍ ସୋସିଆଲ ମିଡିଆରେ ଲେଖିଥିଲେ ଯେ, ଏଆଇ ତିଆରି କରୁଥିବା ବ୍ୟକ୍ତିମାନେ ନିଜେ ବିଶ୍ୱାସ କରନ୍ତି ଯେ, ଏହି ପ୍ରଯୁକ୍ତିବିଦ୍ୟା ଆସନ୍ତା ଦଶନ୍ଧି (୨୦୩୦) ସୁଦ୍ଧା ମାନବଜାତିକୁ ଧ୍ୱଂସ କରିବାର କ୍ଷମତା ରଖୁଛି। ସେମାନେ ଦାବି କରିଛନ୍ତି ଯେ, ଉଭୟ କମ୍ପାନୀ ନିଜର ଆତ୍ମ-ସୁଧାର କରୁଥିବା ସୁପରଇଣ୍ଟେଲିଜେନ୍ସ ବନାଇବା ଆଳରେ ମାନବ ଜୀବନ ସହ ବାଜି ଲଗାଉଛନ୍ତି ଏବଂ ଦାୟିତ୍ୱହୀନ ଭାବରେ କାମ କରୁଛନ୍ତି। ଏଆଇ କମ୍ପାନୀଗୁଡ଼ିକ ଅତି ଦ୍ରୁତ ଗତିରେ 'ସେଲ୍ଫ-ଇମ୍ପ୍ରୁଭିଂ ସୁପରଇଣ୍ଟେଲିଜେନ୍ସ' ପ୍ରସ୍ତୁତ



### ଗବେଷକଙ୍କ ଇସ୍ତଫା ପରେ ଟେକ୍ ଦୁନିଆରେ କମ୍ପନ

### ଆନ୍ଥ୍ରୋପିକ୍ ସିଇଓ ଦେଲେ ଚେତାବନୀ

କରିବାକୁ ନେଇ ନିଜ ଭିତରେ ପ୍ରତିଯୋଗିତା କରୁଛନ୍ତି। ଏହା ୨୦୩୦ ସୁଦ୍ଧା ସମଗ୍ର ମାନବଜାତି ପାଇଁ ବିପଦ ସୃଷ୍ଟି କରିପାରେ। ଜାକବ୍ କହିଛନ୍ତି ଯେ, ବେଗ କମାଇବା ନିରାପଦ, କିନ୍ତୁ ଅନ୍ୟ କମ୍ପାନୀ ଆଗକୁ ଚାଲିଯିବ ଭାବି କେହି ବି ଅଟକିବାକୁ ପ୍ରସ୍ତୁତ ନାହାଁନ୍ତି। ଆନ୍ଥ୍ରୋପିକ୍‌ର ସୁରକ୍ଷା ଗବେଷକ ଏଭାନ୍ ହୁବିଙ୍ଗର ମଧ୍ୟ ଜାକବ୍‌ଙ୍କ କଥାକୁ ସମର୍ଥନ କରି ସ୍ୱୀକାର କରିଛନ୍ତି ଯେ, ସୁପରଇଣ୍ଟେଲିଜେନ୍ସକୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ ପାଖରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷା ଉପାୟ ନାହିଁ।

ଆମୋଡେଇ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆମକୁ ଏଆଇ ମଡେଲଗୁଡ଼ିକର କ୍ଷମତା ବୃଦ୍ଧି କରିବାର ଗତିକୁ ଧୀମା କରିବାକୁ ପଡିବ। ତଥାପି, ପ୍ରଗତି ଦ୍ରୁତ ଗତିରେ ଜାରି ରହିବ ଏବଂ ଆମକୁ ଉପଲବ୍ଧ ସମୟକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବାକୁ ପଡିବ। ଏଆଇ ଗବେଷକ ଜାକବ୍ କକ୍ସନ୍ ଇସ୍ତଫା ଦେବାର କିଛି ଦିନ ପରେ ତାଙ୍କର ଏହି ମନ୍ତବ୍ୟ ଆସିଛି। ଏଥିରେ ସେ ଦୁଇ ଆମେରିକୀୟ କମ୍ପାନୀ ଆତ୍ମ-ଉନ୍ନତି ମଡେଲ ତିଆରି କରିବା ଦୌଡ଼ରେ ନିଜ ଜୀବନ ସହିତ ଜୁଆ ଖେଳୁଥିବା ଅଭିଯୋଗ କରିଥିଲେ। ଜାକବ୍ କକ୍ସନ୍ ଆନ୍ଥ୍ରୋପିକ୍‌ରେ ଯୋଗଦେବା ପାଇଁ ଓପନ୍‌ଏଆଇ ଛାଡିଥିଲେ। ଆମୋଡେଇ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ବିକାଶ ନ କରିବା ଦ୍ୱାରା ମାନବଜାତିକୁ ଏହାର ଲାଭରୁ ବଞ୍ଚିତ ହେବ, ଯେତେବେଳେ ଏହାର ବହୁତ ଶୀଘ୍ର ବିକାଶ ହେବ ତାହା ବେପରୁଆ ହେବ। ଜୁଲାଇ ଶେଷ ଭାଗରେ ଅଲ୍ଟମ୍ୟାନ୍ କହିଥିଲେ ଯେ ସମାଜକୁ ଅନୁକୂଳ କରିବାର ସୁଯୋଗ ଦେବା ପାଇଁ ଡେଭଲପରମାନଙ୍କୁ ନିଜକୁ ମନ୍ଥର କରିବାକୁ ପଡ଼ିପାରେ।

ଅପରପକ୍ଷେ ଟ୍ରମ୍ପ୍ ସରକାରଙ୍କୁ ସ୍ୱୟଂଚାଳିତ ଏଆଇ ବିକାଶର ଗତିକୁ ଚିନ୍ତାଶୀଳ ଭାବରେ ନିୟନ୍ତ୍ରଣ କରିବା ଲାଗି ସାହାଯ୍ୟ କରିବାକୁ ଅନୁରୋଧ କରି ଆମେରିକାର ଏକ ଅଗ୍ରଣୀ ଏଆଇ କମ୍ପାନୀର ୧୦୦୦ ରୁ ଅଧିକ କର୍ମଚାରୀ ଏକ ଆବେଦନ ପତ୍ରରେ ସ୍ୱାକ୍ଷର କରିଥିଲେ। ସେଥିରେ ଆମୋଡେଇ ମଧ୍ୟ ଏଥିରେ ସ୍ୱାକ୍ଷର କରିଥିଲେ। ଅପରପକ୍ଷେ ଏଥିପାଇଁ ଆମୋଡେଇ ଏକ ତିନି-ସୂତ୍ରୀ ଯୋଜନା ଉପସ୍ଥାପନ କରିଛନ୍ତି। ତାହା ହେଉଛି, ସ୍ୱାଧୀନ ତଦାରଖ, ଶିଳ୍ପ-ସ୍ତରୀୟ ନିୟମ ଏବଂ ବିଶ୍ୱସ୍ତରୀୟ ନିୟମାବଳୀ। ସ୍ୱାଧୀନ ତଦାରଖରେ ଯେତେବେଳେ ଏଆଇ ମଡେଲଗୁଡ଼ିକ ବିକଶିତ ହେଉଛି, ତୃତୀୟ-ପକ୍ଷ କିମ୍ବା ସ୍ୱାଧୀନ ଏଜେନ୍ସିଗୁଡ଼ିକ ସେଗୁଡିକର ସୁରକ୍ଷା ମୂଲ୍ୟାଙ୍କନ କରିବା ଉଚିତ। ଅର୍ଥାତ୍, ଯେତେବେଳେ ଏକ କମ୍ପାନୀ ଏକ ନୂତନ ଏଆଇ ମଡେଲ ସୃଷ୍ଟି କରେ, ସେତେବେଳେ ଏହା ସ୍ୱାଧୀନ ଭାବରେ ନିର୍ଣ୍ଣୟ କରିବା ଉଚିତ୍ ନୁହେଁ ଯେ ଏହାର ସିଷ୍ଟମ ସମ୍ପୂର୍ଣ୍ଣ ସୁରକ୍ଷିତ। ଏହା ବଦଳରେ, ଏକ ନିରପେକ୍ଷ, ବାହ୍ୟ ବିଶେଷଜ୍ଞ ଏଜେନ୍ସି ଏଆଇର ଅଡିଟ୍ କରିବା ଉଚିତ୍ ଯାହା ନିଶ୍ଚିତ କରିବ ଯେ ମଡେଲରେ କୌଣସି ତ୍ରୁଟି ନାହିଁ ଯାହା ଏହାକୁ ସାଇବର ଆକ୍ରମଣର ଶିକାର କରିପାରେ କିମ୍ବା ମଣିଷ ଦ୍ୱାରା ଅନିୟନ୍ତ୍ରିତ ହୋଇପାରେ। ଶିଳ୍ପ-ସ୍ତରୀୟ ନିୟମ ଅନୁଯାୟୀ, ଏଆଇ କମ୍ପାନୀଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ସୁରକ୍ଷା ମାନଦଣ୍ଡ ସ୍ଥିର କରିବା ପାଇଁ ଏକାଠି ହେବା ଉଚିତ। ଅର୍ଥାତ୍, ସରକାର ଦ୍ୱାରା ପ୍ରଣୀତ ଆଇନକୁ ଅପେକ୍ଷା ନକରି, ସମସ୍ତ ପ୍ରମୁଖ ଏଆଇ କମ୍ପାନୀଗୁଡ଼ିକ ଏକାଠି ବସି ନିଷ୍ପତ୍ତି ନେବା ଉଚିତ ଯେ କୌଣସି କମ୍ପାନୀ ସୁରକ୍ଷା ସହିତ ଆପତ୍ତି କରିବ ନାହିଁ ଏବଂ ଅଶୋଧିତ କିମ୍ବା ବିପଜ୍ଜନକ ମଡେଲ ସହିତ ବଜାରକୁ ଶୀଘ୍ର ଆସିବ ନାହିଁ। ଶେଷରେ ଶିଳ୍ପ-ସ୍ତରୀୟ ନିୟମ ଅନୁଯାୟୀ, ଏଆଇ କମ୍ପାନୀଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ସୁରକ୍ଷା ମାନଦଣ୍ଡ ସ୍ଥିର କରିବା ପାଇଁ ଏକାଠି ହେବା ଉଚିତ। ଅର୍ଥାତ୍, ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନକୁ ଅପେକ୍ଷା ନ କରି, ସମସ୍ତ ପ୍ରମୁଖ ଏଆଇ କମ୍ପାନୀଗୁଡ଼ିକ ଏକାଠି ବସି ନିଷ୍ପତ୍ତି ନେବା ଉଚିତ ଯେ କୌଣସି କମ୍ପାନୀ ସୁରକ୍ଷା ସହିତ ଆପତ୍ତି କରିବ ନାହିଁ ଏବଂ ଅଶୋଧିତ କିମ୍ବା ବିପଜ୍ଜନକ ମଡେଲ ସହିତ ବଜାରକୁ ଶୀଘ୍ର ଆସିବନାହିଁ।

### ଏଆଇ ବିପଦକୁ ଟ୍ରମ୍ପଙ୍କ ଖାରଜ

## କୌଣସି ପରିସ୍ଥିତିରେ ଚୀନ୍‌କୁ ଆଗକୁ ଯିବାକୁ ଦେବୁନି

**ଡଲାରସ୍, ୧୩।୯ (ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ମଡେଲଗୁଡିକ ମାନବ ସମାଜ ପାଇଁ ବିପଦ ପାଲଟିବା ସହ ଏହା ମଣିଷକୁ ମାରିଦେବ ବୋଲି ଗବେଷକମାନେ ଦେଇଥିବା ସେହି ଚେତାବନୀକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଖାରଜ କରିଦେଇଛନ୍ତି। ଟ୍ରମ୍ପ୍




କହିଛନ୍ତି ଯେ ଆମେରିକା ଏଆଇରେ ଚୀନ୍‌ଠାରୁ ବହୁତ ଆଗରେ ଅଛି ଏବଂ ଏହି ନେତୃତ୍ୱ ବଜାୟ ରଖିବାକୁ ଚାହୁଁଛି। ଏଆଇକୁ ନେଇ ବଢୁଥିବା ବିଶ୍ୱସ୍ତରୀୟ ଚିନ୍ତା କୃତ୍ରିମ ବୁଦ୍ଧିମତ୍ତାକୁ ନିୟନ୍ତ୍ରଣ ପାଇଁ ଦାବି ମଧ୍ୟରେ ଟ୍ରମ୍ପ୍ ଆମେରିକାର ପ୍ରଯୁକ୍ତିବିଦ୍ୟା ଲାଭ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଏଆଇ କ୍ଷେତ୍ରରେ କୌଣସି ପରିସ୍ଥିତିରେ ବି ଚୀନ୍‌କୁ ଆଗକୁ ଯିବାକୁ ଦେବନାହିଁ।

ବିଶ୍ୱସ୍ତରୀୟ ଏଆଇ ଦୌଡ଼ ସମ୍ପର୍କରେ ଟ୍ରମ୍ପ୍ କହିଛନ୍ତି ଯେ ଭବିଷ୍ୟତରେ ସବୁଠାରୁ ଶକ୍ତିଶାଳୀ ଏଆଇ ପ୍ରଯୁକ୍ତିବିଦ୍ୟା ଥିବା ଦେଶ ଅଧିକ ପ୍ରଭାବଶାଳୀ ହେବ। ସେ କହିଛନ୍ତି, 'ଯିଏ ଏଆଇ ଜିତିବ ସେ ବିଜେତା ହେବ'। ତାଙ୍କର ବକ୍ତବ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମେରିକା ଏଆଇକୁ କେବଳ ଏକ ପ୍ରଯୁକ୍ତିବିଦ୍ୟା ଉନ୍ନତି ଭାବରେ ନୁହେଁ, ବରଂ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଲାଭ ଏବଂ ରଣନୈତିକ ଶକ୍ତି ଭାବରେ ମଧ୍ୟ ଦେଖୁଛି।

ଏଆଇ ସମସ୍ୟା ସମ୍ପର୍କରେ ସାମ୍ପ୍ରତିକ ଆଲୋଚନା ମଧ୍ୟରେ ଶିଳ୍ପ ଉପରେ ଅଧିକ ନିୟମ ଲାଗୁ କରିବା ବିଷୟରେ ପ୍ରଶ୍ନ ଉଠାଯାଉଛି। ଟ୍ରମ୍ପ୍‌ଙ୍କ ଏହି ବକ୍ତବ୍ୟ ସୂଚାଇ ଦିଏ ଯେ ସେ ଏପରି ନିୟମ ପ୍ରତି ସତର୍କ ଅଛନ୍ତି, ଯାହା ଆମେରିକାର ଏଆଇ କମ୍ପାନୀଗୁଡ଼ିକର ଅଭିବୃଦ୍ଧି ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରଭାବିତ କରିପାରେ। ତାଙ୍କର ଗୁରୁତ୍ୱ ଆମେରିକାର ପ୍ରଯୁକ୍ତିବିଦ୍ୟା ନେତୃତ୍ୱ ବଜାୟ ରଖିବା ଉପରେ। ବିଶେଷକରି ଚୀନ୍ ବିରୁଦ୍ଧରେ ଏଆଇ ପ୍ରତିଯୋଗିତା ସହିତ, ଆମେରିକା ପ୍ରଶାସନ ଏହାକୁ ଜାତୀୟ ପ୍ରତିଯୋଗିତାର ଏକ ପ୍ରମୁଖ କ୍ଷେତ୍ର ବୋଲି ବିବେଚନା କରେ। ଏଆଇ କ୍ଷେତ୍ରରେ ଆମେରିକା ଏବଂ ଚୀନ୍ ମଧ୍ୟରେ ପ୍ରତିଯୋଗିତା ନିରନ୍ତର ବୃଦ୍ଧି ପାଉଛି। ଉଭୟ ଦେଶର କମ୍ପାନୀଗୁଡ଼ିକ ଏଆଇ ମଡେଲ୍, ଚିପ୍ସ, ଡାଟା ସେଣ୍ଟର, କମ୍ପ୍ୟୁଟିଂ କ୍ଷମତା ଏବଂ ନୂତନ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି।

## ନନ୍ଦନୀ ମଠକୁ ଫେରିବ 'ମାଧୁରୀ'

**ଜାମନଗର, ୧୩।୯ (ଏଜେନ୍ସି):** ପ୍ରାୟ ଏକ ବର୍ଷ ପରେ ହାତୀ 'ମାଧୁରୀ' ପାଇଁ ତାଙ୍କର ପୂର୍ବ ବାସସ୍ଥାନ - କୋହ୍ଲାପୁରର ନନ୍ଦନୀ ମଠକୁ ଫେରିବାର ରାସ୍ତା ପରିଷ୍କାର ହୋଇଯାଇଛି। ଉଚ୍ଚ-ସ୍ତରୀୟ କମିଟିର ଅନୁମୋଦନ ପରେ ମାଧୁରୀକୁ କୋହ୍ଲାପୁରକୁ ଫେରାଇ ନିଆଯାଉଛି। 'ବନତାରା' କହିଛି ଯେ, ସେ ଏହି ନିଷ୍ପତ୍ତିକୁ ସମ୍ମାନ କରିବ ଏବଂ ଆଗକୁ ମଧ୍ୟ ମାଧୁରୀଙ୍କ ଯତ୍ନରେ ସହଯୋଗ ଜାରି ରଖିବ। ଉଚ୍ଚ-ସ୍ତରୀୟ କମିଟିର ନିର୍ଦ୍ଦେଶକ୍ରମେ ୨୦୨୫ ଜୁଲାଇ ୩୦ରେ ମାଧୁରୀକୁ ବନତାରାକୁ ଅଣାଯାଇଥିଲା। ବନତାରା ଅନୁଯାୟୀ, ସଂସ୍ଥା ମାଧୁରୀର କଷ୍ଟଡି ଦାବି କରି ନ ଥିଲା, ବରଂ ସରକାରୀ ନିର୍ଦ୍ଦେଶ ପରେ ଏହାର ଯତ୍ନ ନେବାର ଦାୟିତ୍ୱ ଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ମାମଲାର ପୁନଃ ଶୁଣାଣି ହୋଇଥିଲା ଏବଂ ନନ୍ଦନୀ ମଠର ସୁବିଧାଗୁଡ଼ିକର ଯାଞ୍ଚ କରାଯାଇଥିଲା।



**ଯତ୍ନ ନେବାରେ ସହଯୋଗ କରିବ 'ବନତାରା'**

ମାଧୁରୀକୁ ନନ୍ଦନୀକୁ ଫେରିବା ପାଇଁ ଅନୁମତି ଦେବା ସମୟରେ, କମିଟି ଏହାର ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସର୍ତ୍ତ ଧାର୍ଯ୍ୟ କରିଛି। ମାଧୁରୀକୁ କୌଣସି କାମରେ ଲଗାଯିବ ନାହିଁ କିମ୍ବା ଶୋଭାଯାତ୍ରା ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ। ବାଧ୍ୟତାମୂଳକ ସର୍ତ୍ତ ମଧ୍ୟରେ ୨୪ ଘଣ୍ଟିଆ ଯତ୍ନ ଏବଂ ପ୍ରତି ୧୫ ଦିନରେ ସ୍ୱାସ୍ଥ୍ୟ ପରୀକ୍ଷା ଅନ୍ତର୍ଭୁକ୍ତ ରହିଛି।

ବନତାରା ସୂଚନା ଅନୁଯାୟୀ ଚିକିତ୍ସା ଏବଂ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ମାଧୁରୀଙ୍କ ସ୍ୱାସ୍ଥ୍ୟ ସ୍ଥିର ହୋଇଥିଲେ ମଧ୍ୟ, ଏହାର ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟଗତ ସମସ୍ୟା ଦୃଷ୍ଟିରୁ ନିୟମିତ ଯତ୍ନ ଜରୁରୀ। ଏଥିପାଇଁ ନନ୍ଦନୀକୁ ଫେରିବା ପରେ ମଧ୍ୟ ବନତାରାର ପଶୁଚିକିତ୍ସକ ପ୍ରତି ୧୫ ଦିନରେ ଏହାର ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଏବଂ ଆବଶ୍ୟକ ସ୍ଥଳରେ ଏହାର ଚିକିତ୍ସାରେ ସହାୟତା କରିବେ।

## ରୁଷ ଅସହାୟ; ଭାରତରୁ ୭୦% ତୈଳ ଉତ୍ପାଦ କିଣିବାକୁ ବାଧ୍ୟ

**ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି):** ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ରୁଷର ତୈଳ ବିଶୋଧନାଗାରଗୁଡ଼ିକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି, ଯାହା ଏହାର ଘରୋଇ ଉତ୍ପାଦନକୁ ପ୍ରଭାବିତ କରିଛି। ଏହି ସଙ୍କଟର ସମାଧାନ ପାଇଁ, ରୁଷ ଅଗଷ୍ଟରେ ଭାରତରୁ ରେକର୍ଡ ପରିମାଣର ଇନ୍ଧନ ଆମଦାନୀ କରିଛି। ଏହି ସମୟ ରୁଷ ; ଭାରତରୁ ୭୦% ତୈଳ ଉତ୍ପାଦ କିଣିବାକୁ ବାଧ ହୋଇଛି। ରୁଷ ଅଗଷ୍ଟରେ ରେକର୍ଡ ୧,୭୨,୦୦୦ ଟନ୍ ତୈଳ ଉତ୍ପାଦ ଆମଦାନୀ କରିଛି। ଏଥିରେ ଏକ ଭାରତୀୟ ରିଫାଇନାରୀରେ ରୁଷର ଅଶୋଧିତ ତୈଳରୁ ପରିଷ୍କୃତ ପେଟ୍ରୋଲ ଅନ୍ତର୍ଭୁକ୍ତ ଯେଉଁଥିରେ ରୁଷ କମ୍ପାନୀ ରୋସନେଫ୍ଟର ଆଂଶିକ ଅଂଶୀଦାର ଅଛି। ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ମସ୍କୋର ଘରୋଇ ବିଶୋଧନ କ୍ଷମତାକୁ ବାଧା ଦେଇଥିଲା, ଯାହା ଆମଦାନୀକୁ ବାଧ୍ୟ କରିଥିଲା। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ଦ୍ୱାରା ଏକ ରିପୋର୍ଟରେ ଏହି ସୂଚନା ପ୍ରଦାନ କରାଯାଇଛି। ରୁଷର ଜୀବାଶ୍ମ ଇନ୍ଧନ ରପ୍ତାନି ଏବଂ ପ୍ରତିବନ୍ଧକର ମାସିକ ବିଶ୍ଳେଷଣରେ, ସିଆର୍‌ଇଏ ରିପୋର୍ଟ କରିଛି ଯେ ଅଗଷ୍ଟରେ ରୁଷର ତୈଳ ଉତ୍ପାଦ ଆମଦାନୀର ୭୦ ପ୍ରତିଶତ ଭାରତରୁ ଆସିଥିଲା। ଏଥିରେ ୭୮ ନିୟୁତ ୟୁରୋ ମୂଲ୍ୟର ୧୨୦,୦୦୦ ଟନ୍ ପେଟ୍ରୋଲ ଅନ୍ତର୍ଭୁକ୍ତ। ରୁଷ ଇନ୍ଧନ ଆମଦାନୀର ଏହି ପରିମାଣ ପୂର୍ବ ମାସିକ ରେକର୍ଡ ତୁଳନାରେ ୭ ଗୁଣରୁ ଅଧିକ ଏବଂ ସମଗ୍ର ୨୦୨୫ ବର୍ଷ ପାଇଁ ମୋଟ ପରିମାଣ ତୁଳନାରେ ତିନି ଗୁଣ ଅଧିକ ଥିଲା।

ସିଆର୍‌ଇଏ କହିଛି ଯେ ଭାରତରୁ ଆମଦାନୀ ହେଉଥିବା ସମସ୍ତ ପେଟ୍ରୋଲ ଭାଡିନାର ରିଫାଇନାରୀରେ ଲୋଡ୍ କରାଯାଇଥିଲା। ଏହାକୁ ଇୟୁ-ଅନୁମୋଦିତ କମ୍ପାନୀ ନାୟାରା ଏନର୍ଜି ଦ୍ୱାରା ରୋସନେଫ୍ଟକୁ ବିକ୍ରି କରାଯାଇଥିଲା।




### ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ପରେ ଯୁଦ୍ଧରେ ନୂଆ ମୋଡ଼!

### ଅଗଷ୍ଟରେ ରେକର୍ଡ ୧,୭୨,୦୦୦ ଟନ୍ ତୈଳ ଉତ୍ପାଦ କରିଛି ଆମଦାନୀ

ନାୟାରା ଏନର୍ଜିରେ ରୋସନେଫ୍ଟର ୪୯.୧୩% ଅଂଶଧନ ଅଛି। ରିପୋର୍ଟ ଅନୁଯାୟୀ, ଭାଡିନାର ୨୦୨୬ ର ପ୍ରଥମ ୮ ମାସ ମଧ୍ୟରେ ଏହାର ସମସ୍ତ ଅଶୋଧିତ ତେଲ ରୁଷରୁ ଉତ୍ସ କରିଥିଲା। ଯେତେବେଳେ ୨୦୨୫ରେ ଏହି ସଂଖ୍ୟା ୮୧% ଥିଲା। ସିଆର୍‌ଇଏ କହିଛି, ତେଣୁ ରୁଷ ଏକ ରିଫାଇନାରୀକୁ ଦେୟ ଦେଉଛି ଯେଉଁଥିରେ ଏହାର ଆଂଶିକ ଅଂଶଧନ ଅଛି। ଏହି ରିଫାଇନାରୀ ରୁଷର ନିଜସ୍ୱ ଅଶୋଧିତ ତେଲକୁ ଇନ୍ଧନରେ ପରିଣତ କରେ ଯାହା ରୁଷ ଆଉ ଘରୋଇ ଭାବରେ ଉତ୍ପାଦନ କରିବାକୁ ସକ୍ଷମ ନୁହେଁ। ତା'ପରେ ଏହାକୁ ବିଶ୍ୱର ଅନ୍ୟ ପାର୍ଶ୍ୱକୁ ପଠାଯାଏ। ଐତିହାସିକ ଭାବରେ ବିଶ୍ୱର ସବୁଠାରୁ ବଡ଼ ପରିଶୋଧିତ ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନିକାରୀଙ୍କ ମଧ୍ୟରୁ ଗୋଟିଏ ହେବା ସତ୍ତ୍ୱେ, ଦେଶର ନିଜସ୍ୱ ରପ୍ତାନି ହ୍ରାସ ପାଉଥିଲା ବେଳେ ରୁଷର ପେଟ୍ରୋଲ ଆମଦାନୀ ବୃଦ୍ଧି ପାଇଛି। ଅଗଷ୍ଟ ମାସରେ ରୁଷର ମୋଟ ତୈଳ ଉତ୍ପାଦ ଆମଦାନୀର ୭୪% ପେଟ୍ରୋଲ ଥିଲା, ଯାହା ୨୦୨୩ ରୁ ୨୦୨୫ ମଧ୍ୟରେ ହାରାହାରି ମାତ୍ର ୬% ଥିଲା। ସିଆର୍‌ଇଏ ଅନୁଯାୟୀ, ଦକ୍ଷିଣ କୋରିଆ ଅଗଷ୍ଟ ମାସରେ ରୁଷକୁ ଅତିରିକ୍ତ ୧୮,୦୦୦ ଟନ୍ ତୈଳ ଉତ୍ପାଦ (ମୁଖ୍ୟତଃ ଗ୍ୟାସ୍ ଏବଂ ତେଲ) ଯୋଗାଇଥିଲା, ଯେତେବେଳେ ଇଜିପ୍ଟ ୧୬ ନିୟୁତ ୟୁରୋ ମୂଲ୍ୟର ୨୫,୦୦୦ ଟନ୍ ଡିଜେଲ ରପ୍ତାନି କରିଥିଲା।

ଅଗଷ୍ଟରେ ସମୁଦ୍ର ପଥରେ ରୁଷର ତୈଳ ଉତ୍ପାଦ ରପ୍ତାନି ପରିମାଣ ୨୧% ହ୍ରାସ ପାଇଛି। ଗନ୍ତବ୍ୟ ବନ୍ଦରଗୁଡ଼ିକରେ ଅନଲୋଡ୍ ହୋଇଥିବା ଉତ୍ପାଦରୁ ରାଜସ୍ୱ ଜୁଲାଇ ତୁଳନାରେ ୩୨% ହ୍ରାସ ପାଇ ପ୍ରତିଦିନ ୭୮ ନିୟୁତ ୟୁରୋକୁ ହ୍ରାସ ପାଇଛି। ୟୁକ୍ରେନ୍ ଉପରେ ରୁଷର ପୂର୍ଣ୍ଣ-ମାତ୍ରା ଆକ୍ରମଣ ପରେ ଏହା ସର୍ବନିମ୍ନ ସ୍ତର। ସିଆର୍‌ଇଏ କହିଛି ଯେ ରୁଷ ବନ୍ଦରଗୁଡ଼ିକରେ ତୈଳ ଉତ୍ପାଦ ଲୋଡିଂ ଲଗାତାର ତିନି ମାସ ଧରି ହ୍ରାସ ପାଉଛି। ଏହା ଅଗଷ୍ଟ ୨୦୨୫ର ଅଧାରୁ କମ୍ ଥିଲା।

## ରେଡ୍‌ମି-୧୭ ୫ଜି ବିକ୍ରି ଆରମ୍ଭ

**ନୂଆଦିଲ୍ଲୀ, ୧୩।୯:** ସାଓମି ଇଣ୍ଡିଆ ପକ୍ଷରୁ ରେଡମି-୧୭ ୫ଜିର ବିକ୍ରି ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ସ୍ମାର୍ଟଫୋନରେ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଦୀର୍ଘସ୍ଥାୟୀ ବ୍ୟାଟେରୀ ଓ ଉତ୍କୃଷ୍ଟ ମନୋରଞ୍ଜନ ଅନୁଭୂତିକୁ ଏକତ୍ରିତ କରିଛି ଯାହାକୁ ଦୈନନ୍ଦିନ ବ୍ୟବହାରକାରୀଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ କରାଯାଇଛି। ସ୍ନାପଡ୍ରାଗନ ୪ ଜେନ୍ ୫ ମୋବାଇଲ୍ ପ୍ଲାଟଫର୍ମ ଦ୍ୱାରା ପରିଚାଳିତ ଏହି ଡିଭାଇସରେ ୧୭.୫୩ ସେମି (୬.୯ ଇଂଚ) ଏଚ୍‌ଡି+ ଡିସ୍‌ପ୍ଲେ, ୧୨୦ଏଚଜେଡ ପର୍ଯ୍ୟନ୍ତ ଆଡାପ୍ଟିଭ୍ ସିଙ୍କ୍, ୮୨୫ ନିଟ୍ସ ପର୍ଯ୍ୟନ୍ତ ଏଚବିଏମ ବ୍ରାଇଟନେସ୍, ଦୁଇଟି ଷ୍ଟେରିଓ ସ୍ପିକର୍ ଏବଂ କର୍ନିଙ୍ଗ ଗରିଲା ଗ୍ଲାସ ୭ଆଇ ସୁରକ୍ଷା ରହିଛି। ରେଡମି ୧୭ ୫ଜିରେ ବୃହତ ୭,୯୦୦ ଏମଏଏଚ ବ୍ୟାଟେରୀ ସହିତ ୪୫ୱାଟ ଫାଷ୍ଟ ଚାର୍ଜିଂ ଏବଂ ୨୨.୫ୱାଟ ପର୍ଯ୍ୟନ୍ତ ୱାୟାର୍‌ଡ ରିଭର୍ସ ଚାର୍ଜିଂ ରହିଛି ଯାହା ସର୍ବନିମ୍ନ ଡାଉନଟାଇମ୍ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ନିର୍ଭରଯୋଗ୍ୟ ପାୱାର୍ ପ୍ରଦାନ କରିଥାଏ।

### ଦିଲ୍ଲୀରୁ ଆମେରିକାକୁ ବ୍ରିକ୍ସ ରାଷ୍ଟ୍ରଙ୍କ କଠୋର ବାର୍ତ୍ତା

## ଟାରିଫ୍ ନେଇ ମନମାନୀ ଚଳିବନି

**ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି):** ଦିଲ୍ଲୀରେ ଦୁଇ ଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀର ପ୍ରଥମ ଦିନରେ ବ୍ରିକ୍ସ ରାଷ୍ଟ୍ର ସମୂହର ସଦସ୍ୟ ଦେଶଗୁଡିକ ଆମେରିକାର ନାମ ନ ନେଇ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ବ୍ରିକ୍ସ ରାଷ୍ଟ୍ରଗୁଡିକ କହିଛନ୍ତି ଯେ କୌଣସି ଦେଶକୁ ଶୁଳ୍କ ଉପରେ ମନଇଚ୍ଛା କାର୍ଯ୍ୟ କରିବାକୁ ଅନୁମତି ଦିଆଯିବନାହିଁ। ବିଶ୍ୱରେ ବଢୁଥିବା ଶୁଳ୍କ ଯୁଦ୍ଧ ଏବଂ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ବ୍ରିକ୍ସ ଦେଶଗୁଡ଼ିକ ଏକପାଖିଆ ଶୁଳ୍କ ଏବଂ ଅଣ-ଶୁଳ୍କ ବାଣିଜ୍ୟ ପ୍ରତିବନ୍ଧକକୁ ନେଇ ଗମ୍ଭୀର ଚିନ୍ତା ପ୍ରକାଟ କରିଛନ୍ତି। ବ୍ରିକ୍ସ ସମ୍ମିଳନୀରେ ସଦସ୍ୟ ଦେଶଗୁଡିକ ସର୍ବସମ୍ମତିକ୍ରମେ 'ନୂଆଦିଲ୍ଲୀ ଘୋଷଣାନାମା ୨୦୨୬' କୁ ଅନୁମୋଦନ କରିଛନ୍ତି। ଘୋଷଣାନାମାରେ କୁହାଯାଇଛି ଯେ ଏପରି ଏକପାଖିଆ ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରେ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ନିୟମ ସହିତ ଅସଙ୍ଗତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଘୋଷଣାନାମାର ଅନୁମୋଦନ ପ୍ରସ୍ତାବ ଦେଇଥିଲେ। କୌଣସି ସଦସ୍ୟ ଦେଶ ଆପତ୍ତି ନ କରିବା ପରେ ଏହାକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା।

ଏକପାକ୍ଷିକ ଶୁଳ୍କ ଏବଂ ଅଣ-ଶୁଳ୍କ ପଦକ୍ଷେପ ବୃଦ୍ଧିକୁ ନେଇ ବ୍ରିକ୍ସ ଘୋଷଣାନାମାରେ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି। ସମୂହ କହିଛି ଯେ ଏପରି ବାଣିଜ୍ୟ ପଦକ୍ଷେପ ଦେଶଗୁଡ଼ିକ ମଧ୍ୟରେ ସମାନ ପ୍ରତିଯୋଗିତା କ୍ଷେତ୍ରକୁ ପ୍ରଭାବିତ କରେ ଏବଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଅନିଶ୍ଚିତତା ବୃଦ୍ଧି କରେ। ଏହି ଘୋଷଣାନାମାରେ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ଅନୁଯାୟୀ ଏକ ବାଣିଜ୍ୟ ବ୍ୟବସ୍ଥା ବଜାୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶ୍ୱ ବାଣିଜ୍ୟ ସଂଗଠନର ମୁଖ୍ୟ ଅର୍ଥନୀତି ମଧ୍ୟରେ ଆମଦାନୀ ଶୁଳ୍କକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ବ୍ରିକ୍ସ ଦେଶଗୁଡ଼ିକ ଏହି ବାର୍ତ୍ତା ଜାରି କରିଛନ୍ତି। ଆମେରିକା ସମେତ ଅନେକ ଦେଶ ସେମାନଙ୍କର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଶୁଳ୍କ ଏବଂ ଅନ୍ୟାନ୍ୟ ବାଣିଜ୍ୟ ପ୍ରତିବନ୍ଧକ ବ୍ୟବହାର କରୁଛନ୍ତି। ଘୋଷଣାନାମାରେ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରୁଥିବା ଏକପାକ୍ଷିକ ବାଧ୍ୟବାଧକତାମୂଳକ ଅର୍ଥନୈତିକ ପଦକ୍ଷେପକୁ ମଧ୍ୟ ନିନ୍ଦା କରାଯାଇଛି। ବ୍ରିକ୍ସ ଦେଶଗୁଡ଼ିକ ଦୀର୍ଘ ଦିନ ଧରି ଗୁରୁତ୍ୱ ଦେଇ ଆସୁଛନ୍ତି ଯେ କୌଣସି ଏକକ ଦେଶ କିମ୍ବା ଗୋଷ୍ଠୀ ଦ୍ୱାରା ଲାଗୁ ହୋଇଥିବା ଆର୍ଥିକ ପ୍ରତିବନ୍ଧକ ଏବଂ ଚାପ ବିଶ୍ୱ ବାଣିଜ୍ୟ ଏବଂ ବିକାଶଶୀଳ ଅର୍ଥନୀତିକୁ ପ୍ରଭାବିତ କରିବା ଉଚିତ୍ ନୁହେଁ। ଏହି ମତ ହେଉଛି ବିଶ୍ୱ ଅର୍ଥନୀତି ବ୍ୟବସ୍ଥାରେ ଏହାର ଭୂମିକା ବୃଦ୍ଧି କରିବା ଏବଂ ବାହ୍ୟ ଅର୍ଥନୀତି ଚାପ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ବ୍ରିକ୍ସର ବ୍ୟାପକ ପ୍ରୟାସର ଏକ ଅଂଶ।



## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ବୃଷ:** ପିଲାଙ୍କ ସହ ସମୟ ଅତିବାହିତ କରିବେ। ଅଟକି ଥିବା କାର୍ଯ୍ୟ ପୂରା ହୋଇପାରେ। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦାନ ଧର୍ମ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ କରନ୍ତୁନି।

**ସିଂହ:** ଚିନ୍ତା ଦୂର ହେବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ାପାଇଁ ବ୍ୟସ୍ତ ହେବେ। ସମାଜସେବାରେ ସମୟ ଦେବେ। କଠିନ ପରିଶ୍ରମ କରିବେ।

**କନ୍ୟା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ।

**ତୁଳା:** ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ବିବାହରେ ସମସ୍ୟା ଉପୁଜିବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେଇପାରନ୍ତି। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଆୟ ଅନୁସାରେ ଖର୍ଚ୍ଚ ଅଧିକ ବଢ଼ିବ। କଠିନ ପରିଶ୍ରମ କରି ସଫଳ ହେବେ।

## ଆଜିର ଇତିହାସ

- ୧୮୩୩- ଲର୍ଡ ୱିଲିୟମ୍ ବେଣ୍ଟିକ୍ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ହେଲେ।
- ୧୯୧୭- ରୁଷ୍ ବିଧିବଦ୍ଧ ଭାବେ ଗଣରାଜ୍ୟ ଘୋଷିତ ହେଲା।
- ୧୯୬୦- ଖଣିଜ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ମିଶି 'ଓପେକ୍' ସ୍ଥାପନା କଲେ।
- ୨୦୦୩- ଏସ୍ତୋନିଆ ୟୁରୋପୀୟ ସଂଘରେ ସାମିଲ୍ ହେଲା।
- ୨୦୧୬- ପାରା ଅଲିମ୍ପିକ୍ ଖେଳରେ ଭାରତ ୪ଟି ପଦକ ଜିତିଲା।

# ସୁରକ୍ଷା ଦେବ କାନଫୁଲ

ଆଜିର ସମୟରେ ଟେକ୍ନୋଲୋଜି କେବଳ ଫୋନ୍, ଲାପଟପ୍ ଏବଂ ସ୍ମାର୍ଟୱାଚ୍ ପର୍ଯ୍ୟନ୍ତ ସୀମିତ ନାହିଁ। ଏହାର ବ୍ୟବହାର ଲୋକଙ୍କ ସୁରକ୍ଷା ପାଇଁ ବି କରାଯାଉଛି। ଏହି କ୍ରମରେ ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ପ୍ରଦେଶର ବୋହଲାଲେ ମଫାହଲେଲେ ମାତ୍ର ୧୬ ବର୍ଷ ବୟସରେ ୨୦୨୦ରେ ସ୍ମାର୍ଟ ଇଅରିଂ ନିର୍ମାଣ କରି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ଦକ୍ଷିଣ ଆଫ୍ରିକାରେ ମହିଳା ଓ ଶିଶୁମାନଙ୍କ ପ୍ରତି ବଢୁଥିବା ହିଂସା ଏବଂ ମାନବ ଚାଲାଣ ଭଳି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସେ ଏହି ପ୍ରୋଟୋଟାଇପ୍ ପ୍ରସ୍ତୁତ କରିଥିଲେ। ଏହା ଦେଖିବାକୁ ସାଧାରଣ କାନଫୁଲ ଭଳି। ବିପଦ ସମୟରେ ମହିଳାମାନେ ଫୋନ ବ୍ୟବହାର ନ କରି କେବଳ କାନଫୁଲରେ ଥିବା ଗୋପନୀୟ ବଟନ୍‌କୁ ଦବାଇବେ। ବଟନ୍ ପ୍ରେସ୍ ହେବା ମାତ୍ରେ ଏହା ସ୍ମାର୍ଟଫୋନ୍ ଆପ୍ଲିକେସନ୍ ସହ କନେକ୍ଟ ହୋଇ କ୍ଲାଉଡ୍ ସର୍ଭର ମାଧ୍ୟମରେ ପରିବାର ଓ ପୋଲିସ ନିକଟକୁ ଜରୁରୀକାଳୀନ ସୂଚନା, ଲାଇଭ୍ ଲୋକେସନ ଓ ଆକ୍ରମଣକାରୀର ଫଟୋ ପଠାଇଥାଏ। ଡିଭାଇସ୍‌ଟି ଆକାରରେ ଅତି ଛୋଟ ହୋଇଥିବାରୁ ଏଥିରେ ଏକ ଛୋଟ ମାଇକ୍ରୋ-ବ୍ୟାଟେରି ବ୍ୟବହାର କରାଯାଇଛି। ପ୍ରୋଟୋଟାଇପ୍ ଅନୁସାରେ, ଏହାକୁ ରିଚାର୍ଜ କରାଯାଇପାରିବ, କିନ୍ତୁ ବ୍ୟାଟେରିର ଦକ୍ଷତା ବଢ଼ାଇବା ଏବଂ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବା ଉପଯୋଗୀ କରିବା ପାଇଁ ବୋହଲାଲେ ଏବେ ମଧ୍ୟ କାମ କରୁଛନ୍ତି। ବର୍ତ୍ତମାନ ବୋହଲାଲେ 'ମଫାହଲେଲେ ଆଲର୍ଟସ୍' ନାମକ ନିଜର ଏକ କମ୍ପାନି ଆରମ୍ଭ କରି ଏହାକୁ ବଜାରକୁ ଆଣିବା ପାଇଁ କାମ କରୁଛନ୍ତି।





# ହିନ୍ଦୀ ଦିବସ

ପ୍ରତିବର୍ଷ ୧୪ ସେପ୍ଟେମ୍ବରରେ ହିନ୍ଦୀ ଦିବସ ପାଳନ କରାଯାଏ। ଏହି ଦିନଟିକୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ଏବଂ ଏହାର ଗୁରୁତ୍ୱକୁ ବୃଦ୍ଧି କରିବା ପାଇଁ ସମଗ୍ର ଦେଶରେ ଉତ୍ସାହର ସହ ପାଳନ କରାଯାଇଥାଏ। ସାରା ଭାରତରେ ଯୋଗସୂତ୍ରକାରୀ ଭାଷା ହେଉଛି ହିନ୍ଦୀ। ଏହାକୁ ସବୁଲୋକ ବୁଝି ପାରିବେ, ଶିଖି ପାରିବେ, କହି ପାରିବେ। ଏକଦା ଜାତିର ପିତା ମହାତ୍ମାଗାନ୍ଧୀ ଏହାକୁ ସାଧାରଣ ଜନତାର ଭାଷା ବୋଲି କହିଥିଲେ। ତେବେ ସେପ୍ଟେମ୍ବର ୧୪ରେ ହିନ୍ଦୀ ଦିବସ ପାଳନ କରିବାର ଦୁଇଟି କାରଣ ରହିଛି। ୧୯୪୯ ମସିହା ସେପ୍ଟେମ୍ବର ୧୪ ତାରିଖରେ ଭାରତର ସମ୍ବିଧାନ ସଭା ଦ୍ୱାରା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀ ଭାଷାକୁ ଭାରତର ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରଠାରୁ ଭାରତ ସରକାର ହିନ୍ଦୀକୁ ବହୁଳ ଭାବରେ ବ୍ୟବହୃତ ଭାଷା ଭାବରେ ମାନ୍ୟତା ଦେବା ପାଇଁ ଉଦ୍ୟମ କରିଥିଲେ। ଏହି ଦିବସକୁ ପାଳନ କରିବାର ଅନ୍ୟ ଏକ କାରଣ ହେଉଛି ଏହି ଦିନ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ରାଜେନ୍ଦ୍ର ସିଂହ ଜୟନ୍ତୀ ମଧ୍ୟ ପାଳନ କରାଯାଏ। ହିନ୍ଦୀ ଭାଷାକୁ ଭାରତର ରାଜଭାଷା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ପରେ ରାଷ୍ଟ୍ରଭାଷା ପ୍ରଚାର ସମିତିର ଅନୁରୋଧ କ୍ରମେ, ୧୪ ସେପ୍ଟେମ୍ବର, ୧୯୫୩ ମସିହାରେ ଦେଶରେ ପ୍ରଥମ କରି ଆନୁଷ୍ଠାନିକ ଭାବେ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା ଅଟେ। ଇଂରାଜୀ ଭାଷାର ଅଧିକ ପ୍ରଚଳନ ଓ ହିନ୍ଦୀ ଭାଷାର ଅଣଦେଖାକୁ ରୋକିବା ପାଇଁ ଏହି ଦିବସ ପାଳନ କରାଯାଏ। ହିନ୍ଦୀ ପ୍ରତି ଲୋକଙ୍କର ଆଗ୍ରହ ଦେଖି ବିଶ୍ୱର ପ୍ରାୟ ୧୭୫ ବିଶ୍ୱବିଦ୍ୟାଳୟରେ ଏହାକୁ ଏକ ବିଷୟ ଭାବେ ପଢ଼ାଯାଉଛି। ଭାରତ ବ୍ୟତୀତ ନେପାଳ, ଫିଜି, ସୁରିନାମ, ଉଗାଣ୍ଡା, ପାକିସ୍ତାନ, ବାଂଲାଦେଶରେ ବହୁସଂଖ୍ୟାରେ ହିନ୍ଦୀ ଭାଷୀ ଅଛନ୍ତି। ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟରେ ଏହି ଦିନ ହିନ୍ଦୀ ବକ୍ତୃତା, ରଚନା ଲେଖା ଏବଂ କବିତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଏ।

# 'ହନୁମାନ ଅଂଶ -୨'ରେ ବିରୁଷ୍କା



ବିଶାଲ ଚତୁର୍ବେଦୀଙ୍କ ଆଧ୍ୟାତ୍ମିକଭିତ୍ତିକ ଚଳଚ୍ଚିତ୍ର 'ହନୁମାନ ଅଂଶ' ଦୀର୍ଘ ସମୟ ଧରି ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଏହି ଚଳଚ୍ଚିତ୍ରର ସିକ୍ୱେଲରେ ଭାରତୀୟ କ୍ରିକେଟର ବିରାଟ କୋହଲି ଏବଂ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ଅତିଥି କଳାକାର ଭୂମିକାରେ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଫିଲ୍ମର ପ୍ରଯୋଜିକା ନମ୍ରତା ସିଂଙ୍କ ଏକ ସାମ୍ପ୍ରତିକ ବୟାନ ଏହି ଚର୍ଚ୍ଚାକୁ ଆହୁରି ବଢ଼ାଇ ଦେଇଛି। ମାତ୍ର ୨ କୋଟି ଟଙ୍କାର ବଜେଟରେ ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ର ବର୍ତ୍ତମାନ ସୁଦ୍ଧା ୧୫୦ କୋଟିରୁ ଅଧିକ ବ୍ୟବସାୟ କରି ସାରିଲାଣି। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ନିମ୍ କରୋଲି ବାବାଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମରେ ଶୋଭିନଭ ସତ୍ୟା ବାବାଙ୍କ ଚରିତ୍ରକୁ ଅତି ନିଖୁଣ ଭାବେ ରୂପାୟନ କରି ଦର୍ଶକଙ୍କ ମନ ଜିଣିଛନ୍ତି। ସିନେମାଟିକୁ ଅନେକ ବଡ଼ ବଡ଼ ସେଲିବ୍ରିଟି ଦେଖି ପ୍ରଶଂସା କରିଛନ୍ତି। ସେଲିବ୍ରିଟି କପଲ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ନିମ୍ କରୋଲି ବାବାଙ୍କର ପରମ ଭକ୍ତ ଭାବେ ଜଣାଯାନ୍ତି। ଏହି କାରଣରୁ ଫିଲ୍ମର ନିର୍ଦ୍ଦେଶକ ପ୍ରଥମେ ଇଚ୍ଛା ପ୍ରକାଶ କରିଥିଲେ ଯେ, ବିରାଟ ଓ ଅନୁଷ୍କା ଏହି ଫିଲ୍ମଟିକୁ ନିଶ୍ଚୟ ଦେଖନ୍ତୁ। ଏବେ ଫିଲ୍ମର ପ୍ରଯୋଜିକା ନମ୍ରତା ସିଂ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ, 'ହନୁମାନ ଅଂଶ'କୁ ତିନୋଟି ଭାଗରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏହାର ଦ୍ୱିତୀୟ ଭାଗରେ ନିମ୍ କରୋଲି ବାବାଙ୍କ କୈଞ୍ଚି ଧାମ ଅଧ୍ୟାୟ ଏବଂ ତାଙ୍କ ଭକ୍ତମାନଙ୍କ କାହାଣୀ ଦେଖାଯିବ। ଯେତେବେଳେ ତାଙ୍କୁ ପଚରାଗଲା ଯେ ଏଥିରେ ବିରାଟ-ଅନୁଷ୍କା ନଜର ଆସିବେ କି? ନମ୍ରତା କହିଛନ୍ତି, "ଆମେ କିଛି ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ସହ ଯୋଗାଯୋଗ କରିଛୁ, ଯେଉଁମାନେ ପୂର୍ବରୁ ମଧ୍ୟ ଏହି ପ୍ରୋଜେକ୍ଟ ବିଷୟରେ ଜାଣିଥିଲେ। ଆଗାମୀ ଭାଗଗୁଡ଼ିକରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଅତିଥି କଳାକାର ଭାବେ ଦେଖାଯିବାର ସମ୍ଭାବନା ରହିଛି।" ତେବେ ସେମାନେ ଏଥିପାଇଁ ସମ୍ପୂର୍ଣ୍ଣ ସ୍ୱୀକୃତି ଦେଇଛନ୍ତି କି ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

ଯଦି ଏହି ଷ୍ଟାର୍ ଦମ୍ପତି 'ହନୁମାନ ଅଂଶ'ର ସିକ୍ୱେଲରେ ଅତିଥି କଳାକାର ଭାବେ ପରଦାକୁ ଆସନ୍ତି, ତେବେ ଏହା ଭକ୍ତ ଏବଂ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଉପହାର ହେବ।



# ସ୍ୱସ୍ତି

# ଅଗ୍ରପୂଜ୍ୟ ଶ୍ରୀଗଣେଶ

**ଆଜି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ। ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ। ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ। ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି।**

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ। ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।



# ବିଶ୍ୱକର୍ମା



ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ଏହିଦିନ ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା। ବିଶ୍ୱକର୍ମାଙ୍କୁ ବିଶ୍ୱର ପ୍ରଥମ ଯନ୍ତ୍ରୀ କୁହାଯାଏ। ସକଳ ଶିଳ୍ପକଳାର ସେ ଜନକ। ତାଙ୍କୁ ନିର୍ମାଣର ଅଧିଦେବତା ବୋଲି କୁହାଯାଏ। ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ ବିଶ୍ୱ ଭୁବନ ନିର୍ମାଣ କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଶ୍ୱକର୍ମା ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ନିର୍ମାଣ କରିଛନ୍ତି। ସେଥିପାଇଁ ଏହି ଅବସରରେ ବିଭିନ୍ନ ଯନ୍ତ୍ର ତଥା ଯନ୍ତ୍ରପାତିର ପୂଜା କରାଯାଇଥାଏ। ଏହିଦିନ କଳକାରଖାନା ଶିଳ୍ପ ପ୍ରତିଷ୍ଠାନରେ ବିଧିବିଧାନ ସହ ଭଗବାନ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ବିଭିନ୍ନ ଶିଳ୍ପକଳାରେ ଜଡ଼ିତ ଗୋଷ୍ଠୀ ବେଶ୍ ଜାକଜମକରେ ବିଶ୍ୱକର୍ମା ପୂଜା କରିଥାନ୍ତି। ବିଶ୍ୱକର୍ମାଙ୍କ ପୂଜା କରିବା ଦ୍ୱାରା ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ। ଏହାସହ ବ୍ୟବସାୟରେ ମଧ୍ୟ ସୁଧାର ଆସିଥାଏ। କେବଳ ସେତିକି ନୁହେଁ, ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଘରେ ଧନ ସମ୍ପତ୍ତିର ଅଭାବ ରହି ନ ଥାଏ। ଚଳିତବର୍ଷ ଏହି ପୂଜା ସେପ୍ଟେମ୍ବର ୧୭ ତାରିଖରେ ପାଳନ କରାଯିବ।

# ୟୁରେନସ୍ ବକ୍ରୀ ୪ ରାଶି ପାଇଁ ଶୁଭ

ଅରୁଣ ଗ୍ରହକୁ ୟୁରେନସ୍ କୁହାଯାଏ। ସୌରମଣ୍ଡଳର ନବଗ୍ରହରେ ୟୁରେନସ୍ ସାମିଲ ନାହିଁ। ହେଲେ ଜ୍ୟୋତିଷ ଶାସ୍ତ୍ରରେ ବିଶେଷ ଲାଭ ମିଳିପାରେ। ୟୁରେନସ୍ ଗୋଟିଏ ରାଶିରେ ୭-୮ ବର୍ଷ ରହେ। ତେଣୁ ଗୋଟିଏ ରାଶିଚକ୍ର ପୂରା କରିବାକୁ ଅରୁଣ ଗ୍ରହକୁ ୮୪ ବର୍ଷ ଲାଗିଥାଏ। ସେହିପରି ଅରୁଣ ଗ୍ରହର ରାଶି ପରିବର୍ତ୍ତନର ପ୍ରଭାବ ୧୨ ରାଶି ଉପରେ ପଡ଼ିଥାଏ। ଏବେ ଏହା ବୃଷ ରାଶିରୁ ସେପ୍ଟେମ୍ବର ୧୦ରୁ ଓଲଟା ଚଳନ (ବକ୍ରୀ ଅବସ୍ଥା) କରିଛନ୍ତି। ଏହି ବ୍ରକୀ ଅବସ୍ଥା ଆସନ୍ତା ବର୍ଷ ଫେବୃଆରୀ ୮ ପର୍ଯ୍ୟନ୍ତ ରହିବ। ଅରୁଣ ଗ୍ରହର ଓଲଟା ଚଳନ ୪ ରାଶିକୁ ଶୁଭଫଳ ପ୍ରଦାନ କରିବ।

**ବୃଷ:** ବୃଷ ରାଶିରୁ ହିଁ ୟୁରେନସ ଓଲଟା ଚଳନ କରିଛନ୍ତି। ଏହା ବ୍ୟକ୍ତିତ୍ୱ ଓ ଚିନ୍ତାଧାରା ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ସଫଳ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନୂତନ ପରିଚିତି ଲାଭ କରିବେ। କ୍ୟାରିୟରରେ ନୂଆ ଅବସର ପ୍ରାପ୍ତ ହେବ।

**କର୍କଟ:** ବ୍ୟବସାୟରେ ବଡ଼ ଲାଭ ହେବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ମିଳିବ। କୌଣସି ବଡ଼ ଇଚ୍ଛା ପୂରଣ ହେବ।

**କନ୍ୟା:** ବିଦେଶ ଯାତ୍ରା, ଉଚ୍ଚଶିକ୍ଷା ଧାର୍ମିକ କାର୍ଯ୍ୟ ଲାଗି ଅନୁକୂଳ ସମୟ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ନିବେଶରୁ ଲାଭ ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ବିଦ୍ୟାର୍ଥୀ ଓ ଗବେଷକଙ୍କ ପାଇଁ ଉତ୍ତମ ସମୟ। ନୂଆ ଚାକିରି ମିଳିପାରେ। ସେୟାର୍ ବଜାର ଓ ସୃଜନାତ୍ମକ କ୍ଷେତ୍ରରେ କାମ କରୁଥିବା ଲୋକଙ୍କର ଅଚାନକ ଧନ ଲାଭ ଯୋଗ ଅଛି।

# ନୂଆଁଖାଇ

ନୂଆଁଖାଇ ପଶ୍ଚିମ ଓଡ଼ିଶାର ମୁଖ୍ୟ ପର୍ବ। ଏହା ଏକ କୃଷି ଭିତ୍ତିକ ପର୍ବ। ଏହାର ମୁଖ୍ୟ ଆକର୍ଷଣ ହେଉଛି ନବାନ୍ନ ଭକ୍ଷଣ ବା ନୂଆ ଅନ୍ନ ଭକ୍ଷଣ। ଏହି ପର୍ବ ଭାଦ୍ରବ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଗଣେଶ ଚତୁର୍ଥୀ ପରଦିନ ପାଳିତ ହୋଇଥାଏ। ଏହିଦିନ ବର୍ଷର ପ୍ରଥମ ଅନ୍ନ ଇଷ୍ଟଦେବୀଙ୍କୁ ସମର୍ପଣ କରି ଗ୍ରହଣ କରାଯାଏ। ମହୁଲ, କୁରେଇ, ସିଆଳି, ସରଗି ଭଳି ଗଛକୁ ପୂଜାର୍ଚ୍ଚନା କରିବା ପରେ ସେଥିରୁ ପତ୍ର ସଂଗ୍ରହ କରାଯାଏ। ସେହି ପତ୍ରରେ ତିଆରି ଖଲି, ଚଉପତି, ଦନା, ଠୋଲାରେ ମାଆଙ୍କ ନିକଟରେ ନବାନ୍ନ ଲାଗି ହୁଏ। ତା'ପରେ ସମସ୍ତେ ନୂଆ ଖାଇଥାନ୍ତି। କଳାହାଣ୍ଡିର ମାଣିକେଶ୍ୱରୀ, ଜୁନାଗଡ଼ ଓ ଆଖପାଖର ଲଙ୍କେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, ବଲାଙ୍ଗୀର ଓ ପାଟଣାଗଡ଼ର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ଆଦି ଦେବୀଦେବଙ୍କ ପୀଠରେ ପ୍ରଥମେ ନବାନ୍ନ ଭୋଗ ଲାଗି ହେବା ପରେ ସେହି ଅନ୍ନକୁ ସମସ୍ତେ ଗ୍ରହଣ କରିବାର ପରମ୍ପରା ରହିଆସିଛି। ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରାଯାଏ। ନୂଆ ଦୀପରେ ପୂଜା କରାଯାଏ। ନବନିର୍ମିତ ଚୁଲିରେ ନୂଆ ହାଣ୍ଡିରେ ଚୁଡ଼ା ଭଜା ଯାଏ। ସେହି ନୂଆ ଚୂଡ଼ାରେ ଘିଅ, କ୍ଷୀର, ନଡ଼ିଆ, କଦଳୀ ଗୁଡ଼ ଆଦି ମିଶ୍ରଣ କରାଯାଇ ନବାନ୍ନ ପ୍ରସ୍ତୁତ କରାଯାଏ। ପ୍ରଥମେ ଇଷ୍ଟଦେବୀଙ୍କ ପାଖରେ ନୂଆ ଧାନର ବେଣୀ ଝୁଲା ଯାଏ ଏବଂ ଇଷ୍ଟଦେବୀ ଓ ପୂର୍ବପୁରୁଷଙ୍କୁ ନବାନ୍ନ ଅର୍ପଣ ହେବା ପରେ ସାନରୁ ବଡ଼ ସମସ୍ତେ ନବାନ୍ନ ପ୍ରସାଦ ଭକ୍ଷଣ କରିଥାନ୍ତି।

# ପବିତ୍ର ରାଧାଷ୍ଟମୀ

ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ। ସେପ୍ଟେମ୍ବର ୧୯ରେ ରାଧାଷ୍ଟମୀ ପଡ଼ିବ।



## ମହିଳା ଏସିଆ କପ୍ କ୍ରିକେଟ ଫାଇନାଲ୍

# ଭାରତର ବିଶାଳ ସ୍କୋର; ଶ୍ରୀଲଙ୍କା ଧରାଶାୟୀ

ଦୁବାଇ, ୧୩।୯ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ମହିଳା ଏସିଆ କପ୍‌ର କ୍ରିକେଟ୍‌ର ଦଶମ ସଂସ୍କରଣ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ରବିବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ୫ ୱିକେଟରେ ୧୮୩ ରନର ବିଶାଳ ସ୍କୋର କରିଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଶ୍ରୀଲଙ୍କା ୧୫ ଓଭରରେ ୪ୱିକେଟ ହରାଇ ୯୮ ରନ କରି ପରାଜୟ ଦ୍ୱାରରେ ରହିଛି। ଯଦି ଭାରତ ଚାମ୍ପିଅନ ହୁଏ ତେବେ ରେକର୍ଡ ୮ମଥର ଲାଗି ଚାମ୍ପିଅନ ହେବ।

ଏହି ଗ୍ରାଣ୍ଡଫାଇନାଲ ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ଦୁଇ ଓପନର୍ ମନ୍ଧାନା ଓ ଶେଫାଳି ବିସ୍ଫୋରକ



ଆରମ୍ଭ କରିଥିଲେ। ଉଭୟ ଶ୍ରୀଲଙ୍କା ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ବିଶେଷ କରି ଶେଫାଳି ଅଧିକ ଆକ୍ରମଣାତ୍ମକ ଖେଳିଥିଲେ। ୩୯ଟି ବଲ୍ ସାମ୍ନା କରିଥିବା ଶେଫାଳି ୯ ଚୌକା ଓ ୨ ଛକା ବଳରେ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ଶେଫାଳି ପ୍ରଥମ ୱିକେଟରେ ମନ୍ଧାନାଙ୍କ ସହ ୭୭ ବଲରୁ ୧୨୯ ରନ ଉଠାଇଥିଲେ। ବାମହାତୀ ସ୍ପିନର ଚାମୁଡି ପ୍ରବୋଧା ଶ୍ରୀଲଙ୍କାକୁ ଏହି ପ୍ରତୀକ୍ଷିତ ବ୍ରେକ-ଥ୍ରୁ ଦେଇଥିଲେ। ଶେଫାଳିଙ୍କ ଆଉଟ୍ ହେବାର ପାଞ୍ଚଟି ବଲ୍ ପରେ ମନ୍ଧାନା ଦୁର୍ଭାଗ୍ୟଜନକ ଭାବରେ ରନଆଉଟ୍ ହୋଇଥିଲେ। ତିନୋଟି ଛକା ଓ ୫ଟି ଚୌକା ବଳରେ ମନ୍ଧାନା ୩୯ ବଲରୁ ୫୯ ରନ କରିଥିଲେ।

### ସ୍ମୃତି ମନ୍ଧାନାଙ୍କ କୀର୍ତ୍ତିମାନ

ଭାରତୀୟ ଦଳର ଅଭିଜ୍ଞ ଓପନର୍ ସ୍ମୃତି ମନ୍ଧାନା ଏହି ମ୍ୟାଚରେ ୫୯ ରନ କରିଥିଲେ। ଯାହାକି ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କର ୫୯ତମ ଅର୍ଦ୍ଧଶତକ ଥିଲା। ଏଥିସହ ମନ୍ଧାନା ଅନ୍ତର୍ଜାତୀୟ ମହିଳା ଟି-୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ମନ୍ଧାନା ବର୍ତ୍ତମାନ ସୁଦ୍ଧା ୧୭୬ଟି ଟି-୨୦ ମ୍ୟାଚରୁ ୩୦.୬୫ ଆଭରେଜରେ ୪୭୫୧ ରନ ସଂଗ୍ରହ କରିଛନ୍ତି। ଏହିକ୍ରମରେ ମନ୍ଧାନା ନ୍ୟୁଜିଲାଣ୍ଡର ପୂର୍ବତନ ବ୍ୟାଟର୍ ସୁଜି ବେଟ୍ସଙ୍କୁ ପଛରେ ପକାଇ ଦେଇଛନ୍ତି। ବେଟ୍ସ ୧୮୬ ଟି-୨୦ ମ୍ୟାଚରୁ ୪୭୫୮ ରନ କରିଥିଲେ। ହରମନପ୍ରୀତ୍ ୪୨୮୬ ରନ ସହ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

## ହରମନପ୍ରୀତ୍‌ଙ୍କ ସହ ହାତ ନ ମିଳାଇବା ବିବାଦ

# ଆମର ନିଷ୍ପତ୍ତି ନୁହେଁ: ବିସିବି

ଢ଼ାକା,୧୩।୯ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟରେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ସହ ବାଂଲାଦେଶ ଅଧିନାୟିକା ନିଗାର ସୁଲତାନା ହାତ ନ ମିଳାଇବା ନିଷ୍ପତ୍ତି ଆମର ନୁହେଁ। ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଓ ଏଥିଲାଗି ଆମେ କୌଣସି ନିଷ୍ପତ୍ତି ନେଇନାହୁଁ। ଏହି ଘଟଣାରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ର କୌଣସି ଭୂମିକା ନାହିଁ ବୋଲି ମହିଳା କମିଟିର ଚେୟାରମ୍ୟାନ୍ ରଫିକୁଲ ଇସ୍‌ଲାମ ବାବୁ କହିଛନ୍ତି। ତାଙ୍କ ମତରେ ଆମେ ବିଶ୍ୱର ସମସ୍ତ କ୍ରିକେଟ ବୋର୍ଡ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରଖିବାକୁ ଚେଷ୍ଟା କରୁଛି। ଭାରତ ଏଥିରୁ ବାଦ୍ ଯାଇ ନାହିଁ। ଏଭଳି ସ୍ଥିତିରେ ଭାରତ ବିପକ୍ଷ ଏସିଆ କପ୍ ସେମିଫାଇନାଲରେ ନିଗାର ସୁଲତାନାଙ୍କ ଏଭଳି ବ୍ୟବହାର ସମ୍ପର୍କରେ ନିଶ୍ଚିତ ଆଲୋଚନ ହେବ। ଏବେ ବିସିବି ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ଦୁବାଇରେ ଅଛନ୍ତି ଓ ସେମାନେ ସ୍ୱଦେଶ ଫେରିବା ପରେ ଏଭଳି ବିଶୃଙ୍ଖଳିତ ଆଚରଣ ଉପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ବାବୁ କହିଛନ୍ତି। ଲିଗ୍ ମ୍ୟାଚରେ ଶ୍ରୀଲଙ୍କା ଓ ସେମିଫାଇନାଲରେ ଭାରତଠାରୁ ବିନା ଲଢ଼େଇରେ ହାରିବା ପରେ ନିଗାରଙ୍କ ନେତୃତ୍ୱ ମଧ୍ୟ ସଙ୍କଟରେ ରହିଛି। ତେବେ ଏ ସମ୍ପର୍କରେ ବୋର୍ଡ କର୍ମକର୍ତ୍ତାଙ୍କ ବୈଠକ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ନିକଟରେ ପାକିସ୍ତାନ ସରକାର ଭାରତରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବାରୁ ଭାରତର ଅଧିନାୟକ ପାକିସ୍ତାନୀ ଅଧିନାୟକଙ୍କ ସହ ମ୍ୟାଚ୍ ପୂର୍ବରୁ କିମ୍ବା ପରେ ହାତ ମିଳାଉନାହାନ୍ତି। ଏବେ ବାଂଲାଦେଶର ସୁଲତାନା ସେହି ବିବାଦକୁ ନୂଆ ରୂପ ଦେବାକୁ ଚେଷ୍ଟା କରିଛନ୍ତି।

■ ୨୨ ବଲ୍‌ରେ ଅଭିଷେକଙ୍କ ଅର୍ଦ୍ଧଶତକ

# ୭ ୱିକେଟରେ ଜିତିଲା ଭାରତ



ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଇଶାନ କିଶାନଙ୍କ ସହ ଦ୍ରୁତ ଅର୍ଦ୍ଧଶତକୀୟ ଭାଗୀଦାରି ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ଭାରତ ୭ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ ଏଠାରେ ଯଥାକ୍ରମେ ୧୫ ଓ ୧୭ରେ ଖେଳାଯିବ। ଏହି ମ୍ୟାଚ୍‌ରେ ୨୨ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିବା ପରେ ୩୨ବଲ୍‌ରୁ ୭ଟି ଲେଖାଏଁ ଚୌକା ଓ ଛକା ସହ ୮୨ ରନ୍ କରିଥିବା ଅଭିଷେକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୮ୱିକେଟରେ ୧୫୬ ରନ୍ କରିଥିଲା। ଦଳ ୪୩ ରନ୍‌ରେ ୫ ୱିକେଟ ହରାଇବା ପରେ ଆଜମତୁଲ୍ଲା ଓମରଜାଇ ଓ ମହମ୍ମଦ୍ ନବି ୬ଷ୍ଠ ୱିକେଟରେ ୫୬ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ଓମରଜାଇ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ୪୪ ବଲ୍‌ରୁ ଅପରାଜିତ ୬୪ ଓ ନବି ୨୭ ବଲ୍‌ରେ ୩୩ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ଜବାବରେ ୧୫୭ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ୧୩.୪ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ଦ୍ୱିତୀୟ ୱିକେଟରେ ଅଭିଷେକଙ୍କ ସହ ୫୩ ବଲ୍‌ରୁ ୧୨୧ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଥିଲେ। କିଶାନ ୩୩ବଲ୍‌ରୁ ୫ଚୌକା ଓ ୧ ଛକା ସହ ୪୨ରନ୍‌ରେ ଆଉଟ ହୋଇଥିଲେ।

# ୯୪ ବର୍ଷରେ ପ୍ରଥମ; ଘରୋଇ ମାଟିରେ ଭାରତ ବିଦେଶୀ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ଭାରତୀୟ କ୍ରିକେଟ ଇତିହାସରେ ଭାରତ ଘରୋଇ ମାଟିରେ ବିଦେଶୀ ଦଳ ଭାବେ ଖେଳୁଛି। ଏଠାରେ ଆଜି ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଘରୋଇ ଓ ବିଦେଶୀ ଦଳଙ୍କ ଲାଗି ଅଲଗା ଅଲଗା ଡ୍ରେସିଂ ରୁମ୍ ରହିଛି। ଏହି ମ୍ୟାଚ୍‌ରେ ଭାରତ ବିଦେଶୀ ଦଳର ଡ୍ରେସିଂ ରୁମ୍ ବ୍ୟବହାର କରିଛି। ଏହାର କାରଣ ହେଲା ଆଫଗାନିସ୍ତାନ ଏହି ସିରିଜ୍‌ର ପ୍ରାୟୋଜକ ରହିଛି। ଫଳରେ ପ୍ରସାରଣ ଅଧିକାର, ଷ୍ଟାଡିୟମ୍ ବିଜ୍ଞାପନ ଓ ଟିକଟ ବିକ୍ରୟରୁ ମିଳୁଥିବା ଅର୍ଥ ଆଫଗାନିସ୍ତାନ ନେବ। ଫଳରେ ଭାରତୀୟ କ୍ରିକେଟର ୯୪ ବର୍ଷ ଇତିହାସରେ ଭାରତ ପ୍ରଥମଥର ଏକ ବିଦେଶୀ ଦଳ ଭାବେ ଖେଳୁଛି। ସୂଚନାଯୋଗ୍ୟ ନିଜ ଦେଶରେ ସୁରକ୍ଷା କାରଣରୁ ଆଫଗାନିସ୍ତାନ ବିଦେଶରେ କ୍ରିକେଟ ଖେଳୁଛି। ଏହାର ଘରୋଇ ସିରିଜ୍ ଭାରତ ଓ ୟୁଏଇରେ ଆୟୋଜିତ ହେଉଛି। ଭାରତରେ ଏହି ଦେଶ ଅନେକ ଦେଶ ବିପକ୍ଷରେ ଆୟୋଜକ ଭାବେ ସିରିଜ୍ ଖେଳିଛି। କିନ୍ତୁ ପ୍ରଥମଥର ଭାରତ ବିପକ୍ଷରେ ଆଫଗାନିସ୍ତାନ ସିରିଜ୍ ଆୟୋଜନ କରୁଛି। ଯାହା ଫଳରେ ଘରୋଇ ମାଟିରେ ଭାରତ ବିଦେଶୀ ହୋଇଯାଇଛି। ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସ ପୂର୍ବରୁ ପ୍ରସ୍ତୁତି ସ୍ୱରୂପ ଏହି ସିରିଜ୍ ଉପରେ ଗୁରୁତ୍ୱ ଦେଉଛନ୍ତି।

# ଦକ୍ଷିଣ ଆଫ୍ରିକାର ଦିନିକିଆ କ୍ଲିନ୍ ସ୍ୱିପ୍

ୱିଣ୍ଡୋହକ୍,୧୩।୯ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ନାମିବ୍ୟାକୁ ପରାସ୍ତ କରିଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ୩-୦ରେ ଏହି ସିରିଜ୍‌କୁ କ୍ଲିନ୍ ସୁଇପ କରିଛି। ସୂଚନାଯୋଗ୍ୟ ଦକ୍ଷିଣ ଆଫ୍ରିକା ବିଶ୍ୱର ଏକ ଶ୍ରେଷ୍ଠ ଦଳ ଭାବେ ନାମିବ୍ୟାରେ ପ୍ରଥମଥର ସିରିଜ୍ ଖେଳିଛି। ଏହି ମ୍ୟାଚ୍‌ରେ ୩୩ ରନ୍ ଦେଇ ୪ଟି ୱିକେଟ ନେଇଥିବା ଅଧିନାୟକ ଜର୍ଣ୍ଣ ଫୋର୍ଟୁଇନ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମୋଟ ୩ଟି ମ୍ୟାଚ୍‌ରେ ସର୍ବାଧିକ ୨୪୭ ରନ୍ କରିଥିବା ଜୋର୍ଡାନ ହର୍ମାନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନାମିବ୍ୟା ୩୬.୨ ଓଭରରେ ୧୫୬ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭୧ ବଲ୍ ଓ ୯ଟି ୱିକେଟ ବାକିଥାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜୋର୍ଡାନ ୭୭ରନ୍‌ରେ ଆଉଟ ହୋଇଥିଲାବେଳେ କନ୍ନର ଇସ୍ତରହୁଇଜେନ୍ ୬୮ ରନ୍‌ରେ ଅପରାଜିତ ରହିଥିଲେ।

■ ନିଖିଳ ଓଡ଼ିଶା ସିକ୍ସ ରେଡ୍ ସ୍ନୁକର

# ମହମ୍ମଦ୍ ରାଜାଙ୍କ ଡବଲ ବିଜୟ



କଟକ,୧୩।୯ (ସମିସ): ଫୋକାଲ କେପ୍ ଦ୍ୱିତୀୟ ଜିକେ ନିଖିଳ ଓଡ଼ିଶା ସିକ୍ସ-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଡବଲ ସଫଳତାରୁ ମହମ୍ମଦ୍ ରାଜା ଅଭିଯାନ ଆରମ୍ଭ କରିଛନ୍ତି। କଟକ ସିଡିଏ ଗୋଲ୍ଡେନ କ୍ୟୁ ସ୍ନୁକର କେଫ୍‌ରେ ଆଜି ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେବୀପ୍ରସାଦ ସାହୁ ଖେଳିବାକୁ ଅସମର୍ଥ ହେବାରୁ ପ୍ରଥମ ମ୍ୟାଚ୍‌ରେ ରାଜାଙ୍କୁ ୱାକ୍ ଓଭର ମିଳିଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟର ଅନ୍ୟତମ ଟାଣୁଆ ଖେଳାଳି ଚିରାଗ ଅରୋରାଙ୍କୁ କଡ଼ା ମୁକାବିଲାରେ ୩-୨ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ମହାପାତ୍ର, ଆଶିଷ ଶର୍ମା, ଆଚାର୍ଯ୍ୟ ଦିନେଶ, ଅମିତ ସିଂ, ମିହିର ଭୋରା, ସଞ୍ଜୀବ ସାହୁ ଓ ସାଗର ସ୍ୱାଇଁ। ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ଓ ଆଶିଷ ୩-୧ରେ, ଦିନେଶ, ସଞ୍ଜୀବ ଓ ସାଗର ୩-୦ ଫ୍ରେମ୍‌ରେ ମ୍ୟାଚ୍ ବିଜୟୀ ହୋଇଥିଲେ।

# ଜାପାନ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୩ ପଦକ

ଭୁବନେଶ୍ୱର, ୧୩।୯ (ସମିସ): ଟୋକିଓରେ ରବିବାର ଶେଷ ହୋଇଥିବା ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଓଡ଼ିଶାର ୩ ଖେଳାଳି ମୋଟ୍ ୩ଟି ପଦକ ବିଜୟୀ ହୋଇଛନ୍ତି।



ଯେଉଁଥିରେ ପ୍ରମୋଦ ଭଗତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଦୀପ୍ ରଞ୍ଜନ ବିଶୋୟୀ ଓ କୁଳଦୀପ ମହାକୁଡ଼ ଯୋଡ଼ି କାଂସ୍ୟ ପଦକ ହାସଲ କରିଛନ୍ତି। ଛଅଥରର ବିଶ୍ୱ ବିଜେତା ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଏସଏଲ-୩ କାଟାଗୋରୀର ଫାଇନାଲରେ ୨୧-୧୬, ୨୧-୧୮ ଗେମରେ ନିଜ ଦେଶର ଉମେଶ କୁମାରଙ୍କୁ ପରାସ୍ତ କରିଥିଲେ। ଏହାପପରେ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କମଦ ଯୋଡ଼ି ଫାଇନାଲରେ ୫-୨୧, ୧୫-୨୧ ଗେମରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସର ଏସଏଲ-୩ ଓ ଏସୟୁ-୫ ବର୍ଗରେ ଓଡ଼ିଆ ଯୋଡ଼ି ଦୀପରଞ୍ଜନ ଓ କୁଳଦୀପଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

# ରିବାକିନା ମହିଳା ସିଙ୍ଗଲ୍ସ ଚାମ୍ପିଅନ

ନ୍ୟୁୟର୍କ,୧୩।୯ (ଏଜେନ୍ସି): ଗତ ଦୁଇଥରର ଚାମ୍ପିଅନ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଏଲେନା ରିବାକିନା ୨୦୨୬ର ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ କାଜାଖସ୍ଥାନର ରିବାକିନାଙ୍କୁ ଡବଲ ସଫଳତା ମିଳିଛି। ଏହି ବିଜୟ ଫଳରେ ବେଲାରୁଷର ସାବାଲେଙ୍କାଙ୍କୁ ସେ ହ୍ୟାଟ୍ରିକ୍ ଟାଇଟଲରୁ ବଞ୍ଚିତ କରିଛନ୍ତି। ଦ୍ୱିତୀୟରେ ସାବାଲେଙ୍କାଙ୍କୁ ହଟାଇ ସେ ମଧ୍ୟ ବିଶ୍ୱର ନଂ-୧ ଖେଳାଳି ହୋଇଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ରିବାକିନା ୬-୪, ୫-୭, ୬-୨ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରି କ୍ୟାରିୟରରେ ତୃତୀୟ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ୨୦୨୨ରେ ୱିମ୍ବଲଡନରେ ପ୍ରଥମ ଟାଇଟଲ ଜିତିଥିବା ରିବାକିନା ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନରେ ସାବାଲେଙ୍କାକୁ ହରାଇ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏହି ବିଜୟ ଖୁବ୍ ଆନନ୍ଦ ଦେଇଛି, କିନ୍ତୁ ଏହାକୁ ହାସଲ କରିବା ଲାଗି ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ସେ ଯାହା ହେଉ ମୁଁ ମୋ କାମକୁ ନେଇ



ବେଶ ଗର୍ବିତ ବୋଲି ରିବାକିନା କହିଛନ୍ତି। ଏହି ବିଜୟ ଫଳରେ ୟୁଏସ୍ ଓପନରେ ସାବାଲେଙ୍କାଙ୍କ ୨୧ତମ ବିଜୟରେ ବ୍ରେକ୍ ଲଗାଇଛନ୍ତି ସାବାଲେଙ୍କା।

ପୁରୁଷ ବିଭାଗରେ ଆଜି ରାତିରେ ଟପ୍ ସିଡ ଆଲେକଜାଣ୍ଡର ଜ୍ୱେରେଭ ଓ ବେନ୍ ଶେଲଟନଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେଉଛି। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ନିଜ ଦେଶର ଫ୍ରାନ୍‌ସେସ ଟିଆଫୋଏଙ୍କୁ ପରାସ୍ତ କରି ଶେଲଟନ ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି କାରେନ ଖାଚାନୋଭ୍‌ଙ୍କୁ ହରାଇ ଜ୍ୱେରେଭ ତୃତୀୟଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜ୍ୱେରେଭ ଓ ଶେଲଟନଙ୍କ ମଧ୍ୟରେ ମୁକାବିଲା ବେଶ ରୋମାଞ୍ଚକର ହୋଇପାରିଛି।

# ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଶ୍ରୀବାସ୍ତବଙ୍କୁ ବହିଷ୍କାର କଲେ ଦିଲୀପ

ନୂଆଦିଲ୍ଲୀ,୧୩।୯ (ଏଜେନ୍ସି): ବିଶୃଙ୍ଖଳିତ ଆଚରଣ, ଆଦେଶ ଅବମାନନା, ସୂଚନାକୁ ଲୁଚାଇବା, ଖେଳାଳି ଓ କୋଚ୍‌ଙ୍କୁ ଆବଶ୍ୟକୀୟ ଆଦେଶକୁ ନ ଜଣାଇବା ଆଦି ୮ଟି ଅଭିଯୋଗରେ ହକି ଇଣ୍ଡିଆର ସର୍ବଶକ୍ତିମାନ କର୍ମକର୍ତ୍ତା ତଥା ମହାନିର୍ଦ୍ଦେଶକ କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କୁ ସଭାପତି ଦିଲୀପ ତିର୍କୀ ବହିଷ୍କାର କରିଛନ୍ତି। ସଂଗଠନର କାର୍ଯ୍ୟଧାରାରେ ବାଧା ସୃଷ୍ଟି କରିବା ଓ ନିଜ ଇଚ୍ଛାନୁଯାୟୀ କାମ କରି ହକି ଇଣ୍ଡିଆର ନିୟମକୁ ଉଲ୍ଲଙ୍ଘନ କରିଥିବା ଶ୍ରୀବାସ୍ତବଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେ ସମ୍ପର୍କରେ ଉତ୍ତରଦେବାକୁ ୪ ସପ୍ତାହ ସମୟ ଦିଆଯାଇଛି। ଏହା ସହ ହକି ଇଣ୍ଡିଆ ଲାଗି କୌଣସି ନିଷ୍ପତ୍ତି, ନିର୍ଦ୍ଦେଶ ଓ ସ୍ୱାକ୍ଷର ନ କରିବାକୁ ମଧ୍ୟ ସଭାପତି ତିର୍କି ଦେଇଥିବା ବହିଷ୍କାର ଆଦେଶରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ଯାଏ, ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଅନ୍ୟ ପକ୍ଷରେ ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ ଏଭଳି ନିର୍ଦ୍ଦେଶର କୌଣସି ବୈଧତା ନାହିଁ ବୋଲି କହିଛନ୍ତି। ତାଙ୍କ ମତରେ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ କମିଟି ଏଭଳି କୌଣସି ନିଷ୍ପତ୍ତି ନେଇ ନ ଥିବା ବେଳେ ସଭାପତିଙ୍କ ଆଦେଶକୁ ସେ ମାନିବେ ନାହିଁ ବୋଲି କହିଛନ୍ତି।

ମହାନିର୍ଦ୍ଦେଶକ ଶ୍ରୀବାସ୍ତବଙ୍କୁ ବହିଷ୍କାର ଆଦେଶରେ ସଭାପତି ତିର୍କି ୩ଟି କାମରେ ବିଶୃଙ୍ଖଳିତ ଆଚରଣ ସମ୍ପର୍କରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗତ ଏକ ବର୍ଷରେ ଶ୍ରୀବାସ୍ତବ କିପରି ଆଦେଶ ଅବମାନନା କରିଛନ୍ତି ତାହା ଉଲ୍ଲେଖ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ପର୍ଯ୍ୟବେକ୍ଷକ ଭାବେ ସୁଭଦ୍ରା ପ୍ରଧାନ, ରାଣି ରାମପାଲ ଓ ସର୍ଦ୍ଦାର ସିଂହଙ୍କୁ ଯୋଗଦେବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ମହାନିର୍ଦ୍ଦେଶକ ମହୋଦୟ ଏହା କାହାରିକୁ ନ ଜଣାଇ ନିଜେ ଚାଲିଯାଇଥିଲେ। ଦ୍ୱିତୀୟରେ ହକି ଜର୍ସି ପରିବର୍ତ୍ତନ କରିବା ନେଇ ସେ କାହାରିକୁ କିଛି ସୂଚନା ଦେଇ ନ ଥିଲେ। ଜର୍ସି ପରିବର୍ତ୍ତନ ପରେ ଏହା ହକି ଇଣ୍ଡିଆ ସଭାପତି ଓ ଅନ୍ୟମାନେ ଜାଣିଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ଟୁର୍‌ରେ ବିଶୃଙ୍ଖଳିତ ବ୍ୟବହାର କରିଥିବା କିଛି ଖେଳାଳି ଓ କୋଚ୍ କ୍ରେଗ୍ ଫୁଲଟନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର ହୋଇଥିଲା। ଏହି ଆଚରଣ ସମ୍ପର୍କରେ ବିକ୍ରମ ପାଲ ଦେଇଥିବା ରିପୋର୍ଟକୁ ମହାନିର୍ଦ୍ଦେଶକ ଫାଇଲ ତଳେ ଚାପିଦେଇଥିଲେ।

ଏଭଳି ଜଣେ କର୍ମକର୍ତ୍ତା ହକି ଇଣ୍ଡିଆର କାମରେ ବାଧା ସୃଷ୍ଟି କରିବା, ଯୋଗାଯୋଗ ନ କରିବା, ସଭାପତିଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ଯୋଗୁଁ ଶ୍ରୀବାସ୍ତବଙ୍କର ସମସ୍ତ କ୍ଷମତା ତତ୍‌କ୍ଷଣାତ ପ୍ରତ୍ୟାହାର କରିନିଆଯାଇଛି। ହକି ଇଣ୍ଡିଆର ବାଇ ଲ' ଅନୁଯାୟୀ ସଭାପତି ତିର୍କି ଏଭଳି ନିଷ୍ପତ୍ତି ନେଇଥିବା ନିର୍ଦ୍ଦେଶନାମାରୁ ଜଣାଯାଇଛି।

# ଏସୀୟ ବ୍ୟାଡ୍‌ମିଣ୍ଟନରେ ପୁଣିଥରେ ତନ୍ୱୀଙ୍କ କମାଲ୍

## କ୍ରମାଗତ ଟାଇଟଲ ଜିତି ଓଡ଼ିଶାର ଟେକ ରଖିଲେ

ଭୁବନେଶ୍ୱର, ୧୩।୯ (ସମିସ): ଓଡ଼ିଶାର ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱୀ ପତ୍ରି ପୁଣିଥରେ ଅନ୍ତର୍ଜାତୀୟସ୍ତରରେ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଚାଇନାର ଚେଙ୍ଗଡୁରେ ରବିବାର ଉଦ୍‌ଯାପିତ ହୋଇଥିବା ବ୍ୟାଡମିଣ୍ଟନ ଏସିଆ ୧୭ ବର୍ଷରୁ କମ୍ ଚାମ୍ପିଅନସିପ୍‌ରେ ତନ୍ୱୀ ଚାମ୍ପିଅନ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ତନ୍ୱୀ ୧୧-୧୫, ୧୫-୧୦, ୧୫-୧୨ ଗେମରେ ସାଥୀ ଭାରତୀୟ ଖେଳାଳି ସାଇନା ମନିମୁଥୁଙ୍କୁ ପରାସ୍ତ କରିଥିଲେ। ଫଳରେ ୧୫ ବର୍ଷୀୟା ତନ୍ୱୀଙ୍କ ଏହା କ୍ରମାଗତ ଦ୍ୱିତୀୟ ଏସୀୟ ଟାଇଟଲ୍ ହୋଇଛି। ବାଲେଶ୍ୱର ସିମୁଳିଆ ଜନ୍ମିତ ତନ୍ୱୀ ଏଥିପୂର୍ବରୁ ୨୦୨୪ରେ ୧୫ ବର୍ଷରୁ କମ୍ ଏସିଆନ ଚାମ୍ପିଅନସିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନିକଟରେ ତନ୍ୱୀ ମଧ୍ୟ ସିନିଅରବର୍ଗରେ ତାଙ୍କର ପ୍ରଥମ ଟାଇଟଲ୍ ଜିତିଥିଲେ। ଇଣ୍ଡୋନେସିଆରେ ଅନୁଷ୍ଠିତ ପୋଣ୍ଟିଆଙ୍କ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜରେ ତନ୍ୱୀ ଚାମ୍ପିଅନ ହୋଇ ଏହି ସଫଳତା ପାଇଥିଲେ।



ଏସିଆ କପ୍ ଜୁନିଅର ହକି

# ଡବଲ୍ ସ୍ୱର୍ଣ୍ଣ ସହ ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ମୋକି, ୧୩।୯ (ଏଜେନ୍ସି)

ଭାରତୀୟ ହକି ପାଇଁ ରବିବାର ଏକ ସ୍ମରଣୀୟ ଦିନ ହୋଇଛି। ଚାଇନାରେ ଅନୁଷ୍ଠିତ ଜୁନିଅର ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଡବଲ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କାଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଫାଇନାଲରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ରେକର୍ଡ ଷଷ୍ଠ (୨୦୦୪, ୨୦୦୮, ୨୦୧୫, ୨୦୨୩, ୨୦୨୪, ୨୦୨୬)ଥର ଲାଗି ଚାମ୍ପିଅନ ହୋଇଛି। ସେହିଭଳି ଭାରତୀୟ ଜୁନିଅର ମହିଳା ହକି ଦଳ ଫାଇନାଲରେ ଆୟୋଜକ ଚାଇନାକୁ ୧-୦ ଗୋଲରେ ମାତ୍ ଦେଇ ହ୍ୟାଟ୍ରିକ (୨୦୨୩, ୨୦୨୪ ଓ ୨୦୨୬) ଟାଇଟଲ ଅର୍ଜନ କରିଛି। ବିଜୟ ସହ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଜୁନିଅର ହକି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

**ପ୍ରତି ଖେଳାଳିଙ୍କୁ ୩ ଲକ୍ଷ** : ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଜୁନିଅର ପୁରୁଷ ଓ ମହିଳା ହକି ଦଳ ପାଇଁ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ଚାମ୍ପିଅନ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ୩ ଲକ୍ଷ ଲେଖାଏ ଏବଂ ସପୋର୍ଟ ଷ୍ଟାଫଙ୍କୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ।

ସକାଳ
THE SAKALA
A unit of Nandighosha Network Pvt. Ltd.
URGENT HIRING
The Sakala (A unit of Nandighosha Network Pvt. Ltd.) invites application for the following position
C.T.P. Operator | Minimum 2-3 Yrs. experience
Please send your CV with recent passport size photo to
hr@thesakala.com
Sd/-
Asst. Manager HR

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS